49

# ଧରିତ୍ରୀ
DHARITRI

୪୯

ରାୟଗଡ଼ା, ରବିବାର, ନଭେମ୍ବର ୨୭/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) Rayagada, Sunday, November 27/2022 Page 16 ₹ 7.00 ★

୧୨ଶ ଭାଗ ୨୮୮ ସଂଖ୍ୟା www.orissakhabar.com/www.dharitri.com | Printed at Rayagada VOLUME 12 ISSUE 288 ମୂଲ୍ୟ ₹୭/-





## COME HOME TO A LOVEMARK.

As one of the most progressive and pioneering real estate brands of Odisha, we at EVOS have resolved to create Lovemarks. A home that is a creation from the heart, an outpouring of passion for the finest that life has to ever offer. A life space that brings together the best of the best, curated by the celebrated. At EVOS a home is where the heart is. And the heart is where a lovemark is. So if you're thinking of a home in your homeland, think no further than an EVOS Lovemark.





evos SEA ROSES

RP/26/2021/00530

Nearer to
Sea Beach,
Sipasarubali, Puri

**Pure Returns.**
**Pure Puri**

Swimming pool & landscaped garden ● Gym, Spa, Yoga centre ● Community hall, open cafeteria ● Power back-up and backup Lift ● 24/7 Security & Video security ● Gated community with intercom facility ● Fire fighting equipment and sprinkler system ● Parking space





NIRVANA

ORERA : RP/19/2022/00707

VIVEKANANDA MARG
BHUBANESWAR

**Closer to your new world.**
**Rooted in the old town charm.**

● 5 Storey Premium Tower ● Offering Larger 3 & 4 BHK apartments ● Apartments with sweeping decks overlooking the old town views ● Unique curations featuring Bhubaneswar's first Wind Chime Garden ● Lifestyle indulgences include roof top swimming pool, gym, yoga & meditation deck

For details **call now**
+91 9021150000
www.evosbuildcon.com

evos™ spreading love

MEMBER OF CREDAI BHUBANESWAR

Plot No: M/76, Housing Board Colony, Baramunda, Bhubaneswar, Odisha-751003

# ଖରାରେ କାନ ଧରି ଠିଆକରାଇଲେ

## କଲେଜ ଛାତ୍ରୀଛାତ୍ରଙ୍କୁ ଏମିତି ଦଣ୍ଡ ଦେଉଛନ୍ତି ଅଧାପକ



**ବାରିପଦା ଅଫିସ, ୨୬।୧୧**

ବିଭିନ୍ନ କଲେଜରେ ସିନିୟରମାନଙ୍କ ଦ୍ୱାରା ଜୁନିୟର ଛାତ୍ରୀଛାତ୍ର ରାଗିଂ ଶିକାର ହେଉଥିବା ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଥମି ନ ଥିବା ବେଳେ ମୟୂରଭଞ୍ଜ ଜିଲା ଟିକରପଡା ସରକାରୀ ପଲିଟେକ୍ନିକ କଲେଜ ପରିସରରେ ଜଣେ ଅଧ୍ୟାପକ ସିନିୟର ଛାତ୍ରୀଛାତ୍ରଙ୍କୁ କାନ ଧରାଇ ଖୋଲାପଡ଼ିଆରେ ଖରାରେ ଠିଆ କରାଇଛନ୍ତି। ଏହାସହ ସେମାନଙ୍କ ଚାରିପଟେ ଜୁନିୟରମାନଙ୍କୁ ବୁଲାଇବା ଭଳି ଘଟଣା ନଜରକୁ ଆସିଛି। ଏ ସମ୍ପର୍କିତ ଏକ ଭିଡିଓ ଭାଇରାଲ ହେବା ପରେ ଜନସାଧାରଣରେ ନାପସନ୍ଦ କରାଯାଇଛି। ରାଜ୍ୟ ସରକାର ଶିକ୍ଷାନୁଷ୍ଠାନଗୁଡ଼ିକ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିବା ପରେ ଏଭଳି ଘଟଣା ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ପଲିଟେକ୍ନିକ କଲେଜର ମେଟାଲୋଜି ବ୍ରାଞ୍ଚର ଜଣେ ଅଧ୍ୟାପକ ଏଭଳି ଦଣ୍ଡବିଧାନ କରିଛନ୍ତି। ଏହି ଘଟଣାରେ କଲେଜ ଅଧ୍ୟକ୍ଷ ଇଂ. କମ୍ଭୁପାଣି ମେହେର ଦୁଃଖ ପ୍ରକାଶ କରିବା ସହ କହିଛନ୍ତି, ଶୁକ୍ରବାର କ୍ଲାସ ଚାଲିଥିବା ବେଳେ କେତେଜଣ ଛାତ୍ରୀଛାତ୍ର ବିଶୃଙ୍ଖଳା କରୁଥିଲେ। କ୍ଲାସ ନେଉଥିବା ଅଧ୍ୟାପକ ଜଣକ ବିରକ୍ତି ପ୍ରକାଶ କରି ଛାତ୍ରୀଛାତ୍ରଙ୍କୁ ଖରାରେ ବାହାରେ କାନ ଧରାଇ ଠିଆ କରାଇଥିବା ସେ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛନ୍ତି। ଏନେଇ ଷ୍ଟାଫ କାଉନସିଲ ବୈଠକ ଡାକି ଉକ୍ତ ଅଧ୍ୟାପକଙ୍କୁ ସାମୂହିକ ଭାବେ ବରଖାସ୍ତ କରାଯିବା ସହ ଉକ୍ତ ଘଟଣା ବିଷୟରେ ରାଜ୍ୟ ଟେକ୍ନିକାଲ ଏଜୁକେଶନ ବିଭାଗ ନିର୍ଦ୍ଦେଶକଙ୍କୁ ସବିଶେଷ ବିବରଣୀ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଅନୁଷ୍ଠାନରେ ଏପରି ଘଟଣା ଯେପରି ପୁନରାବୃତ୍ତି ନ ଘଟିବ ସେଥିପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

# ବ୍ରାଉନସୁଗାର ଜବତ, ବିଜେଡି ନେତ୍ରୀ ଗିରଫ

**ଯାଜପୁର ରୋଡ୍, ୨୬।୧୧(ଡି.ଏନ.ଏ.)**

ଯାଜପୁର ଜିଲା ଡୋଲିପୁର ଅବକାରୀ ବିଭାଗ ଶନିବାର ଚଢ଼ାଉ କରି ୩୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ବ୍ୟାସନଗର ପୌରାଞ୍ଚଳ ୧୯ନଂ. ୱାର୍ଡର ମହିଳା ବିଜେଡି ସଭାନେତ୍ରୀ ଝୁନା ପାତ୍ରଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ଜଣେ ଅବକାରୀ କର୍ମଚାରୀ ଗ୍ରାହକ ବେଶରେ ଝୁନାଙ୍କଠାରୁ ଏହି ଧଳା ଜହର କିଣିଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ଅନୁସାରେ ଅବକାରୀ ବିଭାଗ କର୍ମଚାରୀମାନେ ଝୁନାଙ୍କୁ ଗିରଫ କରିଥିଲେ। ଏହି ଚଢ଼ାଉରେ ଅବକାରୀ ବିଭାଗର ମୋବାଇଲ ଟିମ୍ ଏବଂ ଡୋଲିପୁର ଅବକାରୀ ଥାନାର ସମୀର ମହାନ୍ତି, ଦିଲୀପ କୁମାର ନାୟକ, ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ଖସୁଛି ପାରଦ, ଥରୁଛି ଓଡ଼ିଶା

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ):** ରାଜ୍ୟରେ ପାରଦ ତଳକୁ ଖସିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଏହା ୧୫ ଡିଗ୍ରୀ ତଳକୁ ଖସି ଆସିଥିବାବେଳେ ପ୍ରବଳ ଶୀତରେ ସାରା ଓଡ଼ିଶା ଥରୁଛି। ଶୁକ୍ରବାର ରାତିରେ ସୁନ୍ଦରଗଡ଼ର କିରେଇରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ଥିବାବେଳେ କନ୍ଧମାଳର ଜି. ଉଦୟଗିରିରେ ୧୦, ଦାରିଙ୍ଗବାଡ଼ିରେ ୧୦.୫, ଫୁଲବାଣୀରେ ୧୦.୫, ସମ୍ବଲପୁର ଚିପିଲିମାରେ ୧୦.୮ ଓ ସିମିଳିଗୁଡ଼ାରେ ୧୦.୯ ଡିଗ୍ରୀ ରହିଥିଲା। ଶନିବାର ୧୯ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

MCL
ଦ୍ରୁତ ଗତିରେ ବିକାଶ
ଗରିବ ଏବଂ କୃଷକ ମାନଙ୍କ ପ୍ରଗତି ର ଆଧାର
RAJARAJESWARI BIO FUEL PVT. LTD.
ALL ODISHA ROAD, KASHINAGAR
OPPOSITE INDIAN PUBLIC SCHOOL
GORIBANDHA G.P. GAJAPATI, ODISHA - 761206
PH NO : 9861974077, 9337397453

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଦାଉଦପୁର ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଲଳିତେନ୍ଦୁ ବିଶୋଇ
ସରପଞ୍ଚ, ଦାଉଦପୁର ଗ୍ରାମ ପଞ୍ଚାୟତ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଜଣାଉଛୁ। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଡେରାବିଶ ବ୍ଲକ୍ ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି ଅଙ୍ଗୀକାରବଦ୍ଧ। ସମସ୍ତ ଚାଷୀଙ୍କ ଉଦ୍ୟମରେ ଏହି ସମବାୟ ସମିତିର କଳେବର ବୃଦ୍ଧି ହେଉ।
ଖୁର୍ସିଦ ଆଲମ ଖାଁ, ସଭାପତି
ଗୋଲକ ଚନ୍ଦ୍ର ସେନାପତି, ସମ୍ପାଦକ
ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି।
ଇଂ. ପ୍ରମୋଦ କୁମାର ରାୟ
ସହକାରୀ ନିର୍ବାହୀ ଯନ୍ତ୍ରୀ
ଛତା ଜଳସମ୍ପଦ ବିଭାଗ ଉପଖଣ୍ଡ, କେନ୍ଦ୍ରାପଡ଼ା

ଦୈନିକ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ଗୁରୁକୁଳ ପରମ୍ପରାକୁ ବଜାୟ ରଖିବା ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କ ଭିତରେ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ପାଇଁ ପ୍ରୟାସ ଜାରି ରଖିଥିବା କଳିଙ୍ଗ ଆବାସିକ ବିଦ୍ୟାଳୟର ଅଭିବୃଦ୍ଧି ନିମନ୍ତେ ସମସ୍ତ ସହଯୋଗ କାମନା କରୁଛି।
ମନୋଜ କୁମାର ପ୍ରଧାନ
ପରିଚାଳନା ନିର୍ଦ୍ଦେଶକ
କଳିଙ୍ଗ ଆବାସିକ ବିଦ୍ୟାଳୟ, କେଶରପୁର, ଦାନପୁର, କେନ୍ଦ୍ରାପଡ଼ା

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଜଣାଉଛୁ। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଡେରାବିଶ ବ୍ଲକ୍ ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତି ଅଙ୍ଗୀକାରବଦ୍ଧ। ସମସ୍ତ ଚାଷୀଙ୍କ ଉଦ୍ୟମରେ ଏହି ସମବାୟ ସମିତିର କଳେବର ବୃଦ୍ଧି ହେଉ।
ଶ୍ୟାମଳେନ୍ଦୁ ନାୟକ, ସଭାପତି
ମନୋରଞ୍ଜନ ଦାସ, ସମ୍ପାଦକ
ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଜଣାଉଛୁ। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଏବଂ ସରକାରଙ୍କ ବିଭିନ୍ନ ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଆମ ସମବାୟ ସମିତି ସଂକଳ୍ପବଦ୍ଧ।
ପ୍ରଶାନ୍ତ କୁମାର ଦାସ, ସଭାପତି
ଗୌରାଙ୍ଗ ଚରଣ ପ୍ରଧାନ, ସମ୍ପାଦକ
କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି।
ଏହି ଅବସରରେ କୃଷିପ୍ରଧାନ କେନ୍ଦ୍ରାପଡ଼ା ଜିଲ୍ଲାର ଅଧିବାସୀଙ୍କୁ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉ ଅଶେଷ କୃପା ବରଷନ୍ତୁ।
ରବି ସାମଲ
ରାଜ୍ୟ ସାଧାରଣ ସମ୍ପାଦକ, ବିଜୁ ଜନତା ଦଳ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ମୋ ଜୋନ୍‌ର ସମସ୍ତ ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଜସ୍ମିତା ସେଠୀ
ଜିଲା ପରିଷଦ ସଭ୍ୟା, ଜୋନ୍ ନମ୍ବର-୨୬

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି। ପାଟକୁରା ନିର୍ବାଚନ ମଣ୍ଡଳୀର ସାମୂହିକ ବିକାଶ ପାଇଁ ମୁଁ ସଂକଳ୍ପବଦ୍ଧ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିକାଶମୂଳକ କାର୍ଯ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମୁଁ ଅଙ୍ଗୀକାରବଦ୍ଧ।
ସାବିତ୍ରୀ ଅଗ୍ରୱାଲ, ବିଧାୟିକା, ପାଟକୁରା
ସଂଜୟ ଅଗ୍ରୱାଲ, ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

Mob- 9776386111
Hotel & A1 Restaurant
Nischintakoili, Cuttack

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଜଣାଉଛୁ। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଡେରାବିଶ ବ୍ଲକ୍ କୁଣିଆପାଳ ପ୍ରାଥମିକ କୃଷି ସମବାୟ ସମିତି ଅଙ୍ଗୀକାରବଦ୍ଧ। ସମସ୍ତ ଚାଷୀଙ୍କ ଉଦ୍ୟମରେ ଏହି ସମବାୟ ସମିତିର କଳେବର ବୃଦ୍ଧି ହେଉ।
ନାରାୟଣ ପ୍ରସାଦ ପାତ୍ର, ସଭାପତି
ମୃତ୍ୟୁଞ୍ଜୟ ଦାଶ, ସମ୍ପାଦକ
କୁଣିଆପାଳ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ବିକାଶପଥେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ: ୧୪ ହଜାର ୨୬୦ ଜଣଙ୍କୁ ମଧୁବାବୁ ପେନସନ ଯୋଜନା, ୭୪୫୮ ଜଣଙ୍କୁ ଇନ୍ଦିରାଗାନ୍ଧି ଜାତୀୟ ବାର୍ଦ୍ଧକ୍ୟ, ୧୪୮୭ ଜଣଙ୍କୁ ବିଧବା, ୫୧୭ ଜଣଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯାଉଛି। ୫ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ, ୬ ଜଣଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ୨୫ ଜଣଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି। ଗୃହ ନିର୍ମାଣ ଯୋଜନାରେ: ୨୦୧୪ ମସିହା ପରଠାରୁ ହୋଇଥିବା ସମସ୍ତ ହିତାଧିକାରୀମାନଙ୍କୁ ଗୃହ ମରାମତି ପାଇଁ ସହାୟତା ପ୍ରଦାନ କରାଯାଇଛି। ୧୦ ହଜାର ୧୦୦ ହିତାଧିକାରୀଙ୍କୁ ୩ କୋଟି ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମହିଳା ସଶକ୍ତିକରଣ ବିଭାଗ ପକ୍ଷରୁ: ୮୭୦ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୨୫ କୋଟି ୬ ଲକ୍ଷ ୭୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଉନ୍ନୟନ ବିଭାଗ ପକ୍ଷରୁ: ଏହି ବ୍ଲକରେ ୩୭ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସଭାଗୃହ, ୧୬ଟି କଲ୍ୟାଣ ମଣ୍ଡପ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବା ବେଳେ ୧୯ଟି ବିଦ୍ୟାଳୟର ରୂପାନ୍ତରିତ କାର୍ଯ୍ୟ ହାତକୁ ନିଆଯାଇ ୧୫ଟିର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି। ଏହି ବ୍ଲକରେ ୧୪୧ ଅଙ୍ଗନବାଡି ଘର ପୂର୍ଣ୍ଣାଙ୍ଗ ହୋଇଥିବା ବେଳେ ୪୧ଟି ଗୃହ କାର୍ଯ୍ୟ ନିର୍ମାଣାଧୀନ ରହିଛି। ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ପାଇଁ ୧୪ଟି ଖେଳ ପଡିଆର ଉନ୍ନତି କରଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିଲା ବେଳେ ୯ଟି ପୂର୍ଣ୍ଣାଙ୍ଗ ହୋଇଛି। ଅମୃତ ସରୋବର ଯୋଜନାରେ ୭ଟି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ୨ଟି କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି। ସ୍ୱଚ୍ଛ ଭାରତ ଯୋଜନାରେ ୨ ହଜାର ୪୦୦ ଲିଜପିଟ, ୧୬ଟି ବର୍ଜ୍ୟବସ୍ତୁ ପୃଥକୀକରଣ କମ୍ୟୁନିଟି ଟ୍ୟାଙ୍କ ଗଠନ କରାଯାଇଛି। ଏମଜିଏନଆରଜିଏସ ଯୋଜନାରେ ୧ ଲକ୍ଷ ୩୬ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ୪ କୋଟି ୩୪ ଲକ୍ଷ ବ୍ୟୟ ବରାଦ ପାଇଁ ଲକ୍ଷ୍ୟ ରହିଛି।
ରୋଜୀ ସେଠୀ, ଅଧ୍ୟକ୍ଷା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି
ଅଶୋକ କୁମାର ଓଝା, ଉପାଧ୍ୟକ୍ଷ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ମୋ ଜୋନ୍‌ର ସମସ୍ତ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଆର୍.କେ. ବିପ୍ଳବ କେଶରୀ କାପ
ଜିଲା ପରିଷଦ ସଭ୍ୟ, ଜୋନ୍ ନମ୍ବର-୨୪

PUSHING THE BOUNDARIES OF EXCELLENCE
ESSAR OIL
NAYARA ENERGY
QUALITY FUEL · RIGHT QUANTITY · 24h WORKING HOUR · DRINKING WATER · CLEAN WASHROOM
M/S KALINGA FILLING STATION
BLOCK CHHAK, NISCHINTAKOILI, CUTTACK-754207

# ଧରିତ୍ରୀ
DHARITRI
୪୯
49
ରବିବାର, ନଭେମ୍ବର ୨୭/୨୦୨୨ | Sunday, November 27/2022 | ପୃଷ୍ଠା-୧




## ଅଭିନୟ ପାଇଁ ୱେଟ୍‌ଲସ୍

ବିନାୟକ ଦାମୋଦର ସାବରକରଙ୍କ ବାୟୋପିକ୍‌ରେ ଅଭିନୟ କରିବା ପାଇଁ ବଲିଉଡ୍ ଅଭିନେତା ରଣଦୀପ ହୁଡାଙ୍କୁ ୧୮ କେ.ଜି. ଓଜନ କମାଇବାକୁ ପଡ଼ିଛି।

୦୯

୧୨

## ଆକାଶଦୀପଙ୍କ ହ୍ୟାଟ୍ରିକ

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ହକି ମ୍ୟାଚରେ ଭାରତର ଆକାଶଦୀପ ସିଂ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଛନ୍ତି।



**ଆଜିର ସମ୍ପାଦକୀୟ**

**ଅଧୁରା ଅଭିଯାନ**

**ଆଜିର ମନ୍ତବ୍ୟ**

"ଦେଶକୁ ଉଚ୍ଚତର ସୋପାନକୁ ନେଇଯିବାକୁ ହେଲେ ମୌଳିକ କର୍ତ୍ତବ୍ୟ ପୂରଣ କରିବା ନାଗରିକମାନଙ୍କର ପ୍ରଥମ ପ୍ରାଥମିକତା ହେବା ଆବଶ୍ୟକ। -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ









# ଚାଷୀ ନୁହେଁ, ଉପନିର୍ବାଚନ ବଡ଼

## ମୁଲତବୀ ଆଲୋଚନା ବେଳେ ବିରୋଧୀଙ୍କ ଅଭିଯୋଗ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**

ଚାଷୀ ପ୍ରସଙ୍ଗକୁ ନେଇ ବିଧାନସଭା ହୁଲସ୍ଥୁଲ ହେଉଛି। ବିରୋଧୀ, ଶାସକ ଏକସ୍ୱରରେ ଚାଷୀ ପ୍ରସଙ୍ଗ ଉଠାଇ ଗୃହକୁ ଅଚଳ କରୁଛନ୍ତି। ମାତ୍ର ଚାଷୀ ପ୍ରସଙ୍ଗରେ ବିଧାନସଭାରେ ଆଲୋଚନା ଚାଲିଥିବାବେଳେ ଉତ୍ତର ଦେବାକୁ କୃଷି କିମ୍ବା ସମବାୟ ମନ୍ତ୍ରୀଙ୍କର ଦେଖାନାହିଁ, ଯାହାକୁ ନେଇ ସରକାରଙ୍କୁ ବିରୋଧୀ ଘେରିଛନ୍ତି। ଗୋଟିଏ ଉପନିର୍ବାଚନ ସରକାରଙ୍କ ପାଇଁ ବଡ଼ ହୋଇଛି। ପଦ୍ମପୁର ଉପନିର୍ବାଚନ ପାଇଁ ଶାସକ ଦଳର ବିଧାୟକ ଓ ମନ୍ତ୍ରୀ ଡେରା ପକାଇଛନ୍ତି। ଚାଷୀ ସମସ୍ୟାକୁ ଅଣଦେଖା କରାଯାଉଛି। ବିଧାନସଭାରେ କୃଷି କିମ୍ବା ସମବାୟ ମନ୍ତ୍ରୀ ଉପସ୍ଥିତ ରହି ଚାଷୀ ପ୍ରସଙ୍ଗରେ ଉତ୍ତର ଦେବା କଥା। ସରକାରଙ୍କ ପାଖରେ ଚାଷୀ ନୁହନ୍ତି, ଉପନିର୍ବାଚନ ସବୁଠାରୁ ବଡ଼ ହୋଇଛି। ଶନିବାର ମୁଲତବୀ ଆଲୋଚନା ବେଳେ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କୁ ସଣ୍ଟୁଆଶି ଆକ୍ରମଣ କରିଛନ୍ତି ବିରୋଧୀ।

ମୁଲତବୀ ଆରମ୍ଭରୁ ଭାଜପା ସଦସ୍ୟମାନେ ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ପ୍ରବଳ ବିରୋଧ କରିବା ସହ ଗୃହର ମଧ୍ୟଭାଗରେ ଧାରଣା ଦେଇଥିଲେ।



- **ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଧାରଣାରେ ବସିଲା ଭାଜପା**
- **୧୦ ବର୍ଷ ପରେ ୧୩୬ ଟଙ୍କା ବଢ଼ିଛି ଚାଷୀଙ୍କ ଆୟ: କଂଗ୍ରେସ**
- **ଭାଜପା, କଂଗ୍ରେସର କକ୍ଷତ୍ୟାଗ**

ରାଜ୍ୟରେ 'ଚାଷୀମାନେ ବୀମାରାଶି ପାଇବାରୁ ବଞ୍ଚିତ ହେଉଛନ୍ତି' ଶୀର୍ଷକ ମୁଲତବୀ ଆଲୋଚନା ପାଇଁ କଂଗ୍ରେସ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଆଲୋଚନା ଆରମ୍ଭରୁ ବିଭାଗୀୟ ମନ୍ତ୍ରୀମାନଙ୍କ ଅନୁପସ୍ଥିତିକୁ ନେଇ ଭାଜପା ସଦସ୍ୟମାନେ କଡ଼ା ବିରୋଧ କରିବା ସହ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଉତ୍ତରକୁ ଗ୍ରହଣ କରିବୁନାହିଁ ବୋଲି ଅଡ଼ିବସିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି, ଭାସ୍କର ମଢ଼େଇ, କୁସୁମ ଟେଟେ, ସୁକାନ୍ତ ନାୟକ ପ୍ରମୁଖ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ଧାରଣାରେ ବସିଥିଲେ। ବାଚସ୍ପତି ସେମାନଙ୍କୁ ଚାଷୀ ପ୍ରସଙ୍ଗ ଆଲୋଚନାରେ ଭାଗନେବା ଲାଗି ଅନୁରୋଧ କରିଥିଲେ। ମାତ୍ର ବାଚସ୍ପତିଙ୍କ ଅନୁରୋଧକୁ ଭାଜପା ସଦସ୍ୟମାନେ ପ୍ରତ୍ୟାଖ୍ୟାନ କରିଥିଲେ। ଭାଜପା ସଦସ୍ୟଙ୍କୁ ବାଚସ୍ପତି ବାରମ୍ବାର ଅନୁରୋଧ କରୁଥିବା ଦେଖି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ବିରକ୍ତି ପ୍ରକାଶ କରି କହିଥିଲେ ଯେ ଭାଜପା ସଦସ୍ୟମାନେ ନ ଆସିବା ଯାଏ କ'ଣ ଗୃହ ଚାଲିବ ନାହିଁ। ତାହାହେଲେ ଆମେ ବି ଗୃହରୁ ବାହାରି ଯାଉଛୁ। ଏହାପରେ ବାଚସ୍ପତି ମୁଲତବୀ ପ୍ରସ୍ତାବକୁ ଆଗକୁ ନେଇ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କୁ କହିବାକୁ ଅନୁମତି ଦେଇଥିଲେ।

ସାଲୁଜା ମୁଲତବୀ ପ୍ରସ୍ତାବ ଆଗତ କରି କହିଥିଲେ, ଚାଷୀଙ୍କୁ ବୀମାରାଶି ମିଳୁନାହିଁ। କଟନୀଛଟନୀ ହେଉଛି। ବିଧାନସଭାରେ ଚାଷୀ ପ୍ରସଙ୍ଗ ଆଲୋଚନା ହୋଇଥିବାବେଳେ ମନ୍ତ୍ରୀ ପଦ୍ମପୁର ନିର୍ବାଚନରେ ବ୍ୟସ୍ତ ଅଛନ୍ତି। ରାଜ୍ୟରେ ଚାଷୀଙ୍କ ଆୟ ମାସକୁ ୫,୧୧୨ ଟଙ୍କା ଏବଂ ବର୍ଷକୁ ୬୧,୩୪୪ ଟଙ୍କା ରହିଛି। ଆମେ ଝାଡ଼ଖଣ୍ଡଠାରୁ ଉପରେ ରହିଛୁ। ଝାଡ଼ଖଣ୍ଡରେ ଚାଷୀଙ୍କ ଆୟ ମାସିକ ୪,୮୯୫ ଟଙ୍କା ଏବଂ ବାର୍ଷିକ ୫୮, ୭୪୦ ଟଙ୍କା ରହିଛି। ୧୦ ବର୍ଷ ତଳେ ଓଡ଼ିଶାରେ ଚାଷୀଙ୍କ ଆୟ ମାସିକ ୪,୯୭୬ ☞ପୃଷ୍ଠା-୨

# କେନ୍ଦୁପତ୍ରରୁ ଜିଏସ୍‌ଟି ହଟାଅ


**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

**କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଚିଠି**

କେନ୍ଦୁପତ୍ରରୁ ଜିଏସ୍‌ଟି ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଲେଖିଥିବା ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ ୮ଲକ୍ଷ କେନ୍ଦୁପତ୍ର ତୋଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟ ଓ ଅତି ଗରିବ ଶ୍ରେଣୀର ରହିଛନ୍ତି। ଆଦିବାସୀ ସମ୍ପ୍ରଦାୟର ଲୋକେ ସେମାନଙ୍କ ଅଧିକାର ଅନୁସାରେ କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି। କେନ୍ଦୁପତ୍ର କିଣାବିକା ପାଇଁ ସେମାନଙ୍କ ଅଧିକାର ☞ପୃଷ୍ଠା-୨

# ଅଲ୍‌ଟ୍ରା ଲଗ୍‌ଜୁରି 'ସୁପର ସବ୍'

- ୯୮୪ ଫୁଟ୍ ଗଭୀର ଜଳରାଶି ତଳେ ରୋମାଞ୍ଚକର ଯାତ୍ରା



**ଆମ୍‌ଷ୍ଟରଡାମ୍, ୨୬।୧୧**

ଯାତ୍ରାକୁ ସ୍ମରଣୀୟ କରିବା ପାଇଁ ପ୍ରତ୍ୟେକଙ୍କ ଇଚ୍ଛା। ସେଥିପାଇଁ ଯାତ୍ରା ରୋମାଞ୍ଚକର ହେବା ଆବଶ୍ୟକ। ଯାତ୍ରୀମାନଙ୍କ ଏହି ଆଶା ପୂରଣ କରିବା ପାଇଁ ବହୁ ଇଞ୍ଜିନିୟର ବିଭିନ୍ନ ପ୍ରକାର ଯାନ ତିଆରି କରିବାରେ ଲାଗିଛନ୍ତି। ☞ପୃଷ୍ଠା-୨







**ମାତୃଭାଷାରେ କପି କରି ଧରାପଡ଼ିଲେ ୩୪ ପରୀକ୍ଷାର୍ଥୀ**

କଟକ ଅଫିସ,୨୬।୧୧- ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପ୍ରଥମ ସମ୍ମେଟିଭ ଆସେସ୍‌ମେଣ୍ଟ (ଏସ୍‌ଏ-୧) ପରୀକ୍ଷା ଜାରି ରହିଛି। ଶନିବାର ତୃତୀୟ ଦିନରେ ଛାତ୍ରୀଛାତ୍ରମାନେ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେଇଥିଲେ। ୧୧୦ଟି ସ୍କ୍ୱାଡ୍ ବିଭିନ୍ନ ଜିଲାରେ ହୋଇଥିବା ୧୪୬ ପରୀକ୍ଷା କେନ୍ଦ୍ର ଯାଞ୍ଚ କରିଥିଲେ। ସେଥିମଧ୍ୟରେ ୭୪ଜଣ ଫ୍ଲାଇଂ ସ୍କ୍ୱାଡ୍ ଓ ୩୬ ଜଣ ସ୍ପେଶାଲ ସ୍କ୍ୱାଡ୍ ଥିଲେ। ସ୍ପେଶାଲ ସ୍କ୍ୱାଡ୍ ଦ୍ୱାରା ୨୬ ଓ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ୮ ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଛନ୍ତି। ଆସନ୍ତା ୨୮ରେ ସାଧାରଣ ବିଜ୍ଞାନ ବିଷୟରେ ପରୀକ୍ଷା ହେବ ବୋଲି ବୋର୍ଡ ପକ୍ଷରୁ ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଲୁଗା ପିନ୍ଧି ଯାତକୁ ଯାଏ,**
**ପଚାରିଲେ ମୁଣ୍ଡ ଟୁଙ୍ଗାରୁ ଥାଏ।**

ଅନ୍ୟ ଲୋକର ପ୍ରଦତ୍ତ ପରିଧାନ ପିନ୍ଧିଥିବା ଲୋକ ନିଜର ବୋଲି କହିବାର କିଛି ଜୋର ନ ଥାଏ। ଏପରି ଦାନ ସୂତ୍ରରେ ମିଳିଥିବା ପରିଧାନରେ ଆବୃତ୍ତ ହୋଇଥିବା ଲୋକର ମନୋଭାବକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପାରା ଶକଟା କୁଆ ରଙ୍ଗ**
**ପଶା ନ୍ୟାୟବଳ ବେଶ୍ୟାସଙ୍ଗ**
**ଏ ଛଡ଼ ରସରେ ଯେ ପୁଅ ଥାଏ**
**ଭୋକେ ମରି ଟାକର ହୁଏ।**

ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ ତେବେ ତାହା ଜୀବନକୁ ବରବାଦ କରିଦେଇଥାଏ। ଉପର ବର୍ଣ୍ଣିତ ମନ୍ଦ ବା କୁଅଭ୍ୟାସରେ ଲିପ୍ତ ରହିଥିବା ବ୍ୟକ୍ତି ଜୀବନରେ କେବେ ଉନ୍ନତି କରିପାରି ନ ଥାନ୍ତି। ବ୍ୟଭିଚାର ତଥା ଅନୀତିପୂର୍ଣ୍ଣ କାର୍ଯ୍ୟ କରିବସୁଥିବା ବ୍ୟକ୍ତି ଜୀବଦ୍ଦଶାରେ ଅନେକ ଦୁଃଖକଷ୍ଟ ଭୋଗ କରିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିଧାନସଭାରେ ଓଡ଼ିଶା ଅଗ୍ନିଶମ ସେବା (ସଂଶୋଧନ) ବିଲ୍ ୨୦୨୨ ପାରିତ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଓଡ଼ିଶା ଅଗ୍ନିଶମ ସେବା (ସଂଶୋଧନ) ବିଲ୍ ୨୦୨୨ ଶନିବାର ବିଧାନସଭାରେ ପାରିତ ହୋଇଛି। ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ବିଲ୍‌କୁ ଗୃହର ଅନୁମୋଦନ ପାଇଁ ଉପସ୍ଥାପନ କରିଥିଲେ। ସର୍ବସମ୍ମତିକ୍ରମେ ଏହାକୁ ପାରିତ କରାଯାଇଛି। ଏଣିକି କମ୍ପାନୀଗୁଡ଼ିକ ଅଗ୍ନିଶମ ସେବା ଅଧିନିୟମ ପରିସରଭୁକ୍ତ ହେବେ। ଅଗ୍ନିଶମ ସୁରକ୍ଷା ପ୍ରମାଣପତ୍ର ରଖିବାରେ ବିଫଳ ହେଲେ କମ୍ପାନୀଗୁଡ଼ିକୁ ଦଣ୍ଡବିଧାନ ବ୍ୟବସ୍ଥା ଏହି ସଂଶୋଧିତ ବିଲ୍‌ରେ କରାଯାଇଛି। ଏହି ବିବାଦର ଆପୋସ ସମାଧାନ କରିବା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି । ଅଗ୍ନିଶମ ସେବା ନିର୍ଦ୍ଦେଶକ କିମ୍ବା ଅନ୍ୟ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଜାରି ବିଜ୍ଞପ୍ତି ଆଦେଶ ଅଧିଗ୍ରହଣକୁ ପାଳନ କରିବାରେ ଅସମର୍ଥ ହେଲେ ଏହା ଆପୋସ ସମାଧାନଭୁକ୍ତ ହେବ ନାହିଁ। ଅଗ୍ନି ନିବାରଣ ବା ଅଗ୍ନି ନିର୍ବାପନ ସମ୍ବନ୍ଧୀୟ ସମସ୍ତ ମାମଲା ପ୍ରଥମ ଶ୍ରେଣୀ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଚାର ବ୍ୟବସ୍ଥା

### ଅଗ୍ନି ନିବାରଣ ମାମଲାର ବିଚାର ପ୍ରଥମ ଶ୍ରେଣୀ ଜଜ୍ କୋର୍ଟରେ ହେବ

ରହିଛି। ଅଗ୍ନିଶମ ସେବା ନିର୍ଦ୍ଦେଶକ କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ଅଧିକାରୀଙ୍କ ଲିଖିତ ଅଭିଯୋଗ ବିନା କୌଣସି ନ୍ୟାୟାଳୟ ଅଗ୍ନିଶମ ନିୟମ ଉଲ୍ଲଂଘନଜନିତ ଅପରାଧକୁ ଧ୍ୟାନକୁ ନେବେ ନାହିଁ। ଅଭିଯୋଗଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ ପାଇଁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଓ ଦ୍ୱିତୀୟ ଅପିଲ କର୍ତ୍ତୃପକ୍ଷଙ୍କ ବ୍ୟବସ୍ଥା ରହିଛି। ଏଥିରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀ ସେବାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କଠାରେ ନ୍ୟସ୍ତ କ୍ଷମତା ଅଗ୍ନିଶମ ସେବା ନିର୍ଦ୍ଦେଶକଙ୍କୁ ହସ୍ତାନ୍ତର କରାଯିବାର ବ୍ୟବସ୍ଥା ରହିଛି। ଏହି ଅଧିନିୟମର ଯଥାଯଥ ଉପଯୋଗ ନିମନ୍ତେ ଅଗ୍ନିଶମ ସେବା ନିର୍ଦ୍ଦେଶକ ତାଙ୍କ କ୍ଷମତାର କିଛି ଅଂଶ ଅଧସ୍ତନ ଅଧିକାରୀଙ୍କୁ ହସ୍ତାନ୍ତର କରିପାରିବେ। ନିୟମାନୁଯାୟୀ ଅଗ୍ନିସୁରକ୍ଷା ନିରୀକ୍ଷକ ନିଯୁକ୍ତ ନ କଲେ ଦଣ୍ଡ ବ୍ୟବସ୍ଥା ପାଇଁ ପ୍ରସ୍ତାବ ରହିଛି। ସୁରକ୍ଷା ବ୍ୟବସ୍ଥାରେ ଖିଲାପ, ଅଗ୍ନି ନିର୍ବାପନ କାର୍ଯ୍ୟରେ ଜାଣିଶୁଣି ବାଧା ପହଞ୍ଚାଇବା ଏବଂ ଅଗ୍ନିକାଣ୍ଡ ସମ୍ପର୍କିତ ମିଥ୍ୟା ତଥ୍ୟ ପ୍ରଦାନ କରିବା ପାଇଁ ଅର୍ଥଦଣ୍ଡର ବ୍ୟବସ୍ଥା ରହିଛି। ଓଡ଼ିଶାରେ ଅଗ୍ନିନିରୋଧ ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବା ନିମନ୍ତେ ଓଡ଼ିଶା ଅଗ୍ନିଶମ ସେବା ଅଧିନିୟମ ୧୯୯୩ କାର୍ଯ୍ୟକାରୀ ହୋଇଆସୁଛି। ଇତିମଧ୍ୟରେ ଅଗ୍ନିଶମ ସେବାର କାର୍ଯ୍ୟ ପରିସର, ଦାୟିତ୍ୱବୋଧ ବହୁ ମାତ୍ରାରେ ବୃଦ୍ଧି ହୋଇଛି। ପ୍ରାକୃତିକ ତଥା ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ଅଗ୍ନିଶମ ବାହିନୀ ପ୍ରଥମେ ସେବା ଯୋଗାଇଥାନ୍ତି। ଏହି ପରିପ୍ରେକ୍ଷୀରେ ଭାରତ ସରକାର ଏକ ସଂଶୋଧନ ଆଦର୍ଶ ବିଲ୍ ପ୍ରସ୍ତୁତ କରି ସମସ୍ତ ରାଜ୍ୟକୁ ପ୍ରଚଳିତ ଅଧିନିୟମ ତଥା ନିୟମାବଳୀକୁ ଆବଶ୍ୟକ ମତେ ସଂଶୋଧନ କରିବାକୁ ପରାମର୍ଶ ଦେଇଛନ୍ତି। ସେହି ଦୃଷ୍ଟିରୁ ଓଡ଼ିଶା ଅଗ୍ନିଶମ ସେବା ଅଧିନିୟମ, ୧୯୯୩ର ସଂଶୋଧନ କରାଯାଇ ଓଡ଼ିଶା ଅଗ୍ନିଶମ ସେବା (ସଂଶୋଧନ ) ବିଲ୍, ୨୦୨୨ କରାଯାଇଛି ।


# ଆଜି ପ୍ରତିଷ୍ଠା ଦିବସ ପାଳିବ ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

ଦେଶର ଅନ୍ୟତମ ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟ ରବିବାର ତା'ର ୮୦ତମ ପ୍ରତିଷ୍ଠା ଦିବସ ପାଳନ କରିବ। ଏଥିସହ ୮୧ବର୍ଷରେ ପାଦ ଦେବ। ଏହି ପରିପ୍ରେକ୍ଷୀରେ ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଶିକ୍ଷା, ଗବେଷଣା, ପ୍ରଯୁକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟକୁ ନାକ୍ ଏ++ ମାନ୍ୟତା ପାଇଁ ପ୍ରୟାସ ଜାରି ରହିଛି। ଯେକୌଣସି ସମୟରେ ନାକ୍ କମିଟି ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରକୁ ପରିଦର୍ଶନରେ ଆସି ମୂଲ୍ୟାଙ୍କନ କରିବା ସମ୍ଭାବନା ରହିଛି। ଏଥିପାଇଁ ଆମେ ପ୍ରସ୍ତୁତ ବୋଲି କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି। ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁଳପତି କହିଛନ୍ତି, ବିଶ୍ୱବିଦ୍ୟାଳୟକୁ ଡିଜିଟାଲ କ୍ୟାମ୍ପସରେ ପରିଣତ କରିବା ପାଇଁ ଜାରି ରହିଥିବା ପ୍ରୟାସ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନୂତନ ଜାତୀୟ ଶିକ୍ଷାନୀତି ୨୦୨୦କୁ ପ୍ରଣୟନ କରିବା ପାଇଁ ସମ୍ପୂର୍ଣ୍ଣ ବିଶ୍ୱବିଦ୍ୟାଳୟ ପ୍ରସ୍ତୁତ ଥିବା ସେ କହିଛନ୍ତି।

ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କୁଳପତି ଆଚାର୍ଯ୍ୟ କହିଲେ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଶାସନ ସଚିବ ତଥା କମିଶନର ଭାସ୍କରଜ୍ୟୋତି ଶର୍ମା ଯୋଗଦେବେ ବୋଲି କୁଳପତି କହିଛନ୍ତି। ଖବରଦାତା ସମ୍ମିଳନୀରେ କୁଳସଚିବ ଡ. ଅଭୟ କୁମାର ନାୟକ, ପିଜି ହଷ୍ଟେଲ ୱାର୍ଡେନ ପ୍ରଫେସର ପ୍ରବୋଧ କୁମାର ହୋତା, ବିତ୍ତ ନିୟନ୍ତ୍ରକ ଗୌତମ ପ୍ରଧାନ, ଛାତ୍ର ମଙ୍ଗଳ ନିର୍ଦ୍ଦେଶକ ପ୍ରଫେସର ମିତାଲି ଚିନାରା, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସଂଯୋଜିକା ଡ. ପ୍ରତିମା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ନବ ଓଡ଼ିଶା ଗଠନରେ ବୀରେନ୍ ମିତ୍ରଙ୍କ କାର୍ଯ୍ୟ ଉଲ୍ଲେଖଯୋଗ୍ୟ




ଅତିଥିମାନେ ଡ. ଦେବଦତ୍ତ ମହାନ୍ତିଙ୍କ ଲିଖିତ ବୀରେନ୍ ମିତ୍ରଙ୍କ ଜୀବନୀ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

### ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଜଣେ ଲୋକପ୍ରିୟ ଜନପ୍ରତିନିଧି ଏବଂ ନିଃସ୍ୱାର୍ଥପର ସମାଜସେବୀ ଥିଲେ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କର ଜଣେ ଘନିଷ୍ଠ ସହଯୋଗୀ ଭାବେ ସ୍ୱର୍ଗତ ମିତ୍ର ନବ ଓଡ଼ିଶାର ସ୍ୱପ୍ନ ଚରିତାର୍ଥ କରିବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଜଣେ ହୃଦୟବାନ ତଥା ନିରହଙ୍କାରୀ ମଣିଷ ଭାବେ ସେ ଓଡ଼ିଶାବାସୀଙ୍କ ନିକଟରେ ଚିରସ୍ମରଣୀୟ ରହିବେ ବୋଲି ପୂର୍ତ୍ତ, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ବୀରେନ୍ ମିତ୍ର ଫାଉଣ୍ଡେଶନ ପକ୍ଷରୁ ଶନିବାର ସୂଚନା ଭବନଠାରେ ଜନଗଣ ନେତା ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ମଲ୍ଲିକ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଫାଉଣ୍ଡେଶନ ସଭାପତି ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କହିଲେ, ଜଣେ ଦକ୍ଷ ଛାତ୍ରସଂଗଠକ ଭାବେ ବିଚକ୍ଷଣ ନେତୃତ୍ୱର ପରାକାଷ୍ଠା ପ୍ରତିପାଦନ କରିଥିବା ମିତ୍ର ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ପ୍ରଗତିକୁ ଏକ ନୂଆ ଦିଶା ପ୍ରଦାନ କରିଥିଲେ। କଟକ ଆସନରୁ ୪ଥର ବିଧାନସଭାକୁ ନିର୍ବାଚିତ ହେବା ତାଙ୍କ ଜନପ୍ରିୟତାର ପ୍ରମାଣ ବୋଲି ସେ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବୀରେନ୍ ମିତ୍ରଙ୍କୁ ଏକାଧାରେ ସ୍ୱାଧୀନତା ସଂଗ୍ରାମୀ, ସଂଗଠକ, ରାଜନେତା, ସାମ୍ବାଦିକ, ସଂସ୍କୃତିପ୍ରେମୀ ଓ ସମାଜ ସଂସ୍କାରକ ଭାବେ ଅଭିହିତ କରିଥିଲେ । ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ କହିଲେ, ବ୍ୟକ୍ତିଗତ ଜୀବନରେ ସରଳତା, ତ୍ୟାଗ, ସେବା ଓ ରାଜନୈତିକ ଜୀବନରେ ଦକ୍ଷତା ଓ ନିର୍ଭୀକତା ନିମନ୍ତେ ବୀରେନ୍ ମିତ୍ର ଚିରସ୍ମରଣୀୟ ରହିବେ। ଏହି ଅବସରରେ ଅତିଥିମାନେ ଡ. ଦେବଦତ୍ତ ମହାନ୍ତିଙ୍କ ଲିଖିତ ବୀରେନ୍ ମିତ୍ରଙ୍କ ଜୀବନୀ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏଥିସହ ସମାଜସେବୀ ଦେବାଶିଷ ରାଉତ, ଲିଟୁ ରାଉତରାୟ, ଶିକ୍ଷାବିତ୍ ନିତ୍ୟାନନ୍ଦ ସୁନ୍ଦରାୟ ଏବଂ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ବିଶେଷଜ୍ଞ ଡାକ୍ତର ଏ.ପି. ଜେନାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସିତାଂଶୁ ଶେଖର ରାଉତ ଓ ସାଥୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ବିଭାଗର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶନୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେଶନର ସମ୍ପାଦକ ସୌମିତ୍ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ ବର୍ଷ ଜେଲ୍

କେନ୍ଦୁଝର, ୨୬।୧୧(ସ୍ୱ.ପ୍ର.): ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଶନିବାର କେନ୍ଦୁଝର ଜିଲା ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟ ଜଜ୍ ମାନସ ମିଶ୍ର ସମ୍ପୃକ୍ତ ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ସୂଚନା ଅନୁଯାୟୀ, ସଦର ଥାନା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ଝିଅକୁ ବାଂଶପାଳ ବ୍ଲକ ଅଧୀନ ତାଙ୍କ ସାଙ୍ଗ ଧନୁ ଦେହୁରୀଙ୍କ ଘରେ ଛାଡ଼ିଥିଲେ। ସେଠାରେ ନାବାଳିକା ରହି ନିକଟସ୍ଥ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ଧନୁ ବିବାହିତ ହୋଇଥିଲେ ମଧ୍ୟ ସାଙ୍ଗଙ୍କ ଝିଅ ସହିତ ଶାରୀରିକ ସମ୍ପର୍କ ରଖିବା ପରେ ସେ ଗର୍ଭବତୀ ହୋଇଥିଲେ। ପରେ ସେ ନାବାଳିକାଙ୍କୁ ଗର୍ଭପାତ କରିବାକୁ କହିବା ସହ କାହାକୁ ନ କହିବା ପାଇଁ ଧମକ ଦେଇଥିଲେ। ନାବାଳିକା ଜଣକ ଘରକୁ ଚାଲି ଆସି ତାଙ୍କ ବାପାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏ ନେଇ ନୟାକୋଟ୍ ଥାନାରେ ୨୦୧୮ ଜୁନ୍ ୧୭ ରେ ଏତଲା ଦେବା ପରେ ପୋଲିସ ମାମଲା(ନଂ. ୩୭/୨୦୧୮) ରୁଜୁ କରି ଧନୁ ଦେହୁରୀ(୨୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଶନିବାର ଫାଷ୍ଟଟ୍ରାକ୍ କୋର୍ଟ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ସ୍ପେଶାଲ ପିପି ଜ୍ଞାନେନ୍ଦ୍ରନାଥ ଜେନା କହିଛନ୍ତି।

# ଭୁବନେଶ୍ୱର ବାର୍ ଆସୋସିଏଶନ ଆନ୍ଦୋଳନ ଯୋଗୁ ବିଚାର କାର୍ଯ୍ୟରେ ବାଧା

ନୂଆଦିଲ୍ଲୀ, ୨୬।୧୧

ଭୁବନେଶ୍ୱରକୁ ହାଇକୋର୍ଟ ସ୍ଥାନାନ୍ତର ଏବଂ ସ୍ୱତନ୍ତ୍ର ଜିଲା ଘୋଷଣା ଦାବିରେ ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଆନ୍ଦୋଳନ କରାଯାଇଥିଲା। ଏପରି କି ବିଚାରପତିମାନଙ୍କୁ କୋର୍ଟ ଭିତରକୁ ପ୍ରବେଶ କରାଇ ଦିଆଯାଇ ନ ଥିଲା। ଫଳରେ ସମ୍ପୂର୍ଣ୍ଣ ବିଚାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ନେଇ ହାଇକୋର୍ଟଙ୍କ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ସୁପ୍ରିମକୋର୍ଟଙ୍କୁ ଶନିବାର ଅବଗତ କରାଯାଇଛି।

ଆଇନଜୀବୀ ଶିବ ଶଙ୍କର ମିଶ୍ରଙ୍କ ଜରିଆରେ କରାଯାଇଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ, ଶୁକ୍ରବାର ଭୁବନେଶ୍ୱର ବାର୍ ଆସୋସିଏଶନର ୩୦୦ରୁ ୪୦୦ ଆଇନଜୀବୀ କୋର୍ଟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ପୋଲିସ ପୂର୍ବାହ୍ନ ୧୧ଟାରେ ଘଟଣାସ୍ଥଳରେ ପହଞ୍ଚିବାପରେ ବିଚାରପତି ଏବଂ

### ସୁପ୍ରିମକୋର୍ଟଙ୍କୁ ସତ୍ୟପାଠ ମାଧମରେ ଜଣାଇଲେ ହାଇକୋର୍ଟ

ବିଚାରବିଭାଗୀୟ କର୍ମଚାରୀମାନେ ମୁଖ୍ୟଫାଟକ ଦେଇ କୋର୍ଟ ପରିସରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ହେଲେ ଆଇନଜୀବୀମାନେ ସେମାନଙ୍କୁ କୋର୍ଟ ପରିସର ମଧ୍ୟକୁ ଛାଡ଼ି ନ ଥିଲେ। ବାର୍ ଆସୋସିଏଶନର କର୍ମକର୍ତ୍ତାଙ୍କ ନେତୃତ୍ୱରେ ଆଇନଜୀବୀଙ୍କ ଦ୍ୱାରା ହେଉଥିବା ହିଂସାତ୍ମକ ଅବରୋଧ ବିଚାର ବିଭାଗୀୟ କାର୍ଯ୍ୟରେ ବାଧା ସୃଷ୍ଟି କରିଛି ବୋଲି ସତ୍ୟପାଠରେ ଉଲ୍ଲେଖ ରହିଛି। ଏନେଇ ସୁପ୍ରିମକୋର୍ଟରେ ଆସନ୍ତା ୨୮ରେ ଶୁଣାଣି ହେବ। ପୂର୍ବରୁ ଗତ ୧୪ତାରିଖରେ ସୁପ୍ରିମକୋର୍ଟ ଆନ୍ଦୋଳନରତ ଆଇନଜୀବୀଙ୍କୁ ବିକ୍ଷୋଭ ପ୍ରଦର୍ଶନରୁ ଓହରି ଅଦାଲତ କାର୍ଯ୍ୟରେ ସହଯୋଗ କରିବାକୁ କହିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଚାଷୀ ନୁହେଁ, ...

ରହିଥିବାବେଳେ ବାର୍ଷିକ ଆୟ ୫୯,୭୧୨ ଟଙ୍କା ଥିଲା। ଅର୍ଥାତ୍ ଗତ ୧୦ ବର୍ଷରେ ଚାଷୀଙ୍କ ଆୟ ମାତ୍ର ୧୩୬ ଟଙ୍କା ବଢ଼ିଛି। ମୁଖ୍ୟମନ୍ତ୍ରୀ ପଦ୍ମପୁର ନିର୍ବାଚନକୁ ଦେଖି ଇନ୍‌ପୁଟ୍ ସବ୍‌ସିଡି ଘୋଷଣା କରିଛନ୍ତି। କିଛିଦିନ ତଳେ ରାଜ୍ୟରେ ମରୁଡି ହୋଇନାହିଁ ବୋଲି ରାଜସ୍ୱ ମନ୍ତ୍ରୀ କହିଥିଲେ। ତେବେ ଏହି ସବ୍‌ସିଡି ଘୋଷଣା କାହା ପାଇଁ ବୋଲି ସେ ପ୍ରଶ୍ନ କରିଥିଲେ। ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରିମିୟମ ୨% ହିସାବରେ ଚାଷୀ ୧୩୪୦ ଟଙ୍କା ଦେଉଥିବାବେଳେ ରାଜ୍ୟ ଓ କେନ୍ଦ୍ର ସରକାର ୧୨.୫% ହିସାବରେ ୮,୩୭୫ ଟଙ୍କା ଲେଖାଏ ପ୍ରିମିୟମ ଦେଉଛନ୍ତି। ବୀମା ବାବଦରେ କମ୍ପାନୀକୁ ୧୮,୦୯୦ ଟଙ୍କା ପ୍ରିମିୟମ ଦିଆଯାଉଛି। ୭ ମାସ ହେଲାଣି ଚାଷୀ ବୀମା ଟଙ୍କା ପାଉନାହାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଘରୋଇ କମ୍ପାନୀଗୁଡ଼ିକୁ କୋଟି କୋଟି ଟଙ୍କା ଦେଇଚାଲିଥିବା ସେ କହିଛନ୍ତି।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଗୃହରେ ମନ୍ତ୍ରୀ ନ ଥିବା ପ୍ରସଙ୍ଗ ଉଠାଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ବିଧାନସଭା ଚାଲିଛି। କୃଷିମନ୍ତ୍ରୀ ନାହାନ୍ତି। ଅର୍ଥମନ୍ତ୍ରୀ ନାହାନ୍ତି। ଏ ବିଧାନସଭା ଚାଲିବା ଆବଶ୍ୟକ ନାହିଁ। କାଳିଆ ଯୋଜନାରେ କୋଟି କୋଟି ଟଙ୍କା ଦୁର୍ନୀତି ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କୁ ନେଇ ଭେଳିକି ଦେଖାଉଛନ୍ତି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଶାସକ ସଭ୍ୟମାନେ ବିରୋଧୀଙ୍କ ଅଭିଯୋଗକୁ ଭିତ୍ତିହୀନ ଦର୍ଶାଇଥିଲେ। ବିଜେଡି ସଭ୍ୟ ଭୂପିନ୍ଦର ସିଂ କହିଥିଲେ, ଚାଷୀଙ୍କ ପାଇଁ ସରକାର ବୃହତ୍ ଉଠା ଜଳସେଚନ ବ୍ୟବସ୍ଥା କରିଛନ୍ତି। ଉନ୍ନତମାନର ଧାନ ବିହନ ଯୋଗାଇ ଦିଆଯାଉଥିବାରୁ ଅମଳ ଦୁଇଗୁଣା ବଢ଼ିଛି। ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବଢ଼ିଥିବାରୁ ଚାଷୀଙ୍କ ଆୟ କମିଛି। କମ୍ପାନୀମାନେ ସେମାନଙ୍କ ଉତ୍ପାଦ ତୁରନ୍ତ ବଜାରରେ ବିକୁଥିବାବେଳେ ଚାଷୀମାନେ ଝାଳ ବୁହାଇ ଧାନ ଉତ୍ପାଦନ କରୁଥିଲେ ମଧ୍ୟ ବିକିବା ଲାଗି କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ପିକୁ ଚାହିଁ ବର୍ଷେ ବିତିଯାଉଛି। ବିଜେଡି ସଭ୍ୟ ରାଜ କିଶୋର ଦାସ, ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ରାଜ୍ୟ ସରକାର ଚାଷୀଙ୍କ ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ। ମୁଲତବୀ ଆଲୋଚନା ଶେଷରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ ଉତ୍ତର ଦେବାକୁ ଛିଡ଼ାହେବା କ୍ଷଣି ଭାଜପା ସଦସ୍ୟମାନେ ଧାରଣାରୁ ଉଠି ବିଧାନସଭା ବାହାରକୁ ଚାଲିଯାଇଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ମନ୍ତ୍ରୀଙ୍କ ଉତ୍ତରକୁ ବିରୋଧ କରି କକ୍ଷତ୍ୟାଗ କରିଥିଲେ।

### ଭାଜପାକୁ ମନ୍ତ୍ରୀଙ୍କ ଜବାବ: ଏଠି ଧାରଣା ନ ଦେଇ କେନ୍ଦ୍ର ପାଖରେ ବସନ୍ତୁ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)- ଭାଜପା ସଦସ୍ୟମାନେ ଗୃହରେ ଧାରଣା ଦେବା ଅପେକ୍ଷା କେନ୍ଦ୍ର ସରକାରଙ୍କ ପାଖରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି ପାଇଁ ଦାବି କରନ୍ତୁ। ରାଜ୍ୟ ସରକାର ଚାଷୀଙ୍କ ଲାଗି ସ୍ୱତନ୍ତ୍ର କୃଷି କ୍ୟାବିନେଟ, ସ୍ୱତନ୍ତ୍ର କୃଷି ନୀତି କରିଛନ୍ତି। ଖରିଫ ଋତୁରେ ଧାନ ସଂଗ୍ରହ ଲାଗି ୧୬.୬୯ ଲକ୍ଷ ଚାଷୀଙ୍କୁ ପଞ୍ଜୀକୃତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୧,୯୦୯ ମେଟ୍ରିକ ଟନ୍ ଧାନ ୨,୧୭୦ ଚାଷୀଙ୍କଠାରୁ ୭୬ ସମବାୟ ସମିତି ଜରିଆରେ କିଣାଯାଇଛି। ଜିଲାପାଳଙ୍କଠାରୁ ମଗାଯାଇଥିବା ଫସଲ କଟା ପରୀକ୍ଷଣ ପଦ୍ଧତି ଅନୁଯାୟୀ ୧୨ ଜିଲାର ୬୪ ବ୍ଲକର ୬୩୮ ଗ୍ରାମ ଏବଂ ୧୫ ପୌରାଞ୍ଚଳ ଅଧୀନରେ ଥିବା ୮୭ ୱାର୍ଡର ମୋଟ ୨ ଲକ୍ଷ ୬୩ ହଜାର ୫୬୦ ହେକ୍ଟର ଚାଷଜମିରେ ୩୩%ରୁ ଅଧିକ ଫସଲ ହାନି ହୋଇଛି। ସ୍ୱଳ୍ପ ବୃଷ୍ଟିଜନିତ ଫସଲ କ୍ଷତି ଲାଗି ରାଜ୍ୟ ସରକାରଙ୍କ ପାଣ୍ଠିରୁ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚାଷରେ ହୋଇଥିବା କ୍ଷତିର ଭରଣା ଲାଗି ୨୦୧୬ଠାରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରାଯାଇଛି। ୨୦୨୧ ଖରିଫ ଋତୁରେ ରାଜ୍ୟର ମୋଟ ୧୨,୫୭,୬୯୦ ଚାଷୀ ୧୦ଲକ୍ଷ ୫୦ହଜାର ହେକ୍ଟର ଜମି ଲାଗି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକରଣ କରିଥିଲେ। କେତେକ ପଞ୍ଚାୟତରେ ଶସ୍ୟ କଟା ପରୀକ୍ଷଣକୁ ନେଇ ବୀମା କମ୍ପାନୀ ଆପତ୍ତି ଉଠାଇଥିଲେ। ପରେ କେନ୍ଦ୍ର ସରକାର ୧୮୯ଟି ବୀମା ଏକକ ଧାର୍ଯ୍ୟ କରିବା ପରେ ବୀମା କମ୍ପାନୀମାନେ କ୍ଷତିପୂରଣ ଦେବା ଆରମ୍ଭ କରିଛନ୍ତି। ଏବେ ସୁଦ୍ଧା ୩୦.୨୮ଲକ୍ଷ ଆବେଦନ ପତ୍ର ବାବଦରେ ୧୧୧୩.୬୫ କୋଟି ଟଙ୍କା ବୀମା ରାଶି ପ୍ରଦାନ କରାଯାଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି। ଚାଷୀମାନଙ୍କୁ ଅଭାବୀ ଧାନ ବିକ୍ରିରୁ ରକ୍ଷା କରାଯିବା ସହ ଓଡ଼ିଶା ଏକ ବଳକା ରାଜ୍ୟରେ ପରିଣତ ହୋଇଛି। ଉନ୍ନମାନର ବିହନ, ସାର, କୃଷି ଯନ୍ତ୍ରପାତି ଇତ୍ୟାଦି ରିହାତି ଦରରେ ଦିଆଯାଉଛି। କୃଷି ଉଦ୍ୟୋଗୀଙ୍କୁ ଆକୃଷ୍ଟ କରିବା ଲାଗି ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

### ଅଲ୍‌ଟ୍ରା ଲଗ୍‌ଜୁରି ...

ଆକାଶ ଯାତ୍ରା ସ୍ୱତଃ ରୋମାଞ୍ଚପୂର୍ଣ୍ଣ ହୋଇଥିବାବେଳେ ବୁଡା ଜାହାଜ ଯାତ୍ରୀଙ୍କୁ ସମାନ ଅନୁଭୂତି ପ୍ରଦାନ କରିବ ଅଲ୍‌ଟ୍ରା ଲଗ୍‌ଜୁରି ସବ୍‌ମେରାଇନ୍ 'ସୁପର୍ ସବ୍' ଜାହାଜ, ଯେଉଁଥିରେ ଏକକାଳୀନ ୩ ଜଣ ବସି ଯାତ୍ରା କରିପାରିବେ।

ନେଦରଲାଣ୍ଡସ୍ ୟୁ-ବୋଟ୍ ୱର୍କ୍ସ କମ୍ପାନୀ ଏହି ଅଲ୍‌ଟ୍ରା ଲଗ୍‌ଜୁରି ସବ୍‌ମେରାଇନ୍ 'ସୁପର୍ ସବ୍' ଜାହାଜ ତିଆରି କରିଛି। ଆସନ୍ତା ବର୍ଷ ସେପ୍ଟେମ୍ବରରେ ଏହା ବଜାରରେ ଉପଲବ୍ଧ ହେବ। ଏ ନେଇ କମ୍ପାନୀ ପକ୍ଷରୁ ପୂର୍ବରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ଏହାର ମୂଲ୍ୟ ୫.୮ ନିୟୁତ ଡଲାର ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବଜାର ପ୍ରବେଶ ପରେ ସୁପର ସବ୍‌ର ମୂଲ୍ୟରେ ପରିବର୍ତ୍ତନ କରାଯିବ। ୯୮୪ ଫୁଟ୍ (ପାଖାପାଖି ୩୦୦ ମିଟର) ଗଭୀର ଜଳରାଶିରେ ସୁପର ସବ୍ ଜାହାଜ ଘଣ୍ଟା ପ୍ରତି ୧୧ ମିଟର ଦୂର ଅତିକ୍ରମ କରିବା ଲାଗି ସକ୍ଷମ। ବଟଲ୍ ନେରଜ୍ ଡଲଫିନ୍ ତୁଳନାରେ ଏହି ଲଗ୍‌ଜୁରି ଜାହାଜ ୫ରୁ ୭ କିଲୋମିଟର ଅଧିକ ବେଗରେ ଜଳ ଭିତରେ ଯାତ୍ରା କରିପାରିବ। ଅନ୍ୟ ଜାହାଜ ଅପେକ୍ଷା ସୁପର ସବ୍ ୧୨.୯୬୪ କିଲୋମିଟର ଅଧିକ ସ୍ପିଡ୍‌ରେ ଯାତ୍ରା କରୁଥିବା ୟୁ-ବୋଟ୍ ୱର୍କ୍ସ ପକ୍ଷରୁ କୁହାଯାଇଛି। ସୁପର ସବ୍ ଯାତ୍ରୀଙ୍କୁ ୯୬ ଘଣ୍ଟା ପର୍ଯ୍ୟନ୍ତ ଅମ୍ଳଜାନ ଯୋଗାଇବ। ଗଭୀର ଜଳ ମଧ୍ୟରେ ରହୁଥିବା ବିରଳ ପ୍ରଜାତିର ଜୀବଙ୍କୁ ନିକଟରୁ ଦେଖିବାର ସୁଯୋଗ ମଧ୍ୟ ମିଳିବ । ଅନ୍ୟପକ୍ଷେ ଏହି ସ୍ୱତନ୍ତ୍ର ପ୍ରକାର ଜାହାଜ ତିଆରି କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ବେଶ୍ ଉତ୍ସାହିତ ଥିବା ୟୁ-ବୋଟ୍ ୱର୍କ୍ସ ସିଇଓ ବର୍ଟ ହୋଟମାନ୍ ସୂଚନା ଦେଇଛନ୍ତି।

### କେନ୍ଦୁପତ୍ରରୁ ଜିଏସ୍‌ଟି ...

ରହିଛି। କିନ୍ତୁ କେନ୍ଦୁପତ୍ର ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗିବା ଦ୍ୱାରା କେନ୍ଦୁପତ୍ର ତୋଳାଳିମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ସେମାନଙ୍କ ଜୀବନଜୀବିକା ଉପରେ ଅଧିକ ପ୍ରଭାବ ପଡୁଛି। ତେଣୁ କେନ୍ଦୁପତ୍ର ଉପରେ ନିର୍ଭର କରୁଥିବା ସମ୍ପ୍ରଦାୟର ଜୀବନଜୀବିକାକୁ ଗୁରୁତ୍ୱ ଦେଇ କେନ୍ଦୁପତ୍ରରେ ଉପରେ ଲାଗିଥିବା ୧୮ ପ୍ରତିଶତ ଜିଏସ୍‌ଟିକୁ ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଅନେକ କେନ୍ଦୁପତ୍ର ତୋଳାଳି ଲାଭବାନ ହେବେ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦୈହିକ ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ସମସ୍ୟା ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଦ୍ୱିଜା ନକ୍ଷତ୍ରର ଜଣେ ହିତୈଷୀଙ୍କ ଚେଷ୍ଟାରୁ ସମସ୍ୟା ସମାଧାନ ହେବ। ସ୍ୱାର୍ଥହାନି ଆଶଙ୍କାରେ ସହକର୍ମୀ ଅସହଯୋଗ କରିବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ନିଜ ମତକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହେବ।

**ବୃଷ**
କର୍ମକ୍ଷେତ୍ରକୁ ଯିବା ସମୟକୁ ଦରକାରୀ କାଗଜ ପତ୍ର ନପାଇ ବ୍ୟସ୍ତ ହୋଇ ପାରନ୍ତି। କାର୍ଯ୍ୟହାନି ଯୋଗୁ ମନ ଉଦାସ ରହିବ। କୃତ୍ତିକା ନକ୍ଷତ୍ର ପାଇଁ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ମାନସିକ ଅସ୍ଥିରତା କାରଣରୁ କ'ଣ କରିବେ କିମ୍ବା ନ କରିବେ ଏହି ଦ୍ୱନ୍ଦ୍ୱରେ ପଡ଼ି କିଛିବି କରିପାରିବେ ନାହିଁ।

**ମିଥୁନ**
ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପୁନର୍ବସୁ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବାଣିଜ୍ୟରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ**
ଆଜି ଯେଉଁ ଆଶା କରିବେ କିଛି ପାଇବେ ନାହିଁ। ଅଭାବ ରହିବନି, କିନ୍ତୁ କୌଣସି କାମ ମଧ୍ୟ ଶୃଙ୍ଖଳାର ସହ ସମ୍ପନ୍ନ ହୋଇପାରିବ ନାହିଁ। ଅଶ୍ଳେଷା ନକ୍ଷତ୍ରର ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇପାରିବେ।

**ସିଂହ**
ପଡ଼ୋଶୀଙ୍କ ଅସୂୟା ମନୋଭାବରୁ ନିକଟସ୍ଥ ବ୍ୟକ୍ତି ପରୋକ୍ଷ ସମାଲୋଚନା କରିପାରନ୍ତି। ଯାତ୍ରାରେ ସତର୍କ ନ ରହିଲେ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, ଆଲୋଚନା, ସଭାସମିତି ତଥା ସାଂସ୍କୃତିକ କ୍ଷେତ୍ରରେ ଉନ୍ନତି କରିବେ। ପୂର୍ବାଫାଲ୍‌ଗୁନୀର ପ୍ରଶାସନ, ପରିବହନ, ନିର୍ମାଣ, ବାଣିଜ୍ୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା**
ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିବେ। ହସ୍ତା ନକ୍ଷତ୍ରର ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା**
ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଦ୍ୱାରା ସାମୟିକ ବାଧାବିଘ୍ନ ଘଟିପାରେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଲାଭବାନ୍ ମଧ୍ୟ ହେବେ। ସ୍ୱାତୀ ନକ୍ଷତ୍ରର କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ। ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ଆଜି ବିଦେଶାଗତ ବନ୍ଧୁ ହଠାତ୍ ପହଞ୍ଚିପାରନ୍ତି।

**ବିଛା**
ଆଜି ସଭାସମିତିରେ ଯୋଗଦେଲେ ଶ୍ରଦ୍ଧା ଓ ସମ୍ମାନ ହାସଲ କରିବେ। ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ। ଅନୁରାଧା ନକ୍ଷତ୍ର ରୋଗ, ଋଣରୁ ରକ୍ଷା ପାଇବାର ଯୋଜନା କରିପାରନ୍ତି। ଅଦାଲତ ମାମଲା ଅନୁକୂଳ ହେବ।

**ଧନୁ**
ଶାରୀରିକ ଅସୁସ୍ଥତା ମାନସିକ ଅଶାନ୍ତିର କାରଣ ହେବ। ଅନ୍ୟାନ୍ୟ କ୍ଷେତ୍ରରେ ବନ୍ଧୁଙ୍କ ସଦ୍ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିପାରେ। ପ୍ରତୀକ୍ଷା କରିଥିବା ଶୁଭ ସମ୍ବାଦଟି ଆକସ୍ମିକ ଭାବରେ ପାଇ ଉଲ୍ଲସିତ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ।

**ମକର**
କର୍ମକ୍ଷେତ୍ରରେ ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ। ଧନିଷ୍ଠା ନକ୍ଷତ୍ର ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ସହକର୍ମୀଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ସୃଷ୍ଟି ହେବ।

**କୁମ୍ଭ**
ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ଶତଭିଷା ନକ୍ଷତ୍ରର ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ହେବ। ସାମୟିକ ଭାବପ୍ରବଣତାରେ ହଜିଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ।

**ମୀନ**
ଆଜି ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ତାହାକୁ ଠିକ୍ ଭାବରେ ଗ୍ରହଣ କରିବେ ନାହିଁ। ଆର୍ଥିକ ସ୍ଥିତି, ଜମିଜମା କାରବାର, ନିର୍ମାଣାଧୀନ କାମ ପ୍ରଭୃତିରୁ ଶୁଭଫଳ ପାଇବେ। ରେବତୀ ନକ୍ଷତ୍ର ସକାଶେ ଆତ୍ମୀୟଙ୍କର ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

ଆଜି ନଭେମ୍ବର ୨୭ ତାରିଖ, ମାର୍ଗଶିର ଶୁକ୍ଳ ଚତୁର୍ଥୀ ରବିବାର, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୪୯ ଗତେ ଘ.୦୯।୦୧ ମଧ୍ୟେ, ଘ.୧୨।୫୬ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୦ ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ ॥

# ଦେଓମାଳି କେଉଁଠି ମନ୍ତ୍ରୀ ଜାଣିନାହାନ୍ତି: ତାରା

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**

ରାଜ୍ୟରେ ପର୍ଯ୍ୟଟନ ସ୍ଥଳର ବିକାଶ ହୋଇପାରୁ ନାହିଁ। ରାଜସ୍ୱ ଓ ପର୍ଯ୍ୟଟକଙ୍କ ସଂଖ୍ୟା କମିଯାଉଛି। ମନ୍ତ୍ରୀ ଦେଓମାଳି କେଉଁଠି ଅଛି ଜାଣିନାହାନ୍ତି। ରାଜ୍ୟରେ ପ୍ରକୃତିର ଅପାର ଭଣ୍ଡାର ଥିବାବେଳେ ପର୍ଯ୍ୟଟନର ବିକାଶ ହୋଇପାରୁ ନାହିଁ। ଦୀର୍ଘ ବର୍ଷ ଧରି ପର୍ଯ୍ୟଟନ ସ୍ଥଳଗୁଡ଼ିକ ଅବହେଳିତ ହୋଇ ପଡ଼ିରହିଛି। ଏହାକୁ ନେଇ ଶନିବାର ବିଧାନସଭା ପ୍ରଶ୍ନକାଳରେ ଉଭୟ ଶାସକ ଓ ବିରୋଧୀ ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଗୋଟିଏ ପ୍ରସଙ୍ଗରେ ଗୃହରେ ୪୦ ମିନିଟ ଧରି ଆଲୋଚନା ହୋଇଥିଲା। ସଦସ୍ୟମାନେ ପ୍ରଶ୍ନବାଣରେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ଘାଇଲା କରି ପକାଇଥିଲେ। ପର୍ଯ୍ୟଟନ ମନ୍ତ୍ରୀ କାମଚଳା ଉତ୍ତର ଦେଇଥିଲେ। ସରକାର ପର୍ଯ୍ୟଟନର ବିକାଶ ପାଇଁ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ଜଙ୍ଗଲ ବିଭାଗ ଏବଂ ଏଏସ୍‌ଆଇ ଯୋଗୁ ସରକାର କେତେକ ପର୍ଯ୍ୟଟନ ସ୍ଥଳର ବିକାଶ କରିପାରୁ ନାହାନ୍ତି। ତେବେ ରାଜ୍ୟର ପର୍ଯ୍ୟଟନ ବିକାଶ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଥିଲେ ଯେ କୋରାପୁଟରେ ପ୍ରଚୁର ଇକୋ ଟୁରିଜମ୍ ସୁଯୋଗ ଥିବାବେଳେ ସରକାର ଏଥିପ୍ରତି ଆଦୌ ଧ୍ୟାନ ଦେଉ ନାହାନ୍ତି। ଉପକୂଳ ଜିଲାରୁ ଆରମ୍ଭ କରି କେଉଁଠୁ କେତେ ଲୋକ କୋରାପୁଟ ଆସୁଛନ୍ତି। ଦେଓମାଳି କେଉଁଠି ଅଛି ମନ୍ତ୍ରୀ ଜାଣି ନାହାନ୍ତି। ଗୁପ୍ତେଶ୍ୱରକୁ ଏବେ ରାସ୍ତାକାମ ଚାଲିଛି। ୨୦ ବର୍ଷ ହେବ ସେଠାରେ କିଛି ହୋଇନି। ଲକ୍ଷେ ଦି ଲକ୍ଷ ଦେଇ ଦେଲେ କିଛି ହେବ ନାହିଁ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ତାରା ଗୃହରେ ଧାରଣା ଦେଇଥିଲେ।

# ମାଓବାଦୀ ବ୍ୟାନରରେ ମନ୍ତ୍ରୀଙ୍କୁ ଧମକ

**ପାଇକମାଳ, ୨୬।୧୧(ଡି.ଏନ.ଏ.)**

ପଦ୍ମପୁର ଉପନିର୍ବାଚନ ପୂର୍ବରୁ ପାଇକମାଳ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତ ବିଜୁ ଏକ୍ସପ୍ରେସ ୱେ ରସମୁଣ୍ଡା ନିକଟ ଏକ ଗଛରେ ଶନିବାର ମାଓବାଦୀ ବ୍ୟାନର ଲଗାଯାଇଥିବା ଦେଖିବାକୁ ମିଳିଛି। ବ୍ୟାନରରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀମାନେ ପଦ୍ମପୁର ଉପନିର୍ବାଚନ ପାଇଁ ଭୋଟରମାନଙ୍କୁ ଧମକଚମକ ଦେଉଥିବାରୁ ସେମାନଙ୍କୁ କଡ଼ା ଜବାବ ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ବ୍ୟାନର ଶୁକ୍ରବାର ରାତିରେ ଲଗାଯାଇଥିବା ଅନୁମାନ କରାଯାଉଛି। ଖବର ପାଇ ପାଇକମାଳ ଆଇଆଇସି ସୁଶାନ୍ତ କୁମାର ବଡେଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବ୍ୟାନରକୁ ଜବତ କରିଥିଲେ। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୨୬୯/୨୨) ରୁଜୁ ହୋଇଛି। ମାଓବାଦୀ ବ୍ୟାନର ଜବତ ପରେ ମଧ୍ୟାହ୍ନରେ ବରଗଡ ଏସ୍‌ପି ସ୍ମିତ ପି. ପରମାରଙ୍କ ନେତୃତ୍ୱରେ ସିଆରପିଏଫ ଜବାନମାନେ ରସମୁଣ୍ଡାରେ ଫ୍ଲାଗମାର୍ଚ୍ଚ କରିଥିଲେ। ପାଇକମାଳରେ ଲାଲ୍ ବାହିନୀ ନିଜର ଉପସ୍ଥିତି ଜାହିର କରିଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଗତ ଦୁଇଦିନ ତଳେ ଗନ୍ଧମାର୍ଦ୍ଦନ ପର୍ବତରେ ମାଓବାଦୀ ଓ ପୋଲିସ ଗୁଳି ବିନିମୟରେ ଦୁଇଜଣ ମାଓବାଦୀ ମୃତ୍ୟୁବରଣ କରିଥିଲେ।

# ଗୁଳି ବିନିମୟ: ୪ ମାଓବାଦୀ ନିହତ

**ମାଲକାନଗିରି,୨୬।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ପୋଲିସ ଗୁଳିରେ ୪ ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ଜବତ ହୋଇଛି। ଖବରରୁ ଜଣାପଡିଛି, ସିଆର୍‌ପିଏଫ୍, ଡିଆର୍‌ଜି ଏବଂ ଏସ୍‌ଟିଏଫ୍ ବାହିନୀ ପକ୍ଷରୁ ଛତିଶଗଡ଼ ବିଜାପୁରର ପୋମରା ଜଙ୍ଗଲରେ ପୋଲିସ ପକ୍ଷରୁ ଶୁକ୍ରବାର ରାତିରେ ସର୍ଚ୍ଚ ଅପରେଶନ ଚାଲିଥିଲା। ଏହି ସମୟରେ ପୋଲିସକୁ ଦେଖି ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ପାଲଟା ଜବାବ ମଧ୍ୟ ପୋଲିସ ଦେଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଚାଲିଥିଲା। ଶେଷରେ ପୋଲିସ ଗୁଳିକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ପଳାଇଥିଲେ। ଗୁଳିବିନିମୟ ସରିବା ପରେ ଯବାନମାନେ ସେହି ଅଞ୍ଚଳରେ ତଲାସୀ ବେଳେ ୪ ଜଣ ହାର୍ଡକୋର ମାଓବାଦୀଙ୍କ ମୃତଦେହ ମିଳିଥିଲା। ସମ୍ପୃକ୍ତ ଜଙ୍ଗଲରେ କୋମ୍ବିଂ ଅପରେଶନ ଜାରି ରହିଛି। ଜବତ ହୋଇଥିବା ମାଓବାଦୀଙ୍କ ପରିଚୟ ମିଳିନାହିଁ। ସେମାନଙ୍କ ମୃତଦେହ ନିକଟରୁ ବହୁ ପରିମାଣରେ ବିସ୍ଫୋରକ ସାମଗ୍ରୀ ଓ ବନ୍ଧୁକ ଜବତ କରାଯାଇଛି। ତେବେ ନିହତ ମାଓବାଦୀମାନେ କେଉଁ ମାଓବାଦୀ ସଙ୍ଗଠନ ସହ ଜଡ଼ିତ ସେନେଇ କୌଣସି ସୂଚନା ମିଳିନାହିଁ। ମିଳିଥିବା ମୃତଦେହ ମଧ୍ୟରେ ୨ଜଣ ମହିଳା ଓ ୨ଜଣ ପୁରୁଷ ମାଓବାଦୀଙ୍କର ବୋଲି ବିଜାପୁର ଏସ୍‌ପି ଅଞ୍ଜନେୟ ବାନାର୍ଜୀ କହିଛନ୍ତି।

# ନୂତନ ଅମେରୁଦଣ୍ଡୀ ପ୍ରାଣୀ ମେଲାନୋକ୍ଲାମିସ୍ ବେଙ୍ଗଲେନ୍‌ସିସ୍ ଆବିଷ୍କୃତ



**ଗୋପାଳପୁର,୨୬।୧୧(ଡି.ଏନ.ଏ.)**

ମେଲାନୋକ୍ଲାମିସ୍ ବେଙ୍ଗଲେନସିସ୍ ନାମକ ଏକ ନୂତନ ପ୍ରଜାତିର ହେଡ୍ ସିଲ୍‌ଡ ସମୁଦ୍ର ସ୍ଲଗ୍ ଦୀଘା ଏବଂ ଏହାର ନିକଟବର୍ତ୍ତୀ ସ୍ଥାନରୁ ଡ. ପ୍ରସାଦ ଚନ୍ଦ୍ର ଟୁଡୁ, ଡ. ଶେଖ ସାଜନ, ଡ. ସୋମେନ ରଏ, ଡ. ଅମିତ ମୁଖୋପାଧ୍ୟାୟ, ଡ. ଅନିଲ ମହାପାତ୍ର ଓ ଡ. ବାସୁଦେବ ତ୍ରିପାଠୀଙ୍କ ଦ୍ୱାରା ଶନିବାର ଆବିଷ୍କୃତ ହୋଇଛି ବୋଲି ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ, ଗଞ୍ଜାମ ଜିଲା ଗୋପାଳପୁରର ଇନ୍‌ଚାର୍ଜ ଡ. ଅନିଲ ମହାପାତ୍ର ସୂଚନା ଦେଇଛନ୍ତି।

ଏହି ପ୍ରଜାତି ହେଡ୍ ସିଲ୍‌ଡ ସମୁଦ୍ର ସ୍ଲଗ୍ ପଶ୍ଚିମବଙ୍ଗ ଉପକୂଳର ବଖାଲି ସହିତ ଓଡ଼ିଶାର ଧାମରା କନିକା ଦ୍ୱୀପରେ ଦେଖିଯାଆନ୍ତି। ବଙ୍ଗୋପସାଗରରେ ଏମାନେ ବଢିଥାନ୍ତି। ଏହାର ନାମ ଉକ୍ତ ଦ୍ୱୀପାଞ୍ଚଳରୁ ମିଳିଥିଲା ବୋଲି ବୈଜ୍ଞାନିକମାନେ କହିଛନ୍ତି। ଏ ବିଷୟରେ ଅନ୍ତର୍ଜାତୀୟ ଜର୍ନାଲ୍ ମୋଲୁସ୍‌କାନ ରିସର୍ଚ୍ଚରେ ପ୍ରକାଶିତ ହୋଇଥିଲା।


**LIC** ଏଲ.ଆଇ.ସି. ସ୍ୱର୍ଣ୍ଣଜୟନ୍ତୀ ଫାଉଣ୍ଡେସନ LIC GOLDEN JUBILEE FOUNDATION

**ଏଲଆଇସି ଗୋଲ୍‌ଡେନ୍ ଜୁବିଲୀ ସ୍କଲାର୍‌ଶିପ୍ ସ୍କିମ୍ 2022**
**ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ**

ଏଲଆଇସି ଗୋଲ୍‌ଡେନ୍ ଜୁବିଲୀ ଫାଉଣ୍ଡେଶନ୍ ଶିକ୍ଷଣ ବର୍ଷ 2021-22 ରେ ଦଶମ/ଦ୍ୱାଦଶ/ଡିପ୍ଲୋମା କିମ୍ବା ତତ୍‌ସମାନକୁ ଅନ୍ୟୂନ 60% ବା ତତ୍‌ସମାନ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ଲାଗି ସହର୍ଷେ ଘୋଷଣା କରୁଛି ସର୍ବ ଭାରତୀୟ ସ୍ତରରେ ସ୍କଲାର୍‌ଶିପ୍।

- **20 ରେଗୁଲାର୍ ସ୍କଲାର୍‌ଶିପ୍ ଏଲଆଇସି'ର ପ୍ରତି ଡିଭିଜନାଲ୍ ସେଣ୍ଟର ସକାଶେ:** (ପୁଅ ଓ ଝିଅଙ୍କ ଲାଗି ପ୍ରତ୍ୟେକ 10ଟି) ଉଚ୍ଚ ଶିକ୍ଷା କରିବା ସକାଶେ, ଏସବୁ ବିଷୟରେ:
  - (i) ମେଡିସିନ, ଇଞ୍ଜିନିଅରିଙ୍ଗ, ଯେକୌଣସି ପାଠ୍ୟକ୍ରମରେ ଗ୍ରାଜୁଏଶନ୍, ଯେକୌଣସି କ୍ଷେତ୍ରରେ ଡିପ୍ଲୋମା କୋର୍ସ ଏବଂ ଇଣ୍ଟିଗ୍ରେଟେଡ୍ କୋର୍ସେସ୍
  - (ii) ସରକାରୀ ମାନ୍ୟତାପ୍ରାପ୍ତ କଲେଜେସ୍/ଇନ୍‌ଷ୍ଟିଚ୍ୟୁଟ୍‌ସ ଜରିଆରେ ଭୋକେଶନାଲ୍ କୋର୍ସ କିମ୍ବା ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍‌ସ (ଆଇଟିଆଇ) ରେ କୋର୍ସେସ୍
- **10 ସ୍ୱେଶାଲ୍ ସ୍କଲାର୍‌ଶିପ୍ ଏଲଆଇସି'ର ପ୍ରତି ଡିଭିଜନାଲ୍ ସେଣ୍ଟର'ର ଝିଅଙ୍କ ସକାଶେ:** 10 + 2 ପ୍ୟାଟର୍ନ ଅନ୍ତର୍ଗତ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରିବା ସକାଶେ।

ଅନ୍‌ଲାଇନ୍ ଆବେଦନ, ଅନ୍ୟାନ୍ୟ ଯୋଗ୍ୟତା ସର୍ତ୍ତ ଏବଂ ସ୍କିମ୍'ର ବିଶଦ ବିବରଣୀ ପାଇଁ ଲଗ୍ ଅନ୍ କରନ୍ତୁ
**www.licindia.in**
ଅନ୍‌ଲାଇନ୍ ଆବେଦନ ପଇଠ କରିବାର ଅନ୍ତିମ ଦିନାଙ୍କ 18.12.2022।









**Baidyanath ବୈଦ୍ୟନାଥ**

**ଘରେ ଡାକ୍ତର**
ସାଧାରଣ ଅସୁସ୍ଥତା ପାଇଁ ଆୟୁର୍ବେଦିକ ଚିକିତ୍ସା

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ୍ ଲୌହ |
| ବୟସ ପ୍ରତିରୋଧୀ | କେସରୀ କଳ୍ପ (ରୟାଲ୍ ଚ୍ୟବନପ୍ରାସ) |
| ଆର୍ଥରାଇଟିସ୍, ଗାଉଟ୍, ରୁମେଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ ଗୋଲ୍ଡ |
| ପେଟ ଯନ୍ତ୍ରଣା ଓ ପାଚନ ସମସ୍ୟା | ଚିତ୍ରକାଦି ଟ୍ୟାବ୍, ଇସାବେଲ୍-ଏଚ୍ |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ଼, ପ୍ରୋଷ୍ଟେଡ୍ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସାନ୍ତକ ବଟି |
| ହୃତପିଣ୍ଡର ସମସ୍ୟା | ଗୁଡ଼ ହାର୍ଟ, କୋଲେଷ୍ଟ ଗାର୍ଡ଼ |
| ବଦହଜମି | ଏକ୍ୱାଜେଷ୍ଟେ |
| କିଡ୍‌ନୀ ଏବଂ ଗଲ୍ ଷ୍ଟୋନ୍ | ପଥରୀନା |
| ଲ୍ୟୁକେରିଆ | ଲ୍ୟୁକୋନିଲ୍ |
| ଯକୃତ ସମସ୍ୟା | ଲିଭ୍ ଗୁଡ୍, ଲିବରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ଋତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ମୂତ୍ରରୋଗ | ଚନ୍ଦ୍ରପ୍ରଭା ଟ୍ୟାବ୍, ଗୋକ୍ଷୁରାଦି ଗୁଗ୍‌ଲୁ ଟ୍ୟାବ୍ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ, ମୁସଲି ଏକ୍ସ, ମୁସଲି ପାକ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ ⬇

JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905



UTKAL UNIVERSITY

**ଉତ୍କଳ ବିଶ୍ୱବିଦ୍ୟାଳୟ**
**୮୦ ତମ ପ୍ରତିଷ୍ଠା ଦିବସ**

**ଗୌରବମୟ ଅଶୀ ବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ**

- ଅଖଣ୍ଡ ଭାରତର ୧୭ତମ ପ୍ରାଚୀନ ଏବଂ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ନିଜର ଶୈକ୍ଷଣିକ ଉତ୍କର୍ଷ ଏବଂ ଗୁଣାତ୍ମକ ଗବେଷଣା ପାଇଁ **NAAC A+** ସ୍ୱୀକୃତି, ୟୁଜିସିର ପ୍ରଥମ ବର୍ଗର ବିଶ୍ୱବିଦ୍ୟାଳୟ ଏବଂ ୨୦୨୧ ମସିହାରେ **NIRF**ମୂଲ୍ୟାୟନ ଅନୁକ୍ରମେ ୮୮ତମ ସ୍ଥାନରେ ସ୍ଥାନୀତ ହେବାର ଅନନ୍ୟ ଗୌରବର ଅଧିକାରୀ ହୋଇଛି। ଏହା ରାଜ୍ୟର ସର୍ବବୃହତ ଅନୁବନ୍ଧନ ପ୍ରଦାନ କରୁଥିବା ବିଶ୍ୱବିଦ୍ୟାଳୟ।
- ଶିକ୍ଷା ପ୍ରଦାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ବିଭିନ୍ନ ବିଭାଗରେ ଅତିରିକ୍ତ ୩୦ଟି ସ୍ମାର୍ଟ କ୍ଲାସରୁମର ସୁବିଧା ପ୍ରଦାନ।
- ଇ-ରିସୋର୍ସକୁ ବ୍ୟବହାର କରିବା ପାଇଁ ଇ-ଲାଇବ୍ରେରୀର ସୁବିଧା କାର୍ଯ୍ୟକାରୀ ଏବଂ ଇ-ରିସୋର୍ସର ବିକାଶ ପାଇଁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଭର୍ଚୁଆଲ ଟ୍ୟୁଟୋରିଆଲ୍ ଲ୍ୟାବର ସୁବିଧା।
- ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଭିତ୍ତିଭୂମି ଓ ଅନୁସନ୍ଧାନ ସୁଦୃଢ଼ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ଉତ୍କର୍ଷ ଓ ସମାନତା ପରିଯୋଜନା(**OHEPEE**) ଏବଂ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(**RUSA**) ୨.୦ରୁ ସରକାରୀ ଆର୍ଥିକ ସହାୟତା ଲାଭ।
- ଆନ୍ତଃବିଭାଗୀୟ ଗବେଷଣା, ଅଧିକ ସହଭାଗିତା ଏବଂ ଗବେଷଣାତ୍ମକ ପାଣ୍ଠିର ପ୍ରୋତ୍ସାହନ ପାଇଁ **OHEPEE** ଏବଂ **RUSA** ପ୍ରୋଗ୍ରାମ ଅଧୀନରେ ୧୦ଟି 'ସେଣ୍ଟର ଅଫ ଏକ୍ସଲେନ୍ସ(**CoEs**)' ସଫଳ ଭାବେ କାର୍ଯ୍ୟ କରୁଛନ୍ତି।
- ଉଚ୍ଚସ୍ତରୀୟ-ଯନ୍ତ୍ରପାତି ଏବଂ କମ୍ପ୍ୟୁଟିଂ ସୁବିଧା ଥିବା ଏକ ଉତ୍ସର୍ଗୀକୃତ 'କେନ୍ଦ୍ରୀୟ ଯନ୍ତ୍ରପାତି ସୁବିଧା କେନ୍ଦ୍ର **(Centre for Innovation and Incubation(CII)**ର ବିକାଶରେ ଅଗ୍ରଗତି।
- ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ମିଳିତ ସହଯୋଗରେ ଗବେଷଣାତ୍ମକ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ ଏବଂ ନୂତନ ଚିନ୍ତାଧାରର ଆଦାନପ୍ରଦାନ ପାଇଁ **'Odisha Research Conclave-2021'**ର ସଫଳ ଆୟୋଜନ।
- ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର.ବି.ଆଇ.)ର ସହାୟତାରେ ଅର୍ଥନୀତି ବିଭାଗରେ 'ଆର.ବି.ଆଇ ଚେୟାର'ର ପୁନରୁଦ୍ଧାର ଏବଂ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସହାୟତାରେ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ସ୍ମୃତିରେ 'ପାଇକ ଚେୟାର'ର ସ୍ଥାପନା
- ଉଦ୍ୟୋଗୀ ଇକୋ ସିଷ୍ଟମକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବର୍ଷ ୨୦୨୦ରୁ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର **RUSA** ପରିଯୋଜନା ସହାୟତାରେ ଏବଂ **Utkal Entrepreneurship & Career Hub(UECH)** ଅଧୀନରେ **Centre for Innovation & Incubation(CII)**ର ସ୍ଥାପନା କରାଯାଇଛି।
- ସ୍ୱଚ୍ଛତା ପୂର୍ବକ ଶୀଘ୍ର ଫାଇଲ ପ୍ରକ୍ରିୟାକରଣ ପାଇଁ ଇ-ଅଫିସ କାର୍ଯ୍ୟ କରୁଛି।
- ଶିକ୍ଷାଗତ ବିନିମୟ ଏବଂ ଅଧିକ ଗବେଷଣାତ୍ମକ ସହଭାଗୀତା ପାଇଁ ବହୁଜାତୀୟ ଓ ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନ ସହିତ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି।

**ପ୍ରଫେସର ସବିତା ଆଚାର୍ଯ୍ୟ**
କୁଳପତି ଉତ୍କଳ ବିଶ୍ୱବିଦ୍ୟାଳୟ

**ଡ଼. ଅଭୟ କୁମାର ନାୟକ, ଓ.ଏ.ଏସ.**
କୁଳସଚିବ ଉତ୍କଳ ବିଶ୍ୱବିଦ୍ୟାଳୟ










For Dealership Please Contact:
**OSIC, Cuttack:** Mr. K.C. Acharya, M : 9437243074
**Deson Marketing, Rourkela:** Ms. Chithralekha Mishra M : 94744 78481, 7063512444
**Kausalya Agencies, Berhampur:** Mr S.K. Panda, M : 9437358219

ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ- ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସାମଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ- ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା। - ଶ୍ରୀଅରବିନ୍ଦ



# ଅଧୁରା ଅଭିଯାନ



ଆକାର ପଟେଲ

ଭାଜପା ସରକାର ବ୍ୟାପକ ଶକ୍ତି ଓ ସଂବେଗ ସହ ୨୦୧୯ରେ ପ୍ରବେଶ କରିଥିଲା। ସେହି ବର୍ଷ ମେ'ର ନିର୍ବାଚନୀ ବିଜୟ ଥିଲା ନିର୍ଣ୍ଣାୟକ ଓ ଏହା ୨୦୧୪ ତୁଳନାରେ ଅଧିକ ଆସନ ପ୍ରଧାନମନ୍ତ୍ରୀଙ୍କୁ ଭେଟିଦେଲା। ଦୃଢ ଜନାଦେଶ ଓ ତାଙ୍କ ଉପରେ ରହିଥିବା ଲୋକଙ୍କ ଅପରିବର୍ତ୍ତିତ ବିଚାରଧାରା ତାଙ୍କ ଆତ୍ମବିଶ୍ୱାସ ବଢ଼ାଇ ଦେଇଥିଲା। ଏହାକୁ ଆଧାରକରି ସେ ସାର୍ବଜନୀନ ସ୍ତରରେ ନିଜର ଭାବମୂର୍ତ୍ତି ବଢାଇବା ଲାଗି ନୀତି ବା ଆଇନ ସବୁ ଗଢ଼ିବାରେ ସମୟ ଦେଲେ। ଜୁନ୍ ୨୦୨୦ ପର୍ଯ୍ୟନ୍ତ ଏକ ବର୍ଷ ପାଇଁ ଉକ୍ତ ଅଭିଯାନ ଜାରି ରହିଲା ଓ ପରେ ଏହି ଧାରାରୁ ହଟିଗଲା। ଏହି ୧୨ ମାସରେ ଅନେକ ବିଷୟ ଘଟିଗଲା ଓ ସେଥିମଧ୍ୟରୁ ବହୁ ଅପ୍ରିୟ ଘଟଣାର ପରିଣାମ ଏବେ ସୁଦ୍ଧା ଆମ ସହିତ ରହିଛି ଓ ସେଗୁଡ଼ିକ ବାରମ୍ବାର ସାମ୍ନାକୁ ଆସୁଛି। ୨୦୧୯ ଜୁଲାଇ ୨୫ରେ ଲୋକ ସଭାରେ ତିନି ତଲାକ ବିଲ୍ ପାସ୍ ହୋଇଥିଲା ; ଯାହାକୁ ପୂର୍ବରୁ ସୁପ୍ରିମକୋର୍ଟ ରଦ୍ଦ କରିସାରିଥିଲେ। କିନ୍ତୁ ଏହାକୁ ଦଣ୍ଡନୀୟ ଆପରାଧିକ ଆଇନ କରାଗଲା। ଏହାସହ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିବାହକୁ ବନ୍ଦ କରାଯିବା ସହ ଧର୍ମୀୟ ସ୍ୱାଧୀନତାକୁ ନେଇ ଅନେକ ଆଇନ ଅଣାଗଲା। ଏହାପରେ ୫ ଅଗଷ୍ଟରେ ୩୭୦ ଧାରା ଉଚ୍ଛେଦ କରାଗଲା। ଅଗଷ୍ଟ ୩୧ରେ ଶେଷ ଜାତୀୟ ନାଗରିକ ପଞ୍ଜୀକରଣ(ଏନ୍ଆର୍ସି) ଆସାମ ଦ୍ୱାରା ପ୍ରକାଶ କରାଗଲା। ଯେଉଁମାନେ ସେମାନଙ୍କ ପୂର୍ବପୁରୁଷଙ୍କ ୧୯୭୧ ପୂର୍ବରୁ ରାଜ୍ୟରେ ରହିଆସୁଥିବା ପ୍ରମାଣ ଦେଇପାରିଲେ ନାହିଁ ସେମାନଙ୍କୁ ଜେଲରେ ରଖାଯିବା ପ୍ରକ୍ରିୟା ଆରମ୍ଭ ହୋଇଗଲା। ଏହା ପରେ ଭାଜପା ଲାଗି ଆଉ ଏକ ବିଜୟ କ୍ଷଣ ଆସିଲା ନଭେମ୍ବର ୯ରେ। ସୁପ୍ରିମକୋର୍ଟ ଅଯୋଧ୍ୟା ରାୟ ପ୍ରକାଶ କଲେ ଏବଂ ପୂରା ବିବାଦୀୟ ସ୍ଥଳୀକୁ ମନ୍ଦିରକୁ ଦେଇଦେଲେ। ତା'ପର ମାସ ୯ ଡିସେମ୍ବରରେ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଲୋକ ସଭାରେ ପାସ୍ ହେଲା। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ, ଏହା ଦୁଇଭାଗ ବିଶିଷ୍ଟ ଏକ ସଣ୍ଢୁଆଶିର ଗୋଟିଏ ପଞ୍ଝା ଓ ଅନ୍ୟ ପଞ୍ଝାଟି ଥିଲା ଏନ୍ଆର୍ସି। ସିଏଏ ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ଦେଖାଦେଲା ଓ ଭାରତ ଯାହା କରୁଥିଲା ତା' ବିରୋଧରେ ଅନ୍ତର୍ଜାତୀୟ ସ୍ତରରେ ବି ସ୍ୱର ଉଠିଲା। ତା'ପର ମାସରେ ଦେଶବ୍ୟାପୀ ଲକ୍ଡାଉନ ଲାଗୁ ହୋଇଥିଲା। ଏହା ଥିଲା ବିଶ୍ୱର ସବୁଠୁ କଠିନ। ହେଲେ ଲକ୍ଡାଉନ ଭାରତରେ କୋଭିଡ୍ ମହାମାରୀର ସଂକ୍ରମଣ ଧାରାକ ପରିବର୍ତ୍ତନ କରିପାରିଲା ନାହିଁ। ଏହାର କିଛି ସପ୍ତାହ ପରେ ଲଦାଖରେ ଚାଇନା ସୈନ୍ୟଙ୍କ ସହ ସଂଘର୍ଷରେ ଭାରତର ୨୦ ଜଣ ଯବାନ ସହୀଦ ହେଲେ। ଫଳରେ ପଶ୍ଚିମରୁ ଆରମ୍ଭ କରି ପାକିସ୍ତାନ ବିରୋଧରେ ପୂର୍ବ ଯାଏ ଭାରତର ଜାତୀୟ ସୁରକ୍ଷା ଗତିଶୀଳତା ଏପାଖସେପାଖ ହୋଇଗଲା। କାହିଁକି ଏଭଳି ଘଟିଲା ଆମେ ଜାଣିନାହୁଁ। ବୈଦେଶିକ ମନ୍ତ୍ରୀ ବି କହିଛନ୍ତି ଯେ, ଚାଇନା କାହିଁକି ଓ କେଉଁଥିପାଇଁ ଏହା କଲା ସେ ବୁଝିପାରୁନାହାନ୍ତି।

୨୦୧୯ ନିର୍ବାଚନରେ ବିଜୟ ହାସଲ କରିବାର ଏକ ବର୍ଷ ପରେ ଅର୍ଥାତ୍ ୨୦୨୦ ଜୁନ ୫ରେ କୃଷି ଅଧ୍ୟାଦେଶ ଅଣାଗଲା। ଏହା ବିରୋଧରେ ତୀବ୍ର ପ୍ରତିବାଦ ହେବାରୁ ସରକାର ଆଗକୁ ବଢିପାରିଲେ ନାହିଁ। କଶ୍ମୀରରେ ୩୭୦ ଧାରା ଉଚ୍ଛେଦ କରି ତା'ପରେ କ'ଣ ଘଟିବ ଭାଜପା ଜାଣି ନ ଥିଲା କି ଏବେ ସୁଦ୍ଧା ଜାଣିପାରୁନାହିଁ। ଦକ୍ଷିଣ ଏସିଆରେ କଶ୍ମୀର ହେଉଛି ଏକ ସ୍ଥାନ ଯେଉଁଠି ନିର୍ବାଚିତ ସରକାର ନାହିଁ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ୩ ବର୍ଷ ଏବଂ ବିଧାନସଭା ଭଙ୍ଗ ହେବା ୪ ବର୍ଷ ବିତିଗଲାଣି। ୨୦୧୫ ପୂର୍ବ କିଛି ବର୍ଷ ମଧ୍ୟରେ ହିଂସା ଯାହା ଥିଲା ଏବେ ସେଠାରେ ତାହାଠୁ କିଛି କମ୍ ନାହିଁ। ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରି ଅଣାଯାଇଥିବା ଆଇନଗୁଡ଼ିକ ସମସ୍ୟା ଭିତରକୁ ଚାଲିଗଲା, କାରଣ ଚିନ୍ତା କରାଯାଇ ସେଗୁଡ଼ିକୁ ଗଢ଼ାଯାଇନାହିଁ। କୃଷି ଆଇନଗୁଡ଼ିକ ବିରୋଧରେ ଦେଶରେ ଦୀର୍ଘଦିନ ବ୍ୟାପୀ ସବୁଠୁ ବଡ଼ ଗଣ ଆନ୍ଦୋଳନ ହେବା ପରେ ପ୍ରଧାନମନ୍ତ୍ରୀ କ୍ଷମା ମାଗିଲେ ଓ ଉକ୍ତ ଆଇନଗୁଡ଼ିକ ଅଧୁରା ରହିଗଲା। ଏଭଳି ସ୍ଥିତିକୁ ବି ଦେଶ ଦେଖିଛି। ସିଏଏ ଆଇନକୁ ତିନି ବର୍ଷ ହୋଇଯାଇଥିଲେ ମଧ୍ୟ କିଛି କାରଣ ପାଇଁ ସରକାର ଏହାକୁ ଲାଗୁ କରିପାରିନାହାନ୍ତି। ତାହା ମଧ୍ୟ ଅଧୁରା ରହିଛି। ଦେଶବ୍ୟାପୀ ଲାଗୁ କରିବାକୁ ଥିବା ଏନ୍ଆର୍ସି କଥା ବି ବନ୍ଦ ହୋଇଯାଇଛି।

ଶେଷରେ ଅର୍ଥ ବ୍ୟବସ୍ଥାରେ ସକାରାତ୍ମକ ଦୃଷ୍ଟିରୁ ଅଧିକ କିଛି ସମ୍ଭାବନା ରହିଲା ନାହିଁ। ସରକାରୀ ତଥ୍ୟରୁ ଜଣାପଡ଼ିଛି, ୯ଟି ତ୍ରୈମାସିକରେ ଅର୍ଥାତ୍ ୨୦୧୮ ଜାନୁୟାରୀ ଆରମ୍ଭରୁ ୨ ବର୍ଷ ୩ ମାସ ଧରି ଜିଡିପି ଅଭିବୃଦ୍ଧି ମାନ୍ଦା ରହିଥିଲା। ଏହି କାରଣରୁ ମୁଣ୍ଡପିଛା ଜିଡିପିରେ ବାଂଲାଦେଶ ଭାରତକୁ ଟପିଗଲା। ଏହା କେବଳ ମହାମାରୀ ଯୋଗୁ ଘଟିଲା ବୋଲି କୁହାଯିବ ନାହିଁ, ବରଂ ବାଂଲାଦେଶ ୨୦୧୫ଠାରୁ ତା'ଅର୍ଥ ବ୍ୟବସ୍ଥାର ଲକ୍ଷ୍ୟରେ ପହଞ୍ଚିବାକୁ ଚେଷ୍ଟା ଜାରି ରଖିଥିଲା। ଭାରତ ଅର୍ଥ ବ୍ୟବସ୍ଥାରେ ଅଭିବୃଦ୍ଧି ହାରକୁ ଫେରିବାକୁ ଆଖିଦୃଶିଆ ପଦକ୍ଷେପ ନ ନେବାରୁ ବାଂଲାଦେଶ ପଛରେ ପଡ଼ିଗଲା। ବେରୋଜଗାର ସମ୍ପର୍କିତ ସରକାରୀ ତଥ୍ୟରୁ ଜଣାଯାଏ, ୪ ବର୍ଷ ହେଲା ବେରୋଜଗାରୀ ରେକର୍ଡ ସ୍ତରରେ ରହିଛି। ୨୦୧୯ ନିର୍ବାଚନ ଇସ୍ତାହାରରେ ଭାଜପା ତା'ସରକାରର ଗୋଟିଏ ସୂଚକାଙ୍କ ସମ୍ପର୍କରେ କହିଥିଲା ଓ ଏଥିରେ ବିଶ୍ୱ ବ୍ୟାଙ୍କର ଡୁଇଂ ବିଜ୍ନେସ ର୍ୟାଙ୍କିଙ୍ଗ୍ରେ ଉନ୍ନତି ବିଷୟ ସୂଚାଇଥିଲା। ଦୁର୍ଭାଗ୍ୟର ବିଷୟ, କିଛି ଦେଶ ସୂଚକାଙ୍କରେ ସ୍କୋର୍ ବଢାଇବା ଲାଗି ହେର୍ଫେର କରୁଥିବା ଜଣାପଡ଼ିଲା ପରେ ୨୦୨୦ରେ ଏହି ର୍ୟାଙ୍କିଙ୍ଗ୍ ବନ୍ଦ ହୋଇଗଲା। ତେବେ ଗୋଟିଏ ବର୍ଷର ବିସ୍ଫୋରକ କାର୍ଯ୍ୟକଳାପ ପରେ ସରକାରଙ୍କ ପାଖରେ ଆଉ କିଛି ପ୍ରଦର୍ଶନ କରିବାକୁ ରହିନାହିଁ। ସରକାର ଦ୍ୱିତୀୟ ଲହରରେ ତାଙ୍କ କାର୍ଯ୍ୟକ୍ରମରେ କୌଣସି ଶ୍ରେୟ ନେଇପାରିଲେ ନାହିଁ। ଏହା ପଛରେ ଏକ କାରଣ ଥିଲା ; ଯେଉଁଥିପାଇଁ ପ୍ରଚାର ପ୍ରସାର ପ୍ରିୟ ପ୍ରଧାନମନ୍ତ୍ରୀ ସାର୍ବଜନୀନ ରୂପେ ୨୦ ଦିନ ଲାଗି ସାମ୍ନାକୁ ଆସି ନ ଥିଲେ। ପ୍ରଦର୍ଶନକୁ ଅଧିକ ସୂଚିତ କରୁ ନ ଥିବା ଏବଂ କେବଳ କରିସ୍ମା ଦେଖାଇବା ଲାଗି କରାଯାଇଥିବା ଅସଂଖ୍ୟ ରାଜନୈତିକ ଅଭିଯାନ ମଧ୍ୟରେ ନିରୁତ୍ସାହ ଦେଖାଯାଇଛି। ଏଠାରେ ଅତୀତ ସମ୍ପର୍କରେ କିଛି କୁହାଯାଉନାହିଁ, କାରଣ ଏହା ଦୂରରେ ନାହିଁ। ଯେ କେହି ଅବଲୋକନ କଲେ ଜାଣିପାରିବେ। ବାସ୍ତବରେ ଭାଜପା ବୁମ୍ଦ୍ରୀକରଣକୁ ଭୁଲି ଯିବାକୁ ଚାହୁଁଥିବାବେଳେ ସୁପ୍ରିମକୋର୍ଟ ଦ୍ୱାରା ଏହାର ଶୁଣାଣି ହେଉଛି।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | 8 | | | |
| 4 | | 5 | 6 | | | | | |
| | | 7 | | | 1 | | | |
| | | | | | | 3 | 9 | |
| | | 8 | 2 | 5 | | | | |
| 3 | 1 | | | | 7 | | | 5 |
| 8 | | 9 | | | 6 | | 7 | 2 |
| | | | 4 | | | | 3 | |
| 6 | 3 | | | | | | 8 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 1 | 7 | 6 | 8 | 3 | 9 | 5 |
| 9 | 3 | 7 | 1 | 4 | 5 | 2 | 8 | 6 |
| 5 | 6 | 8 | 3 | 2 | 9 | 7 | 4 | 1 |
| 6 | 9 | 5 | 4 | 8 | 2 | 1 | 7 | 3 |
| 7 | 2 | 4 | 6 | 1 | 3 | 8 | 5 | 9 |
| 8 | 1 | 3 | 5 | 9 | 7 | 6 | 2 | 4 |
| 3 | 7 | 6 | 8 | 5 | 4 | 9 | 1 | 2 |
| 4 | 8 | 9 | 2 | 3 | 1 | 5 | 6 | 7 |
| 1 | 5 | 2 | 9 | 7 | 6 | 4 | 3 | 8 |

ଗତ କାଲିର ଉତ୍ତର

# ଦୁଃଖୀ ମଣିଷର ସୁଖ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସମାଜର ସାମାଜିକ ଓ ଅର୍ଥନୈତିକ ସଂସ୍କୃତି ମଧ୍ୟରେ ଦୁଃଖୀ ମଣିଷର ଦୁଃଖ ବା ସୁଖୀ ମଣିଷର ସୁଖର ଦୃଷ୍ଟାନ୍ତ ଖୋଜିବା ଯେମିତି କଷ୍ଟସାଧ୍ୟ ନୁହେଁ, ସେମିତି ଏସବୁ ଦୃଷ୍ଟାନ୍ତ କୌଣସି ଅର୍ଥପୂର୍ଣ୍ଣ ଅନୁଶୀଳନର ଅପେକ୍ଷା ରଖେ ନାହିଁ। ପୁଣି ସଚରାଚର ଦୃଷ୍ଟିରେ ପଡୁଥିବା କିଛି ସୁଖୀ ଲୋକଙ୍କର ନିଜସ୍ୱ ଦୁଃଖ ବୋଲି କିଛି ଥାଏ, ଯାହା ଯେତେ ଲୁଚାଇଲେ ବି ଅନ୍ୟଠୁଁ ଗୋପନ ରଖାଯାଇପାରେନା। ଐଶ୍ୱର୍ଯ୍ୟ ମଧ୍ୟରେ ଉବୁଟୁବୁ ହେଉଥିବା ଧନପତିଙ୍କ ନିଃସନ୍ତାନ ହେବାର ଦୁଃଖ ହେଉ କି ଏକଦା ଏକାଧିକ ସନ୍ତାନସୁଖରେ ମୁଗ୍ଧ ଜୀବନ ଜିଇଥିବା ଲୋକଟି ବୃଦ୍ଧାବସ୍ଥାରେ ସନ୍ତାନଙ୍କ ଦ୍ୱାରା ନିର୍ଯାତିତ ହୋଇ ଜରାଶ୍ରମରେ କାଳ କାଟୁଥିବାର ଦୁଃଖ ହେଉ, ସୁଖର ଅନ୍ତରାଳରେ ଦୁଃଖର କଳାଛାୟା ଭୋଗୁଥିବାର ଦୃଶ୍ୟ ଏ ସଂସାରରେ ବିରଳ ନୁହେଁ। ମାତ୍ର ଅଭାବ, ଅନଟନ ବା ଅପ୍ରାପ୍ତି ଓ ଅସହାୟତାରେ ଭରା ଯାହାର ଜୀବନ ; ସେଭଳି ଦୁଃଖୀ ଲୋକର ସୁଖ ପରିକଳ୍ପନା କରିବା ବୋଧହୁଏ ମର୍ତ୍ତ୍ୟରେ ପାରିଜାତ କଳ୍ପନା କରିବା ଭଳି ଏକାନ୍ତ ଅବାସ୍ତବ। ମାତ୍ର ଏ ଜଗତରେ ସବୁ କଥାରେ କିଛି ନା କିଛି ବ୍ୟତିକ୍ରମ ଥିବା ଭଳି ଏକଥାରେ ମଧ୍ୟ କିଛି ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ ଓ ଯେତେବେଳେ ଏମିତି କିଛି ଦୁଃଖୀ ମଣିଷର ସୁଖ ଆଖିରେ ପଡ଼େ, ସେତେବେଳେ ଏକ ଅନିର୍ବଚନୀୟ ମୁଗ୍ଧ ଅନୁଭବରେ ଜଡ଼ସଡ଼ ହୋଇଯାଏ ଉଭୟ ମନ ଓ ହୃଦୟ। ସେମିତି କିଛି ଅନୁଭବର ଦୁର୍ଲଭ ଦୃଷ୍ଟାନ୍ତ।

ରାଜଧାନୀର ଏକ ମନ୍ଦିର ପାର୍ଶ୍ୱରେ ଥିବା ଟିଫିନ୍ ଷ୍ଟଲରେ ବହୁ ଲୋକ ଟିଫିନ୍ କିଣି ଖାଉଥିଲା ବେଳେ ଜଣେ ଟ୍ରଲିରିକ୍ସାଚାଳକ ତିରିଶ ଟଙ୍କାର ପୁରି ଡାଲ୍ମା ପ୍ଲେଟ କିଣି ଖାଇବା ଉପକ୍ରମ କରୁଛି, ଅଚାନକ ନିଜ ହାତ ପାଟି ପାଖକୁ ନେଇ କିଛି ଖାଦ୍ୟ ମାଗି ବସିଲା ଜଣେ ଭୋକିଲା ଭିକାରି। ଭୋକର ଯନ୍ତ୍ରଣାକୁ ବହୁବାର ଅଙ୍ଗେ ନିଭାଇଥିବା ଟ୍ରଲିରିକ୍ସାଚାଳକ ଠିକ୍ ବୁଝିପାରିଲା ବୃଦ୍ଧ ଭିକାରିର ଭୋକର ଭାଷାକୁ। ସେ ତା' ଟିଫିନ୍ ପ୍ଲେଟ୍‌ଟିକୁ ବିନା ଦ୍ୱିଧାରେ ଭିକାରି ହାତକୁ ଟେକିଦେଇ ଫେରିଗଲା ରିକ୍ସା ପାଖକୁ। ସେଯାଏଁ ନିଜେ ଟିଫିନ୍ ଖାଇବାକୁ ଆସି ଏହି ଦୃଶ୍ୟକୁ ଅବଲୋକନ କରୁଥିବା ଏଇ ଲେଖକ ଆଉ ସମ୍ଭାଳି ରହିପାରିଲା ନାହିଁ। ସେ ସେଇ ଉଦାର ରିକ୍ସାବାଲାର ପଥ ଓଗାଳି ତା' ପାଇଁ ଟିଫିନ୍ ପ୍ଲେଟଟିଏ କିଣିଦେବାର ପ୍ରସ୍ତାବ ବାଢ଼ନ୍ତେ, ତା' ପାଖରୁ ଯେଉଁ ଉତ୍ତର ପାଇଲା, ତାକୁ ସ୍ତବ୍ଧ ଚକିତ କରିଦେଲା। ପ୍ରାଚୁର୍ଯ୍ୟର ପରିମାପରେ ବାମନ ମଣିଷଟି ସେଦିନ ସାମର୍ଥ୍ୟ ଓ ସାଧୁତାର ଉଜ୍ଜ୍ୱଳ ଉପସର୍ଗକୁ ନେଇ ଯେଉଁ ସଫେଇ ଦେଇଥିଲା, ତାହା ଆମ ଭଳି ବହୁ ଡେଙ୍ଗା ଲୋକଙ୍କ ପାଇଁ ଏକ ବିରଳ ଉପଲବ୍ଧି। ସେ କହିଥିଲା, "ବାବୁ! ଆଉ ଗୋଟାଏ ଭଡ଼ା କେଉଁଠାରୁ ମିଳିଗଲେ ମୋ କ୍ଷୁଧା ନିବାରଣ ପାଇଁ ତିରିଶ ଟଙ୍କାର ପୁରି ଡାଲମା ପୁଣି ମୋତେ ମିଳିଯିବ। ମାତ୍ର କେଉଁଠୁ ମିଳିବ ସେତକ ସେଇ ବୁଢ଼ା ଭୋକିଲା ଭିକାରିଟିକୁ?" ନିଜ ସୁଖରେ ବୁଡ଼ି ରହିଥିବା କେତେଜଣ ଏମିତି ପ୍ରଶ୍ନଟିଏ ପଚାରିପାରନ୍ତି!



ଜଣେ ବନ୍ଧୁଙ୍କଠୁଁ ଶୁଣିଥିବା ତାଙ୍କ ପ୍ରତ୍ୟକ୍ଷ ଅନୁଭୂତିର ଅନ୍ୟ ଏକ ଦୁର୍ଲଭ ଦୃଶ୍ୟପଟ। ଡିସେମ୍ବରର ଏକ ମଧ୍ୟରାତ୍ରରେ କଲିକତା ଯିବାକୁ ଭୁବନେଶ୍ୱର ଷ୍ଟେଶନରେ ଟ୍ରେନ୍‌କୁ ଅପେକ୍ଷା କରିଥିଲା ବେଳେ ଏହି ବିରଳ ଦୃଶ୍ୟଟି ବନ୍ଧୁଙ୍କ ଆଖିରେ ପଡ଼ିଥିଲା। ଶୀତରାତିର ହାଡ଼ଭଙ୍ଗା ଜାଡ଼ରେ ଦେହ ଥରି ଉଠୁଥିଲା। ଟ୍ରେନ୍ ପାଇଁ ଅପେକ୍ଷାମାଣ ଯାତ୍ରୀଙ୍କୁ ଛାଡ଼ିଦେଲେ ବାକି ଯେଉଁମାନେ ଦୃଷ୍ଟିରେ ପଡୁଥିଲେ, ସେମାନେ ଥିଲେ ପ୍ଲାଟଫର୍ମର ଚଟାଣ ଉପରେ ବିଛଣା ପାରି ଶୋଇଯାଇଥିବା ବା ଶୋଇବାର ଉପକ୍ରମ କରୁଥିବା କେଇଜଣ ବାସହୀନ ବୁଲା ଭିକାରି। ଅଚାନକ ଅଭାବିତ ଦୃଶ୍ୟଟିଏ ତାଙ୍କ ଆଖିରେ ପଡ଼ି ତାଙ୍କୁ କିଛି ସମୟ ପାଇଁ ଅନ୍ୟମନସ୍କ କରି ଦେଇଥିଲା।

ଆଣ୍ଠୁ ଉପରକୁ ରହୁଥିବା ଗାମୁଛାଟିଏ ପିନ୍ଧି ଓ ତାହାଠୁଁ ଛୋଟ ଗାମୁଛାଟି ଦ୍ୱାରା ନିଜ ସମଗ୍ର ଶରୀର ଘୋଡ଼ାଇ ଶୀତଦାଉରୁ ନିଜକୁ ରକ୍ଷା କରିବାର ଅସଫଳ ଉଦ୍ୟମରେ ଲାଗି ପଡ଼ିଥିଲା ଦରିଦ୍ର ବାସହୀନ ଲୋକଟି। ସେଇ ଦରିଦ୍ର ଲୋକଟିର ଦୁଃଖ କିଛି ଦୂରରେ ଶୋଇବାକୁ ଉପକ୍ରମ କରୁଥିବା ଆଉ ଜଣେ ବାସହୀନ ଲୋକ ଆଖିରେ ପଡୁଥିଲା। କମ୍ବଳଟିଏ ସାହାଯ୍ୟରେ ସେ ଶୀତରୁ ନିଜକୁ ରକ୍ଷା କରିପାରୁଥିଲା। ପ୍ରଥମ ଭିକାରିର ଅସହାୟତା ବାରମ୍ବାର ତା' ଆଖିରେ ପଡ଼ିଲା ପରେ ସେ ତା' କମ୍ବଳଟିକୁ ନେଇ ତା' ଉପରେ ଘୋଡ଼ାଇ ଦେଇ ନିଜ ଜାଗାକୁ ଫେରିଆସିଲା। ନିଜ ଆଣ୍ଠୁ ଦୁଇଟି ସନ୍ଧିରେ ମୁଣ୍ଡଟିକୁ ଗେଞ୍ଜି ନିଜକୁ ଉଷୁମ କରିବାର ଚେଷ୍ଟାରେ ଥିବା ସେହି ଦ୍ୱିତୀୟ ବାସହୀନ ଦରିଦ୍ର ଲୋକଟି ଭିତରେ ଏପରି ବଡ଼ପଣ ଦେଖି ତଟସ୍ଥ ହୋଇ ଯାଇଥିଲେ ବନ୍ଧୁ। ଭାବୁଥିଲେ, ନିଜେ ଅସହ୍ୟ ଶୀତରେ ଥରି ଯାଉଥିଲା ବେଳେ କେମିତି ପୁଣି ଅନ୍ୟ ଦେହରେ ଭରି ଦେଇପାରେ ସହୃଦୟତାର ଉଷ୍ମତା! କେବଳ ସେଇ ବନ୍ଧୁ କାହିଁକି, ଆମ ସମସ୍ତଙ୍କ ପାଇଁ ଏ ପ୍ରଶ୍ନ ବୋଧହୁଏ ଏକ ସର୍ବକାଳୀନ ରହସ୍ୟ।

ଅବଶ୍ୟ ବେଳ ଅବେଳରେ ଆମ ଭିତରୁ କେତେକ ଅନ୍ୟର ଦୁଃଖ ଦେଖି ଏକ ବିଚିତ୍ର ଭାବାବେଗରେ ଆକ୍ରାନ୍ତ ହୋଇ ଉଠନ୍ତି ଓ କିଛି ସମୟ ପାଇଁ ନିଜ ସୁଖରୁ କିଛି ଅଂଶ ଦାନ କରି ନିଜକୁ ସାର୍ଥକ ମନେକରନ୍ତି। ଟ୍ରେନ୍ ବା ବସ୍‌ରେ ନିଜ ସଂରକ୍ଷିତ ସିଟ୍‌ରେ ବସି ଆରାମରେ ଯାତ୍ରା କରୁଥିଲା ବେଳେ ସିଟ୍ ନ ପାଇ ଛିଡ଼ା ହୋଇ ଯାତ୍ରା କରୁଥିବା କେହି ରୋଗୀ, ବୃଦ୍ଧ ବା ଚିତ୍କାର କରି କାନ୍ଦୁଥିବା ଛୋଟ ଶିଶୁର ମାଆକୁ ନିଜ ସିଟ୍‌ରେ ବସାଇ ନିଜେ ଛିଡ଼ା ହୋଇ ଯାତ୍ରା କରିବାର କ୍ଲେଶ ଆପଣାଇବାରେ ଯେ ଏକ ସ୍ୱତନ୍ତ୍ର ଆନନ୍ଦ ଥାଏ, ଏହା କେବଳ ଅନୁଭବୀଙ୍କୁ ଜଣା। ପୁଣି ରାସ୍ତା ଦୁର୍ଘଟଣାରେ ଆହତ ହୋଇ ରାସ୍ତା କଡ଼ରେ ପଡ଼ିଥିବା କେହି ଅପରିଚିତଙ୍କୁ ନିଜ ଗାଡ଼ିରେ ନେଇ ହସ୍ପିଟାଲରେ ଛାଡ଼ିଲେ ଯେଉଁ ଅବ୍ୟକ୍ତ ଆନନ୍ଦ ଉପଲବ୍ଧ ହୁଏ, ତାହାର ସ୍ୱାଦ ନିଆରା। ମାତ୍ର ଏସବୁ ହେଉଛି ସୁଖରେ ରହି ସୁଖ ବାଣ୍ଟିବା ପର୍ଯ୍ୟାୟର ଅନୁଭବ। ମାତ୍ର ଅଭାବୀ ଲୋକଟି ଭିତରୁ ଯେତେବେଳେ ଦାନୀ ହରିଶ୍ଚନ୍ଦ୍ରଟିଏ ବାହାରି ଆସେ, ସେତେବେଳେ ଲାଗେ ମାନବୀୟ ସଂସ୍କୃତି ଆଧାରରେ କେତେ ଡେଙ୍ଗା ସେମାନେ ଓ କେଡ଼େ ବାମନ ଅବଶିଷ୍ଟ ଆମେମାନେ।

ଦୁଃଖୀ ମଣିଷର ଦୁଃଖସୁଖ ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡ ମଧ୍ୟରେ ଆସେ ଓ ଚାଲିଯାଏ। ଆଜିର ଦୁଃଖୀ କାଲି ହୁଏତ ଅପର୍ଯ୍ୟାପ୍ତ ସୁଖର ଅଧିକାରୀ ହୋଇପାରେ। ମାତ୍ର ସେ କେବଳ ଏକ ସାର୍ଥକ ଜୀବନର ପରିଚୟ ଦେଇପାରେ, ଯିଏ ଆଜିର ସୁଖରେ ବିଭୋର ନ ହୋଇ ଗତକାଲିର ଦୁଃଖକୁ ମନେପକାଏ ଓ ନିଜ ସୁଖ ସମ୍ବଳ ବିନିଯୋଗ କରି ଦୁଃଖୀଜନଙ୍କ ଦୁଃଖ ମୋଚନ କରିବାକୁ ଆଗେଇଆସେ। ଏହି ପ୍ରସଙ୍ଗରେ ଏବେ ଏବେ ସାରା ରାଜ୍ୟରେ ଢେର ଚର୍ଚ୍ଚିତ ହୋଇଥିବା ଜର୍ମାନୀରେ ରହୁଥିବା ଓଡ଼ିଆ ବୈଜ୍ଞାନିକ ଶେଷ କିଶାନଙ୍କ ଦୃଷ୍ଟାନ୍ତ ଉଲ୍ଲେଖନୀୟ। ରେଢ଼ାଖୋଲର ନିପଟ ମଫସଲରେ ଜନ୍ମ ନେଇ ବାଲ୍ୟକାଳରୁ ନିଜ ମାଆ ବାପାଙ୍କୁ ହରାଇବା ସହିତ ଚରମ ଦାରିଦ୍ର୍ୟ ସହ ଲଢ଼ି ସେ ଏବେ ସଫଳତାର ଶୀର୍ଷତମ ସୋପାନରେ ଉପନୀତ। ମାତ୍ର ଯାବତୀୟ ଦୁଃଖର ଅମା ଅନ୍ଧକାର ଭେଦ କରି ଆଲୋକ ରାଜ୍ୟର ଅଧିବାସୀ ଶେଷ କିଶାନ ନିଜ ସୁଖ ସମ୍ପଦର ପରିଧି ମଧ୍ୟରେ ଆବଦ୍ଧ ନ ରହି ଏବେ ଅନ୍ୟମାନଙ୍କୁ ଯେପରି ସୁଖ ବାଣ୍ଟି ଚାଲିଛନ୍ତି, ନିଜ ଗାଁର ଶହେ ଅଶୀଜଣ ବିଦ୍ୟାର୍ଥୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସେମାନଙ୍କୁ ତାଙ୍କ ପରି ଗଢ଼ିବାରେ ଯେମିତି ବ୍ରତୀ ରହିଛନ୍ତି, ତାହା ସୂଚାଇ ଦେଉଛି ଯେ କାଲିର ଦୁଃଖୀ ମଣିଷଟି ସୁଖର ପରିଭାଷାକୁ ଯେମିତି ବୁଝେ, ସେମିତି ବୁଝନ୍ତି ନାହିଁ ନିଜ ପାଇଁ ସୁଖ ସାଉଁଟୁଥିବା ଏ ସଂସାରର ବହୁଭାଗ ମଣିଷ।

ପ୍ରଜ୍ଞା ନିଳୟ
ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ହର୍ଜିଲା ସେନାପତି

ପାଞ୍ଚବର୍ଷ ବୟସ ହୋଇଥିବା ବେଳେ ତାଙ୍କୁ ଆଇଙ୍କ ପାଖରେ ରହିବା ଲାଗି ଛାଡ଼ି ଦିଆଯାଇଥିଲା। ଆସାମର ବ୍ରହ୍ମପୁତ୍ର ନଦୀ କୂଳରେ ଆଈ ଖେତରେ କାମ କରନ୍ତି। ସେହି କୁନି ଝିଅଟିକୁ ମଧ୍ୟ ସାଥିରେ ନେଇଥାଆନ୍ତି। ୱେଟଲାଣ୍ଡ୍ ବା ସନ୍ତସନ୍ତିଆ ଅଞ୍ଚଳରେ ରହୁଥିବା ପକ୍ଷୀଙ୍କୁ ଦେଖାଇ ପ୍ରକୃତି ସହ ନାତୁଣୀକୁ ଆଈ ଚିହ୍ନାଇ ଦେଇଥାଆନ୍ତି। ସେତିକିବେଳେ ପିଲାଟି ଷ୍ଟୋର୍କ ବା ନିର୍ଦ୍ଦିଷ୍ଟ ପ୍ରଜାତିର ବଗ ଦେଖିବାକୁ ପାଇଥିଲେ। ଆଈ ତାଙ୍କୁ ପକ୍ଷୀଙ୍କ କାକଳି ସହ ଅଭ୍ୟସ୍ତ କରାଇ ଦେଇଥିଲେ। ଫଳରେ କୁନି ଝିଅ ସେହି ପକ୍ଷୀ ପ୍ରେମରେ ପଡ଼ିଗଲେ। ବଡ଼ ହୋଇ ତାଙ୍କ ଉପରେ ଗବେଷଣା କଲେ ଓ ସେହିମାନଙ୍କ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବାରୁ ଆଜି ସେ ପରିଶ୍ରମର ଫଳ ପାଇଛନ୍ତି। ନିକଟରେ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍ଇପି) ଦ୍ୱାରା ପ୍ରଦତ୍ତ 'ଚାମ୍ପିୟନ୍ ଅଫ୍ ଦି ଆର୍ଥ ୨୦୨୨' ସମ୍ମାନ ପାଇବା ପରେ ସେହି କୁନି ଝିଅ ଡକ୍ଟର ପୂର୍ଣ୍ଣିମା ଦେବୀ ବର୍ମନ ଅନ୍ୟ ବନ୍ୟପ୍ରାଣୀ ବିଶେଷଜ୍ଞ ଓ ପରିବେଶପ୍ରେମୀଙ୍କ ପାଇଁ ଆଇକନ୍ ପାଲଟି ଯାଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୫ରେ ୟୁଏନ୍ଇପି ଦ୍ୱାରା ଏହି ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ଜୈବ ବିବିଧତାକୁ ସୁରକ୍ଷିତ ଓ ସଂରକ୍ଷଣ ରଖିବା ଦିଗରେ ଦୃଷ୍ଟାନ୍ତସୃଷ୍ଟିକାରୀ ପଦକ୍ଷେପ ନେଉଥିବା ଅନ୍ତର୍ଜାତୀୟ ସ୍ତରର ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥାଏ।

ପୂର୍ଣ୍ଣିମା ଆସାମର କାମରୂପ ଅନ୍ତର୍ଗତ ପପ୍ମାଜିର ଗାଁରେ ଜନ୍ମଗ୍ରହଣ କରିଥିଲେ। କୌଣସି ପାରିବାରିକ କାରଣରୁ ସେ ଆଇଙ୍କ ପାଖରେ ରହୁଥିଲେ ମଧ୍ୟ ପାଠ ପଢ଼ାରେ ମନନଶୀଳ ଥିଲେ। ପ୍ରାଣୀବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିବା ପରେ 'ଗ୍ରେଟର ଆଡ୍‌ଜୁଟାଣ୍ଟ ଷ୍ଟୋର୍କ' ବା ନିର୍ଦ୍ଦିଷ୍ଟ ଲମ୍ବାଥଣ୍ଟିଆ ପକ୍ଷୀ ପ୍ରଜାତି ଉପରେ ଗବେଷଣା ଆରମ୍ଭ କରିଦେଇଥିଲେ। ପିଲାଟିବେଳୁ ଯେଉଁ ପକ୍ଷୀଗୁଡ଼ିକୁ ନିକଟରୁ ଦେଖିଆସିଥିଲେ ସେହିମାନଙ୍କ ଜୀବନ ଦୁର୍ବିଷହ ହେଉଥିବା ଅନୁଭବ କରିବା ପରେ ସେ ତାଙ୍କ ସନ୍ଦର୍ଭ ପ୍ରସ୍ତୁତିକୁ ପଛରେ ପକାଇ ଦେଇଥିଲେ। ସେମାନଙ୍କ ଜୀବନ ରକ୍ଷା ଓ ବଂଶବୃଦ୍ଧି ଦିଗରେ ଲାଗି ପଡ଼ିଥିଲେ। ପକ୍ଷୀ ଶିକାରୀମାନେ ଏତେ ମାତିଥିଲେ ଯେ ଷ୍ଟୋର୍କଗୁଡ଼ିକୁ ବଞ୍ଚାଇବା ପୂର୍ଣ୍ଣିମାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା। ତେଣୁ ସେ ଅଭିନବ ଉପାୟ ବାହାର କଲେ। ସ୍ଥାନୀୟ ମହିଳାମାନଙ୍କୁ ଏକଜୁଟ କରି ୱେଟ୍‌ଲାଣ୍ଡ ସହ ପକ୍ଷୀଙ୍କ ସୁରକ୍ଷା ଦିଗରେ ସେମାନଙ୍କୁ ସଚେତନ କଲେ। କହିଲେ ପରିବେଶ ଓ ପକ୍ଷୀ ସୁରକ୍ଷିତ ରହିଲେ ମଣିଷର ଜୀବନଯାପନ ସୁଗମ ହେବ। ଅହମିଆ ଭାଷାରେ ଷ୍ଟୋର୍କକୁ 'ହର୍ଜିଲା' ବୋଲି କୁହାଯାଉଥିଲା। ତେଣୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଭିମାନ ସୃଷ୍ଟି କରିବାକୁ ଯାଇ ସେ ପ୍ରଥମେ କାମରୂପ ଜିଲାର ଦାଦରା, ପଚାରିୟା ଓ ସିଙ୍ଗିମାରି ଗ୍ରାମରେ ପକ୍ଷୀମାନଙ୍କ ପାଇଁ କୃତ୍ରିମ ବସା ତିଆରି କଲେ। ଏହି କାର୍ଯ୍ୟରେ ମହିଳାମାନଙ୍କ ସହଯୋଗ ମିଳିବାରୁ ପକ୍ଷୀ ବସା ସଂଖ୍ୟା ଧୀରେ ଧୀରେ ବଢ଼ି ୨୮ରୁ ୨୫୦ରେ ପହଞ୍ଚି 'ଗ୍ରେଟର ଆଡ୍‌ଜୁଟାଣ୍ଟ ଷ୍ଟୋର୍କ'ଙ୍କ ପାଇଁ ଏହା ବିଶ୍ୱର ସର୍ବବୃହତ୍ ବ୍ରିଡିଂ କଲୋନୀରେ ପରିଣତ ହୋଇଯାଇଥିଲା। ସ୍ଥାନୀୟ ଅଞ୍ଚଳର ମହିଳାଙ୍କ ସହଯୋଗ ବଢ଼ିବାରୁ ପୂର୍ଣ୍ଣିମା ଅଧିକ ଉତ୍ସାହିତ ହୋଇଥିଲେ। ୨୦୧୭ରେ ସେ ପକ୍ଷୀମାନଙ୍କ ଅଣ୍ଡାରୁ ଛୁଆ ଫୁଟାଇବା ଲାଗି ବଡ଼ବଡ଼ ବାଉଁଶ ମଞ୍ଚା ସୃଷ୍ଟି କରିଥିଲେ। ଜୋର ପବନ ଦେଲେ କିମ୍ବା କୌଣସି ଅସ୍ୱାଭାବିକ ସ୍ଥିତି ଉପୁଜିଲେ ଅଣ୍ଡାଗୁଡ଼ିକ ଆଉ ତଳେ ପଡ଼ିବାର ଆଶଙ୍କା ରହିଲା ନାହିଁ। ପକ୍ଷୀ ବଂଶ ବୃଦ୍ଧି ଲାଗି ପୂର୍ଣ୍ଣିମାଙ୍କ ଅହରହ ଉଦ୍ୟମରେ ଅନୁପ୍ରାଣୀତ ହୋଇ ଦିନକୁ ଦିନ ଅଧିକ ମହିଳା ତାଙ୍କ ସହ ସାମିଲ ହୋଇଚାଲିଲେ ଓ ସେହି ଗୋଷ୍ଠୀ 'ହର୍ଜିଲା ଆର୍ମି' ଭାବେ ପରିଚିତ ହେଲେ। ଏବେ ସେହି ଆର୍ମିରେ ମହିଳା ସଦସ୍ୟଙ୍କ ସଂଖ୍ୟା ୧୦ ହଜାରରେ ପହଞ୍ଚି ସାରିଲାଣି। ଏପରି କି ସ୍ଥାନୀୟ ଲୋକ ସଙ୍ଗୀତ, କବିତା, ପର୍ବପର୍ବାଣୀ ଏବଂ ନାଟକରେ ଏହି ପକ୍ଷୀ ସ୍ଥାନିତ ହୋଇଥିବା ଦେଖିବାକୁ ମିଳିଛି। ଏଥିରୁ ଯେଉଁ ନୈତିକ ଶିକ୍ଷା ସମାଜକୁ ବଣ୍ଟାଯାଇପାରିଛି, ତାହା ହେଲା ମହିଳାଙ୍କ ଯୋଗଦାନ। ସାଧାରଣତଃ ପୁରୁଷପ୍ରଧାନ ସମାଜରେ ପକ୍ଷୀଙ୍କ ସୁରକ୍ଷା ସକାଶେ କାର୍ଯ୍ୟ କରିବା ନିଶ୍ଚିତ ଭାବେ ସେମାନଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ଥିଲା। କିନ୍ତୁ ହର୍ଜିଲା ଆର୍ମି ଦେଖାଇ ଦେଇଛନ୍ତି କିଭଳି ମହିଳାମାନେ ସେମାନଙ୍କ ନିଷ୍ଠା ବଳରେ ପରିବର୍ତ୍ତନକାରୀ ପାଲଟିପାରନ୍ତି।

ଇଣ୍ଟରନ୍ୟାଶନାଲ ୟୁନିୟନ୍ ଫର୍ କଞ୍ଜରଭେଶନ ଅଫ୍ ନେଚର (ଆଇୟୁସିଏନ୍)ର ନାଲି ତାଲିକାରେ ସ୍ଥାନିତ ଗ୍ରେଟର ଆଡଜୁଟାଣ୍ଟ ଷ୍ଟୋର୍କଙ୍କ ପୂର୍ଣ୍ଣବିକଶିତ ଏକକ ପକ୍ଷୀଙ୍କ ସଂଖ୍ୟା ବିଶ୍ୱରେ ୮୦୦ରୁ ୧୨୦୦ ରହିଛି। ସେଥିମଧ୍ୟରୁ ଆସାମରେ(୬୫୦ରୁ୮୦୦)ଦେଖାଯାଇଥାଆନ୍ତି। ଏମାନେ ସହରାଞ୍ଚଳ ନିକଟବର୍ତ୍ତୀ ଇଲାକାରେ ବାସ କରୁଥିବାରୁ ଶିକାର ଭୟ ଅଧିକ ଥାଏ। ଜନସଂଖ୍ୟା ବୃଦ୍ଧି ଯୋଗୁ ପକ୍ଷୀବସା ଥିବା ଗଛ କଟାଗଲେ ସେମାନଙ୍କ ବାସସ୍ଥଳୀ ନଷ୍ଟ ହୋଇଯାଇଥାଏ। ଅତଏବ ପ୍ରକୃତିର ଗୋଟେ ନିର୍ଦ୍ଦିଷ୍ଟ ଜାତୀୟ ପକ୍ଷୀଙ୍କ ସୁରକ୍ଷା ଓ ବଂଶ ବୃଦ୍ଧି ଲାଗି ଜୀବନତମାମ ଲଗାଇ ଦେଇଥିବା ପୂର୍ଣ୍ଣିମାଙ୍କ ଜନ୍ମ ବୋଧହୁଏ ବିଧିପ୍ରଣୀତ ବୋଲି କୁହାଯାଇପାରେ। ଜାତିସଂଘର 'ଚାମ୍ପିୟନ୍ ଅଫ୍ ଦି ଆର୍ଥ ୨୦୨୨' ସମ୍ମାନ ପାଇବା ପୂର୍ବରୁ ସେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। ସମ୍ଭବତଃ ତାଙ୍କୁ ବେଶି ଆନନ୍ଦ ଦେଉଥିବ ତାଙ୍କ ଦ୍ୱାରା ସୃଷ୍ଟ ପକ୍ଷୀ କଲୋନୀରୁ ଅଣ୍ଡାରୁ ଛୁଆ ଫୁଟି ଆକାଶରେ ଉଡୁଥିବାର ଦୃଶ୍ୟ ଯେତେବେଳେ ସେ ସନ୍ଦର୍ଶନ କରୁଥିବେ।

**ବ୍ୟକ୍ତିତ୍ୱ**



ପୂର୍ଣ୍ଣିମା ଦେବୀ ବର୍ମନ

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମାର୍କେଟ୍‌ରେ ପଚା ପରିବା ଏଣେତେଣେ ଫିଙ୍ଗିଦିଆଯାଉଛି ଓ ଏହା ଦ୍ୱାରା ପରିବେଶ ପ୍ରଦୂଷଣ ହେଉଛି। ହେଲେ ହାଇଦ୍ରାବାଦର ବୋଏନ୍‌ପାଲ୍ଲୀ କିମ୍ବା ଡ. ବି.ଆର. ଆମ୍ବେଦକର ଭେଜିଟେବଲ ମାର୍କେଟ ଏସବୁରୁ ବିଦ୍ୟୁତ୍ ଉତ୍ପାଦନ କରି ଉଦାହରଣ ସୃଷ୍ଟି କରିଛି। ଏଥିରେ ୧୭୦ଟି ଦୋକାନକୁ ବିଦ୍ୟୁତ୍ ଯୋଗାଇ ଦିଆଯିବା ସହ ୧୦୦ଟି ଷ୍ଟ୍ରିଟ୍‌ଲାଇଟ୍ ଜଳୁଛି। ଉକ୍ତ ମାର୍କେଟରୁ ପ୍ରତିଦିନ ପାଖାପାଖି ୧୦ ଟନ୍ ଅର୍ଗାନିକ୍ ବର୍ଜ୍ୟ ବାହାରୁଛି। ଏସବୁ ଏଠିସେଠି ଗଦା ହେଉଥିଲା। କିନ୍ତୁ ଏବେ ସେଥିରୁ ବିଦ୍ୟୁତ୍ ଉତ୍ପାଦନ ହେବାରୁ ମାର୍କେଟ ପରିବେଶକୁ ପ୍ରଦୂଷଣମୁକ୍ତ ରଖାଯାଇପାରିଛି। ପଚାଶଢ଼ା ପରିବାକୁ ପ୍ରଥମେ ବାୟୋମସ୍‌କୁ ପରିବର୍ତ୍ତନ କରାଯାଇ ପରେ ସେଥିରୁ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ହାଇଦ୍ରାବାଦର ଆହୁଜା ଇଞ୍ଜିନିୟରିଂ ସର୍ଭିସ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ୨୦୨୦ରେ ମାର୍କେଟ୍ ଦ୍ୱାରା ସ୍ଥାପିତ ପ୍ଲାଣ୍ଟରୁ ୫୦୦ ୟୁନିଟ୍ ବିଦ୍ୟୁତ୍ ଓ ୩୦ କେ.ଜି. ଜୈବ ଫୁଏଲ ଉତ୍ପାଦନ ହେଉଛି। ବାୟୋଫୁଏଲ କ୍ୟାଣ୍ଟିନ କିଚେନରେ ବ୍ୟବହାର ହେଉଛି। ଏହି ମାର୍କେଟ ମାସକୁ ବିଦ୍ୟୁତ୍ ବାବଦରେ ୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ବଞ୍ଚାଯାଉଛି। ଚୁକ୍ତିଭିତ୍ତିରେ ବାହାରୁ ଅଣାଯାଇଥିବା ଲୋକମାନଙ୍କ ଦ୍ୱାରା ପ୍ରତିଦିନ ମାର୍କେଟରୁ ପଚା ପରିବା ସଂଗ୍ରହ କରାଯାଏ।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ନଭେମ୍ବର ୧୯୯୭**

- ଫ୍ରାନ୍ସର ଲୋକପ୍ରିୟ ଗାୟିକା ବାରବରାଙ୍କ ୬୭ ବର୍ଷ ବୟସରେ ପରଲୋକ।
- ପାକିସ୍ତାନ ସୁପ୍ରିମକୋର୍ଟର କ୍ୱେଟା ବେଞ୍ଚ ଅପ୍ରତ୍ୟାଶିତ ଭାବେ ଦେଶର ପ୍ରଧାନ ବିଚାରପତି ସାଜାଦ ଅଲ୍ଲୀ ଶାହାଙ୍କୁ ତାଙ୍କ କାର୍ଯ୍ୟରୁ ସସ୍‌ପେଣ୍ଡ କରିଛନ୍ତି।
- ପ୍ରତିରକ୍ଷା ମନ୍ତ୍ରୀଙ୍କ ବିଜ୍ଞାନ ପରାମର୍ଶଦାତା ଡ. ଏ.ପି.ଜେ. ଅବଦୁଲ କାଲାମ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର 'ଭାରତରତ୍ନ' ପାଇବାକୁ ଯୋଗ୍ୟ ବିବେଚିତ।

# ପାଠକ ଶ୍ରେଷ୍ଠ ବିଚାରକ

### ରାଜ୍ୟରେ ମଦ ବନ୍ଦ ହେଉ

ମହାଶୟ,

ଶ୍ରୀମଦ୍ଭାଗବତରେ ଲେଖାଅଛି- ମଦ୍ୟପ ଯେହ୍ନେ ମଦ ଖାଇ।/ଭଲ ଅସାର ନ ଜାଣଇ॥ ଏବେ ଓଡ଼ିଶାରେ ଗାଁଗଣ୍ଡାରେ ମଦ ଦୋକାନ ଖୋଲା ଯାଇଛି। ଅତ୍ୟଧିକ ଲୋକ ମଦ ପିଉଛନ୍ତି। ଧନୀ ଲୋକମାନେ ବେଶି ଦାମର ବିଦେଶୀ ମଦ ପିଉଥିବାବେଳେ ଗରିବମାନେ ରନ୍ଧାମଦ ପିଉଛନ୍ତି। ସେମାନଙ୍କର ଭଲମନ୍ଦ ବିଚାର ରହୁନାହିଁ। ରନ୍ଧା ମଦ ପିଇ ଲୋକମାନେ ବହୁ ରୋଗର ଶିକାର ହେଉଛନ୍ତି। ପାରିବାରିକ ହିଂସା ମଧ୍ୟ ସୀମା ଟପିବାରେ ଲାଗିଛି। ମଦ ଯୋଗୁ ଯଦୁବଂଶ କୁଟୁମ୍ବ ମଧ୍ୟରେ ହଣାହଣି ହୋଇ ବିଶାଳ ବଂଶ ନାଶ ହୋଇଗଲା। ସେହିପରି ବର୍ତ୍ତମାନ ମଦ୍ୟପଙ୍କ ପାଇଁ ସାମାଜିକ ସ୍ତରରେ ହିଂସା ବୃଦ୍ଧିପାଉଛି। ନିଜେ ମରିବା ପାଇଁ ମଦ୍ୟପର ଭୟ ନ ଥାଏ। ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ି ଚଲାଇ ଲୋକଙ୍କୁ ମାରେ ଓ ନିଜେ ମରେ ; ଯେଉଁଥିପାଇଁ ଏବେ ରାସ୍ତା ଦୁର୍ଘଟଣା ବଢିବାରେ ଲାଗିଛି। ନିଶାଗ୍ରସ୍ତଙ୍କ ଯୋଗୁ ବଳାତ୍କାର , ଚୋରି ବଢୁଛି। ତେଣୁ ବିଦେଶୀ ଓ ଦେଶୀ ମଦ ବନ୍ଦ ନ ହେଲେ ହତ୍ୟା, ବଳାତ୍କାର ଘଟଣା ଲୋପ ପାଇବା ଅସମ୍ଭବ। ମଦ ଆମ ରାଜ୍ୟରୁ ବନ୍ଦ ହେଲେ ପୂର୍ବପରି ଆମ ଓଡ଼ିଶାର ଗୌରବ ଫେରି ଆସିବ।

- କାଳି ଚରଣ ରଥ, ବ୍ରହ୍ମପୁର

## ଚିରନ୍ତନୀ

ଗୀତାର ଉଚ୍ଛ୍ୱାସେ ସେ ତା'ର
ପ୍ରାଣ ଉଠେ ମାତି
ସ୍ୱପନ ଭାଙ୍ଗିଲେ ପୁଣି
ହୃଦ ଯାଏ ତାତି।
(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ମଡର୍ନ ଇଂଲିଶ ସ୍କୁଲରେ ବିଜ୍ଞାନମେଳା**

ଜୟପୁର,(ନି.ପ୍ର.)- ଜୟପୁର ମଡର୍ନ ଇଂଲିଶ ସ୍କୁଲରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ମୋଟ ୧୬୩ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଗଡପଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିଲୀପ ପଣ୍ଡା ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହାକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ଅଧକ୍ଷ ସୁପ୍ରିୟା ପାଣିଗ୍ରାହୀ, ବିଜ୍ଞାନ ଶିକ୍ଷକ ପବିତ୍ର ମଲିକ, ବିମଳ ଜେନା ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ୭୩ତମ ଜାତୀୟ ସମ୍ବିଧାନ ଦିବସ

**ମାଲକାନଗିରି,୨୬।୧୧(ଡି.ଏନ୍.ଏ.)**




ମାଲକାନଗିରି ଜିଲାରେ ଶନିବାର ୭୩ତମ ସମ୍ବିଧାନ ଦିବସ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇ ଯାଇଛି। ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସଂଘ ପକ୍ଷରୁ ବସଷ୍ଟାଣ୍ଡଠାରେ ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଏକ ଶୋଭାଯାତ୍ରା ହୋଇଥିଲା। ଡି.ଏନ୍.କେ ଖେଳପଡିଆଠାରେ ଏକ ସଭା କାର୍ଯ୍ୟକାରୀ ସଭାପତି କୃପାସିନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଉପ ଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝୀ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ସେଠୀ, ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣି, ଗଦାଧର ସେଠୀ, ଲକ୍ଷ୍ମଣ ଘରାମି ବାବା ସାହେବ ଆମ୍ବେଦକରଙ୍କ ଲିଖିତ ସମ୍ବିଧାନକୁ ବଞ୍ଚାଇ ରଖିବା ପାଇଁ ମତ ରଖିଥିଲେ। ସେହିପରି ପୌର କାର୍ଯ୍ୟାଳୟ ପରିସରରେ ପୌର ଉପାଧ୍ୟକ୍ଷା କବିତା ମହନ୍ତଙ୍କ ତତ୍ତ୍ୱାବଧାନରେ ପୌର ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକ ଏବଂ ସମସ୍ତ କର୍ମଚାରୀମାନେ ସମ୍ବିଧାନ ଦିବସ ପାଳନ କରିଥିଲେ। ସମ୍ବିଧାନ ନିୟମ ଅନୁ ଯାୟୀ କା ର୍ଯ୍ୟ କରିବୁ ବୋଲି ଶପଥ ନେଇଥିଲେ। ସେହିପରି ଆଇନସେବା ପ୍ରାଧିକରଣ ପକ୍ଷରୁ ଘଡେଇ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ପ୍ରାଧିକରଣ ସଚିବ ବିଚାରପତି ରାକେଶ ମୁଦୁଲି, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟରେ ବିଚାରପତି ଅରୁପ ନାୟକ, ଖାଉଟି ଅଦାଲତର ପୂର୍ବତନ ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ରାଜେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ୫୧ ହଜାର ଗଞ୍ଜେଇ ଗଛ କାଟିଲା ପ୍ରଶାସନ

**ଚିତ୍ରକୋଣ୍ଡା,୨୬।୧୧(ଡି.ଏନ.ଏ.)**

ଚିତ୍ରକୋଣ୍ଡା, ପାପରମେଟେଲା ପୋଲିସ, ଡିଭିଏଫ ଓ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳ ରାଲେଗୁଡା ପଞ୍ଚାୟତର ସାକୁବନ୍ଧା ଏବଂ ପଲଙ୍କରାଇ ଅଞ୍ଚଳରେ ଚଢାଉ କରି ୩୮ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। କର୍ମଚାରୀମାନେ ପ୍ରାୟ ୫୧ହଜାର ଗଞ୍ଜେଇ ଗଛ କାଟି ନଷ୍ଟ କରିଛନ୍ତି। ଚିତ୍ରକୋଣ୍ଡା ଏସ୍‌ଡିପିଓ ଆଲେକସିୟସ କିସପୋଟାଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ଥାନା ଅଧିକାରୀ ଅନିଲ ପରିଡା, ପାପରମେଟେଲା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି, ଅବକାରୀ ବିଭାଗ, ଡିଭିଏଫ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ମାଜିଷ୍ଟ୍ରେଟ ଭାବେ ଚିତ୍ରକୋଣ୍ଡା ଆଡିସନାଲ ତହସିଲଦାର ଅଶୋକ ମୁଦୁଲି ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ପାଳିତ



ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

**ନବରଙ୍ଗପୁର,୨୬।୧୧(ବି.ପ୍ର.)**

ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ନବରଙ୍ଗପୁର ଜିଲାପାଳ ଡ଼ଃ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ସମସ୍ତ ସରକାରୀ କର୍ମଚାରୀଙ୍କ ଉପସ୍ଥିତିରେ ସମ୍ବିଧାନ ପ୍ରସ୍ତାବନା ପାଠ କରାଯାଇ ଥିଲା। ଏହି ଦିବସ ପାଳନ ତାତ୍ପର୍ଯ୍ୟ ସମ୍ପର୍କରେ ଜିଲାପାଳ ଆଲୋକପାତ କରିଥିଲେ। ଏହି ସମାରୋହରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡ଼େପୁଟି କଲେକ୍ଟର ମୌସୁମୀ ନାୟକ, ଡିଆଇପିଆର୍‌ଓ ହଳଧର ନିହାଲ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଓଡିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ଜିଲା ସମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଅରୁଣ ବେହେରା, ଚିତ୍ତରଞ୍ଜନ ପାତ୍ର, ରାମଚନ୍ଦ୍ର ରଘୁ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ଲକସ୍ତରରେ ମଧ ଭାରତ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି।

# ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଦେଖିଲେ ଏସ୍‌ଏଚ୍‌ଜି ସଦସ୍ୟା

**ପଦ୍ମପୁର,୨୬।୧୧(ଡି.ଏନ୍.ଏ.)**

ଗୁଣପୁର ବ୍ଲକ ଶଗଡ଼ା ଏବଂ ଆବାଡ଼ା ପଞ୍ଚାୟତ ସ୍ତରୀୟ ମହାସଂଘର ୪୫ ଏସ୍‌ଏଚ୍‌ଜି ସଦସ୍ୟା ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା(ଏଲଏସ୍‌ଡିଏ) ଅଧୀନରେ କାର୍ଯ୍ୟରତ ଓପିଲିପ୍ ପକ୍ଷରୁ ପଦ୍ମପୁର ବ୍ଲକ ଗସ୍ତ କରିଛନ୍ତି। ମିଶନ ଶକ୍ତି ବିଭାଗ ଦ୍ୱାରା ଏସ୍‌ଏଚ୍‌ଜିଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଯଥା ଲାଖକାମ, ଅଗରବତୀ ତିଆରି, ଫିନାଇଲ ପ୍ରସ୍ତୁତ, କୁକୁଡ଼ା ଏବଂ ଛେଳି ପାଳନ, ମାଛ ଚାଷ ଇତ୍ୟାଦି କାମ ବୁଲି ଦେଖିଥିଲେ। ଏଥିରେ ଓପିଲିପ୍‌ର ସମସ୍ତ କର୍ମଚାରୀ ଟିମ୍ ଲିଡରଙ୍କ ନେତୃତ୍ୱରେ ବୁଲି ଦେଖିବା ସହ ପଦ୍ମପୁର ବ୍ଲକ ସଦ୍‌ଭାବନା ଗୃହରେ ବିଡିଓ ରୀନା ପ୍ରଧାନଙ୍କ ନିକଟରେ ସେମାନଙ୍କର ଅନୁଭୂତି ପ୍ରକାଶ କରିଥିଲେ। ମିଶନ ଶକ୍ତି ଦ୍ୱାରା ଏସ୍‌ଏଚ୍‌ଜିଙ୍କ ସମସ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ଏବଂ ନିଜ ନିଜ ପଞ୍ଚାୟତରେ ଏଭଳି କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କାର୍ଯ୍ୟକ୍ରମରେ ବିଡିଓ ଗୁଣପୁର ବ୍ଲକର ଦୁଇ ପଞ୍ଚାୟତର ମହିଳାଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ମିଶନ ଶକ୍ତିର ବ୍ଲକ ସଂଯୋଜକ ସୁନିଲ ମିଶ୍ର, ଓଏଲ୍‌ଏମ୍‌ର ବ୍ଲକ ପରିଚାଳିକା ମାନସୀ ଟାକିରି ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ। ପଦ୍ମପୁର ମିଶନ ଶକ୍ତି ବ୍ଲକ ସ୍ତରୀୟ ମହାସଂଘର ସଭାନେତ୍ରୀ ମମତା ପାଣିଗ୍ରାହୀ, ସମ୍ପାଦିକା ଡି. ତାରାଙ୍କ ସମେତ ଆଖୁସିଂ, ଡେମ୍ବାଗୁଡା, ନୂଆଗଡ଼, ଗୁଲୁଗୁଡ଼ା ପଞ୍ଚାୟତ ସ୍ତରୀୟ ନେତ୍ରୀ ଏବଂ ଗୋଷ୍ଠୀ ସହାୟିକାମାନେ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com



@ ସୀମାଞ୍ଚଳ




@ ହୃଦୟାନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।











**KEONJHAR DISTRICT TRUCK OWNER'S ASSOCIATION**

AT./P.O.: KEONJHAR-758001 (ODISHA)

Regd. No. 18935/18 1984-85

E-mail : kdtoakjr@gmail.com

*We not only run Trucks*
*We run an Economy.*

AND

**PROVIDES TO THE SOCIETY :-**

- Two bedded special Cabin at District Head Quarter Hospital.
- Special Cabin at Ghasipura, Barapada & Hatadihi P.H.C. & 2 nos of Special Cabin Inaugurated at Barpada & Haraichandanpur P.H.C.
- 5 Nos. of ambulance 24 Hours served from Dist. Head Quarter, Anandapur, Patna & Telkoi area.
- Corpse Carrying – 2 Nos. of MAHAYATRA Vehicle at Keonjhar & Anandapur Area.
- 3 Nos. of Crain Service (For Keonjhar & Anandapur Area)
- Drinking water supply through overhead tank at Dhenkikote.
- Maa Tarini Kalyan Mandap at Ghatgaon & Jhadeswar Kalyan Mandap at Ghasipura.
- Service provided during natural calamities.
- Purified Drinking Water facility provided for General People in-front of KDTOA Office.
- Purified Drinking Water facility provided for Advocates & General People inside the BAR Association, Keonjhar.
- Indoor Game facilities for our members has been providing within association campus.
- We are providing financial assistance for medical & death case to our Members.
- Financial assistance for development of mines affected area at Suakati, Keonjhar
- Financial Aid for medical treatment to Poor's & many more…..

FUTURE PLANNING :

- Rest shade & Drinking Water provided for Driver & Helpers at Parking Places.
- Plannning to install new RO UV Water Purifier Machine at Anandapur, Dhenkikote, Telkoi & Near Jagannath Temple Old Town.

| Mr. Ramakanta Nayak | Mr. Surya Narayan Kar | Mr. Dillip Kumar Panda | Mr. Debasis Pattanaik / Mr. Sanjay Kumar Singh |
|---|---|---|---|
| PRESIDENT | GENERAL SECRETARY | VICE - PRESIDENT | JOINT SECRETARY |

**EXECUTIVE BODY MEMBERS**

| | | | |
|---|---|---|---|
| 1. | Mr. Tapan Kumar Barik | 8. | Mr. Ajay Ku. Sahoo |
| 2. | Mr. Bijay Kumar Barik | 9. | Mr. Kshirod Ku. Sahoo |
| 3. | Mr. Jitendra Ku. Pati | 10. | Mr. Pratap Chandra Sahoo |
| 4. | Mr. Debaprasad Prusty | 11. | Mr. Kulamani Sahoo |
| 5. | Mr. Sunil Kumar Barik | 12. | Mr. Sudeep Kumar Sahoo |
| 6. | Mr. Bibhu Ranjan Palei | 13. | Mr. Bhagaban Sahoo |
| 7. | Mr. Bijay Ku. Sahoo | 14. | Mr. Rabindra Kumar Puhan |



**ଭାରତୀୟ ସମ୍ବିଧାନ ଉପରେ ଆଲୋଚନା**

ଉମରକୋଟ,(ସ୍ୱ.ପ୍ର.)-ଉମରକୋଟ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲା ଜଜ୍ ତଥା କମିଟି ଅଧ୍ୟକ୍ଷ ଶିଙ୍ଗା ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି, ସବ୍‌ଜଜ ନିରଞ୍ଜନ ପାତ୍ର, ବରିଷ୍ଠ ଆଇନଜୀବୀ ତଥା ଅତିରିକ୍ତ ସରକାରୀ ଓକିଲ ଶ୍ରୀନିବାସ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭାରତୀୟ ସମ୍ବିଧାନର ଉଦ୍ଦେଶ୍ୟ ତଥା ବିଭିନ୍ନ ଉପାଦାନ ବିଷୟରେ ଆଲୋକପାତ କରିଥିଲେ। ସଂଘ ସମ୍ପାଦକ ଶାନ୍ତନୁ ବାହିନୀପତି ପରିଚାଳନା କରିଥିଲେ। ଆଇନଜୀବୀ ଅରୁଣ ପଟ୍ଟନାୟକ, ଶଙ୍କର ଦେ, ତପନ ଦେବନାଥ, ଅଶୋକ ପାଢ଼ୀ, ହରିହର ଶତପଥୀ, ପିଙ୍କି ହିଆଲ, ସନ୍ତୋଷ ସାହୁ, ରବୀନ୍ଦ୍ର ପଟ୍ଟନାୟକ, ଅମଜାଦ ରେହମାନ , କୋର୍ଟ କର୍ମଚାରୀ ଆଶିଷ ମହାନ୍ତି, ସୁଶ୍ରୀ ଉଷାରାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ସୁକୁ ଏଆର୍‌ଆଇ

**କୋରାପୁଟ/ଜୟପୁର, ୨୬।୧୧(ସ୍ୱ.ପ୍ର./ନି.ପ୍ର.)**

କୋରାପୁଟ ବ୍ଲକର ସୁକୁ ପଞ୍ଚାୟତରେ ଏକ ଜମି ପଟ୍ଟା କରାଇଦେବା ପାଇଁ ଲାଞ୍ଚ ନେଉଥିବା ବେଳେ ଶନିବାର ଜଣେ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ) ଜୟପୁର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି।

ଖବରରୁ ଜଣାପଡିଛି, ଜୟପୁର ବ୍ଲକର ମହାଲିଆପୁଟ ଗ୍ରାମର ନନ୍ଦୁ ଖରାଙ୍କ ବାପାଙ୍କ ନାମରେ କୋରାପୁଟ ତହସିଲର ସୁକୁ ଗ୍ରାମରେ ୧୬ ଏକର ଜମି ରହିଥିଲା । ବାପାଙ୍କ ମୃତ୍ୟୁ ପରେ ନନ୍ଦୁ ସେହି ଜମିକୁ ନିଜ ୨ ଭାଇଙ୍କ ମଧ୍ୟରେ ଭାଗବଣ୍ଟା କରି ଜମି ପଟ୍ଟା କରିବା ପାଇଁ କୋରାପୁଟ ତହସିଲରେ ଆବେଦନ କରିଥିଲେ। ଏଆର୍‌ଆଇ ଅମିତ ବେହେରା ନନ୍ଦୁଙ୍କୁ ୨୦ ହଜାର ଟଙ୍କା ମାଗିଥିଲେ। ସେ ୧୦ ହଜାର ଟଙ୍କା ସୁକୁ ଏଆର୍‌ଆଇ କାର୍ଯ୍ୟାଳୟକୁ ଯାଇ ଦେଇଥିଲେ । ବଳକା ୧୦ ହଜାର ଟଙ୍କା ଏଆର୍‌ଆଇ ବେହେରା ବାରମ୍ବାର ମାଗିବାରୁ ନନ୍ଦୁ ଏସମ୍ପର୍କରେ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ଶନିବାର ବଳକା ଟଙ୍କା ଦେବା ପାଇଁ ଏଆର୍‌ଆଇ ବେହେରା ନନ୍ଦୁଙ୍କୁ ଜୟପୁର ପାରାବେଡ଼ା ଛକକୁ ଆସିବାକୁ କହିଥିଲେ। ନନ୍ଦୁ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ମିଳିଥିବା ରଙ୍ଗବୋଳା ୬ ହଜାର ଟଙ୍କା ଧରି ପାରାବେଡା ଛକଠାରେ ଆସି ବେହେରାଙ୍କୁ ଦେଉଥିବା ସମୟରେ ପୂର୍ବରୁ ଜଗିଥିବା ଭିଜିଲାନ୍ସ ଟିମ୍ ଏଆର୍‌ଆଇ ବେହେରାଙ୍କୁ କାବୁକରି ନେଇଥିଲେ। ତାଙ୍କ ବିରୋଧରେ ୭ ଆଇପିସି ଆକ୍ଟରେ ମାମଲା ରୁଜୁ ହୋଇଛି। ଭିଜିଲାନ୍ସର ଅନ୍ୟ ଏକ ଟିମ୍ କୋରାପୁଟ କୋଲାବ କଲୋନିଠାରେ ଥିବା ତାଙ୍କ ବାସଭବନରେ ମଧ୍ୟ ଚଢ଼ାଉ ଜାରି ରଖିଥିବା ଜଣାଯାଇଛି ।



ଏଆର୍‌ଆଇ ଅମିତ ବେହେରା ।

## ସଂକ୍ଷେପରେ

### ମାଁ ମର୍କମା କଲେଜରେ ସମ୍ବିଧାନ ଦିବସ ପାଳିତ



ବିଷମକଟକ,୨୬।୧୧(ଡି.ଏନ୍.ଏ.)- ବିଷମକଟକ ସ୍ଥିତ ମାଁ ମର୍କମା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପକ୍ଷରୁ ସମ୍ବିଧାନ ଦିବସ ଶନିବାର ପାଳିତ ହୋଇଯାଇଛି। ସମ୍ବିଧାନକୁ ସମ୍ମାନ ଜଣାଇ ସମ୍ବିଧାନରେ ନିୟମକୁ ମାନି ପ୍ରତିଷ୍ଠିତ ନାଗରିକର ପରିଚୟ ପାଇବା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏନ୍‌ଏସ୍‌ଏସ୍‌ରେ ସୁଧା ସାଗର ପରିଡ଼ା, ସସ୍ମିତା ମହାନ୍ତି, ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟକ୍ଷ, ଅଧ୍ୟାପିକା ମନେ ସମ୍ବିଧାନର ନିୟମ ମାନିବାକୁ ଶପଥ ପାଠ କରିଥିଲେ। କ୍ରୟକ୍ରମରେ ଅଧ୍ୟକ୍ଷ ବି. ରବିଶଙ୍କରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ପଦ୍ମପୁରରେ ମେଗା ସ୍ୱାସ୍ଥ୍ୟ ଶିବିର



ପଦ୍ମପୁର,୨୬।୧୧(ଡି.ଏନ୍.ଏ.)-ରାୟଗଡ଼ା ଜିଲାର ବିଜେଡି ନେତା ଯଯାତି କେଶରୀ ସାହୁଙ୍କୁ ୨୦ ବର୍ଷ ତଳେ ମାଓବାଦୀ ହତ୍ୟା କରିଥିଲେ। ୨୦ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଶନିବାର ପୈତୃକ ଗ୍ରାମ ନାଇରା ସ୍ଥିତ ଯଯାତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଏସ୍‌କେୱାଇ ଏବଂ ଶ୍ରୀକାକୁଲମ ରାଗୁଲ ସ୍ଥିତ ଜେମ୍ସ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏକ ମେଗା ମାଗଣା ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ପଦ୍ମପୁର ଠାରେ ହୋଇଥିଲା। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ରୋଗୀ ମାଗଣା ଚିକିତ୍ସା ଓ ଔଷଧ ସେବା ପାଇଥିଲେ। ଶିବିରରୁ ୪୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବିଜେଡି ଓ ପଦ୍ମପୁର ଯଯାତି ସେନା ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମକୁ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ଶୁଭାରମ୍ଭ କରିଥିଲେ। ପଦ୍ମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମଣିମାଳା ଶବର, ପଦ୍ମପୁର ଜିଲା ପରିଷଦ 'କ' ଜୋନ୍ ସଭ୍ୟା ଡରଗିନ୍ ଶବର, ସରପଞ୍ଚ ପ୍ରକାଶ କୋଣ୍ଡାଗରୀ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ପଦ୍ମପୁର ଆଇଆଇସି, ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁବାସ ଶବରଙ୍କ ସମେତ ବିଜେଡିର ଗଗନ ଆଚାର୍ଯ୍ୟ, ଜିଲା ସମ୍ପାଦକ ରଞ୍ଜିତ କୁମାର ପାଣିଗ୍ରାହୀ, ଜିଲା ଉପ ସଭାପତି ବିଷ୍ଣୁ ପଣ୍ଡା, ଜିଲା ଛାତ୍ର ଜନତା ଦଳ ସଭାପତି, ଉପ ସଭାପତି କୈଳାଶ କ୍ରାସ୍କା, ଯୁବ ଜନତା ଦଳ ଜିଲା ସମ୍ପାଦକ ରମାକାନ୍ତ ମାଝି, ସଞ୍ଜୟ ପ୍ରଧାନ, ଲ୍ୟାମ୍ପ ସଭାପତି ବୃନ୍ଦାବନ ଶବର ପ୍ରମୁଖ ଉପସ୍ଥିତ ଥିଲେ।

### ଚାଷୀଙ୍କ ଅଜାଣତରେ କାଳିଆ, ପିଏମ୍ କିଷାନ ଯୋଜନା ଟଙ୍କା ହଡ଼ପ ଘଟଣା

### ଯୋଗାଣ ସହାୟକଙ୍କ ନାମରେ କୋଡିଙ୍ଗା ଥାନାରେ ମାମଲା ରୁଜୁ

ନବରଙ୍ଗପୁର,୨୬।୧୧(ବି.ପ୍ର.)-କୋଷାଗୁମୁଡା ବ୍ଲକର ୫ଟି ଗାଁରେ କାଳିଆ ଯୋଜାନା ଓ ପ୍ରଧାନମନ୍ତ୍ରୀ କିଶାନ ନିଧି ଯୋଜନାରେ ଟଙ୍କା ହଡ଼ପ ଘଟଣାରେ ନୁନପାଣି ଗାଁର ଜିତୁ ହରିଜନ(ଯୋଗାଣ ସହାୟକ)ଙ୍କ ନାମରେ ମାମଲା ରୁଜୁ ହୋଇଛି। କୋଷାଗୁମୁଡା ବ୍ଲକ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କେଟ ରେଡ୍ଡି ଓ ଲିଡ ବ୍ୟାଙ୍କ ମ୍ୟାନେଜରଙ୍କୁ ନେଇ ଏକ ତିନିଜଣିଆ କମିଟି ଗଠନ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଜିତୁ ଲୋକଙ୍କ ଟିପ ଚିହ୍ନ ନେବା ଓ ସେମାନଙ୍କ ଆକଉଣ୍ଟ ବ୍ୟବହାର କରି ଟଙ୍କା ହଡ଼ପ କରିଥିବା ନେଇ ତଦନ୍ତରେ ଜଣାପଡିବା ପରେ ଅଧିକାରୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ କମଲୋଚନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କେଟ ରେଡ୍ଡି କୋଡ଼ିଙ୍ଗା ଥାନାରେ ଏତଲା ଦେଇଥିଲେ। ଏତଲା କ୍ରମେ ୧୯୪/୨୨ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ଡିଏଲ୍‌ଏସ୍‌ଏ ପକ୍ଷରୁ ସମ୍ବିଧାନ ଦିବସ



ବିଚାରପତି ଓ ଆଇନଜୀବୀମାନେ ଶପଥପାଠ କରୁଛନ୍ତି ।

**ଜୟପୁର,୨୬।୧୧ (ନି.ପ୍ର.)**

ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଜିଲା ଦୌରାଜଜ୍ କୋର୍ଟ ପରିସରରେ ଭାରତର ସମ୍ବିଧାନ ପ୍ରସ୍ତାବନା (ଆମୁଖ) ପାଳନ କରାଯାଇଛି। ଜିଲା ଜଜ୍ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭାରତର ସମ୍ବିଧାନ ଆମୁଖ ପାଠ କରାଯାଇଥିଲା। ଏଥିରେ ଅନ୍ୟ ବିଚାରପତିଙ୍କ ମଧ୍ୟରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାଜେଶ ଏକ୍କା, ପରିବାର ଅଦାଲତ ବିଚାରପତି ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲାଜଜ୍ ଇ.ବିମ୍ବେଶ୍ୱର ରାଓ, ସିଜେଏମ୍ ଦିଲୀପ ସାହୁ, ରେଜିଷ୍ଟ୍ରାର ଶରତ ଜେନା, ବରିଷ୍ଠ ଦେୱାନି ବିଚାରପତି ମୁଖର ଜାହିନ, ଅଞ୍ଜଳି ମାଛଖଣ୍ଡ, ସହକାରୀ ମହିଳା ଅଦାଲତ ବିଚାରପତି ପଲ୍ଲଭୀ ପ୍ରିୟଦର୍ଶିନୀ ଦାସ ଏବଂ ପ୍ରଥମ ଶ୍ରେଣୀ ବିଚାରପତି ଆଦର୍ଶ ବେହେରା ଉପସ୍ଥିତ ଥିଲେ। ଏଥିସହ ଜିଲା ବାର୍ ଆସୋସିଏସନ ସଭାପତି ସରୋଜ ଦାସ, ଉପସଭାପତି ଆନନ୍ଦ ରଥ, ଗିରିଧର ଖରା, ପି.ସନ୍ନ୍ୟାସୀ ରାଓ, ଶଶାନନ୍ଦ ମିଶ୍ରଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ରାଷ୍ଟ୍ରୀୟ ସେବା ଯୋଜନା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ସରକାରୀ ମହିଳା ମହାବିଦ୍ୟାଳୟଠାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ, ଅଧ୍ୟାପିକା ଅଧ୍ୟାପକ ସମ୍ବିଧାନର ପ୍ରସ୍ତାବନାକୁ ନେଇ ଶପଥ ପାଠ କରିଥିଲେ। ପରେ ଛାତ୍ରୀମାନଙ୍କୁ ଭାରତ ସମ୍ବିଧାନର ଗଠନ ପ୍ରଣାଳୀ, ସମ୍ବିଧାନର ମହତ୍ତ୍ୱ, ସ୍ୱରୂପ, ବୈଶିଷ୍ଟ୍ୟ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିଶଦ ଭାବରେ ଆଲୋଚନା ହୋଇଥିଲା। ଆଲୋଚନାଚକ୍ରରେ ଅଧ୍ୟକ୍ଷା ଡ. ମନୋରମା ଦେବୀ ନିଜ ବକ୍ତବ୍ୟ ରଖିଥିଲେ। ଡ. ବିବେକାନନ୍ଦ ସୁନା, ଡ. ସିଦ୍ଧାନନ୍ଦ ପ୍ରଧାନ, ଶିକ୍ଷା ବିଭାଗ ମୁଖ୍ୟ ଶିବପ୍ରସାଦ ଜେନା, ଡ. କନକଲତା ମହାପାତ୍ର ସମ୍ବିଧାନର ପବିତ୍ରତା, ବିକଶିତ ଭାରତ ଗଠନରେ ସମ୍ବିଧାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପିକା ସୀମା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଶପଥ ନେଲେ ଅଧିକାରୀ, କର୍ମଚାରୀ

**କୋରାପୁଟ,୨୬।୧୧(ସ୍ୱ.ପ୍ର.)**

ଶନିବାର କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହିଅବସରରେ କୋରାପୁଟ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଉପସ୍ଥିତ ରହି ସମ୍ବିଧାନର ସୁରକ୍ଷା ନେଇ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କାରୁ ସୋରେନଙ୍କ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସମ୍ବିଧାନର ସୁରକ୍ଷା ନେଇ ଶପଥପାଠ କରିଥିଲେ। । ସେହିପରି ସହରର ବିଭିନ୍ନ ବ୍ୟକ୍ତି ବିଶେଷ ଓ ବୁଦ୍ଧିଜୀବୀମାନେ ସ୍ଥାନୀୟ ଆମ୍ବେଡକର ପାର୍କଠାରେ ସମ୍ବିଧାନ ପ୍ରଣେତା ଡ. ଆମ୍ବେଡକରଙ୍କ ପ୍ରତମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସମ୍ବିଧାନର ସୁରକ୍ଷା ନେଇ ଶପଥପାଠ କରିଥିଲେ।

# ୫ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ପରବ

**ଦଶମନ୍ତପୁର,୨୬।୧୧( ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ୫ଟି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ପରବ-୨୦୨୨ ପାଳିତ ହୋଇଯାଇଛି। ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ। ଦଶମନ୍ତପୁର ପଞ୍ଚାୟତରେ ସରପଞ୍ଚ ସବାଇ ଜାନି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଙ୍ଗାଧର ବେହେରା ଏବଂ ନାଏବ ସରପଞ୍ଚ ବାସନ୍ତୀ ଖୋରାଙ୍କ ତତ୍ତ୍ୱାବଧାନରେ ଢେମସା ନୃତ୍ୟର ତାଳେ ତାଳେ ସ୍ଥାନୀୟ ମାଁ ନିଶାଣିମୁଣ୍ଡା ଦେବୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରାରେ ହାଇସ୍କୁଲ ପରବ ପଡିଆକୁ ଅଣାଯାଇଥିଲା। ଡୁମୱାଗୁଡା ପଞ୍ଚାୟତରେ ସରପଞ୍ଚ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ରବି ତାମାର୍ବିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଟିକାମ୍ବ ପଞ୍ଚାୟତରେ ସରପଞ୍ଚ ସାଇବେଣୀ ଜାନି, ନାଏବ ସରପଞ୍ଚ ଅନନ୍ତ ହିଆଲ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ କର୍ଣ୍ଣ ରାଉତଙ୍କ ନେତୃତ୍ୱରେ ମା' ବିରିପାଣିଙ୍କ ପୀଠରୁ ମଶାଲ ଅଣାଯାଇଥିଲା। ଏହି ଅବସରରେ ଶିକ୍ଷକ ତପନ ହିଆଲ ଏବଂ ଉପସ୍ଥିତ ଖରଡବାଙ୍କୁ ସମ୍ମାନିତ କରାଯାଇଥିଲା। ପରଜା ବେଡ଼ାପଦର ପଞ୍ଚାୟତରେ ସରପଞ୍ଚ ଶରତ ପୁଜୁଲି ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୋଳି ସୁନାଇ ଏବଂ ପିଣ୍ଡାପଦର ପଞ୍ଚାୟତରେ ସରପଞ୍ଚ ନବୀନ ମୁଦୁଲି ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ କେତନ ହାଲବାଙ୍କ ତତ୍ତ୍ୱାବଧାନରେ ପରବ ପାଳନ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ନେଇ ସଙ୍ଗୀତ, ଦୌଡ଼, ନୃତ୍ୟ ଓ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗୀମାନେ ଆସନ୍ତା ୩ତାରିଖରେ ହେବାକୁ ଥିବା ବ୍ଲକସ୍ତରୀୟ ପରବରେ ଅଂଶଗ୍ରହଣ କରିବେ। ୫ ପଞ୍ଚାୟତର ସମସ୍ତ ପଞ୍ଚାୟତ କର୍ମଚାରୀ, ୱାର୍ଡ ମେମ୍ବର, ଯୋଗାଣ ସହାୟକ, ଜିଆର୍‌ଏସ୍, ଶିକ୍ଷକ ଏବଂ ଜନସାଧାରଣ ଯୋଗଦେଇଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

**କୋରୁକୋଣ୍ଡା, ୨୬।୧୧ (ଡି.ଏନ.ଏ.)**

ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ଡାକରାରେ କୋରୁକୋଣ୍ଡା ଆଇସିଡିଏସ୍ କାର୍ଯ୍ୟାଳୟ ସମ୍ମୁଖରେ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର କୋରୁକୋଣ୍ଡା ବ୍ଲକ ସଭାପତି ସବିତା ଦେଇ, ସମ୍ପାଦକ ସସ୍ମିତା ପ୍ରଧାନ ଓ କୋଷାଧ୍ୟକ୍ଷ ମିନତି ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଅଙ୍ଗନୱାଡି କର୍ମୀ, ପାଚିକାମାନେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗତ ୨୧ରେ ମଧ୍ୟ ଅଙ୍ଗନୱାଡି କର୍ମୀମାନେ ଭୁବନେଶ୍ୱରଠାରେ ୫ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏବେ ସ୍ଥାନୀୟ ଅଞ୍ଚଳରେ ବିକ୍ଷୋଭ ପ୍ରଦର୍ଶନ କରି ଆନ୍ଦୋଳନ ଜାରି ରଖିଛନ୍ତି। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ଘୋଷଣା କରିବା, କର୍ମୀମାନଙ୍କୁ ମାସିକ ୧୮ହଜାର ଟଙ୍କା ଦରମା, ସହାୟିକାମାନଙ୍କୁ ୯ହଜାର ଟଙ୍କା ଦେବା ସହ ସେମାନଙ୍କ ଅନ୍ୟାନ୍ୟ ଦାବି ରହିଛି।

## ଅଟୋ ଓଲଟି ୬ ଛାତ୍ରୀଛାତ୍ର ଆହତ



**ନାରାୟଣପାଟଣା, ୨୬।୧୧ (ଡି.ଏନ୍.ଏ.)**

ବାଲିପେଟା ପଞ୍ଚାୟତର ମୁଣ୍ଡିଗୁଡ଼ା ବୁଲାଣି ନିକଟରେ ଶନିବାର ସକାଳ ସାଢ଼େ ୯ଟାରେ ଏକ ଅଟୋ ଓଲଟି ପଡ଼ିଛି। ଫଳରେ ସେଥିରେ ଥିବା ୬ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଗ୍ରାମୀଣ ଗ୍ରାମବାସୀ ତୁରନ୍ତ ଆହତ ଛାତ୍ରୀଛାତ୍ରଙ୍କୁ ନାରାୟଣପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆହତ ଛାତ୍ରୀଛାତ୍ରମାନେ ହେଲେ ଦଶମ ଶ୍ରେଣୀ ଛାତ୍ର କିଶୋର କୁଲେସିକା (୧୬), ଅଷ୍ଟମ ଶ୍ରେଣୀ ଛାତ୍ର ରିଙ୍କୁ ହିକ୍କା (୧୪), ନବମ ଶ୍ରେଣୀ ଛାତ୍ର ମୋହନ କୁଲେସିକା (୧୫), ଅଷ୍ଟମ ଶ୍ରେଣୀ ଛାତ୍ର ମେଘ କୁଲେସିକା (୧୫), ନବମ ଶ୍ରେଣୀ ଛାତ୍ର ଭିକୁ କୁଲେସିକା (୧୫),ଦଶମ ଶ୍ରେଣୀ ଛାତ୍ରୀ ମୋହିନୀ ମିଣ୍ଡିଆକା (୧୫) ଓ ଅଟୋ ଚାଳକ କମନ ଖରା(୨୫)। ଏମାନଙ୍କ ମଧ୍ୟରୁ ଦୁଇ ଜଣ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିଲେ। ଖବରରୁ ଜଣାପଡ଼ିଛି, ଏକ ଅଟୋ ବାଲିପେଟା ଅଞ୍ଚଳ ଚଡ଼ିଗୁଡ଼ା ଗ୍ରାମରୁ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ନାରାୟଣପାଟଣା ଅଭିମୁଖେ ଆସୁଥିଲା । ଅଟୋଟି ଦ୍ରୁତ ଗତିରେ ଆସୁଥିବାରୁ ମୁଣ୍ଡିଗୁଡା ବୁଲାଣିରେ ଭାରସାମ୍ୟ ହରାଇ ଓଲଟିପଡିଥିଲା । ଅଟୋରେ ବସିଥିବା ୧୦ରୁ ଅଧିକ ଛାତ୍ରୀଛାତ୍ର ରାସ୍ତା ପାର୍ଶ୍ୱକୁ ଛିଟିକି ପଡିଥିଲେ। ଏହି ଖବର ଶୁଣି ସ୍କୁଲ କର୍ତ୍ତୃପକ୍ଷ ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ଅବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ତେବେ ପରୀକ୍ଷା ଦେବାକୁ ଥିବା ୨ଜଣ ଛାତ୍ରୀଛାତ୍ର ଚିକିତ୍ସା ପରେ ବିଦ୍ୟାଳୟକୁ ଯାଇ ପରୀକ୍ଷା ଦେଇଥିବା ଜଣାପଡିଛି। ପୋଲିସ ଡାକ୍ତରଖାନାଠି ପହଞ୍ଚି ତଦନ୍ତ ଆରମ୍ଭ କରଛି।

## ୨ ଦୁର୍ଘଟଣାରେ ୩ ଆହତ

**ମାଲକାନଗିରି/କୋରୁକୋଣ୍ଡା, ୨୬।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ଅଞ୍ଚଳରେ ପୃଥକ୍ ପୃଥକ୍ ସ୍ଥାନରେ ବାଇକ୍ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। କୋରୁକୋଣ୍ଡା ବ୍ଲକ ସଦର ଇନ୍ଦିରା କଲୋନିଠାରେ ମାଲକାନଗିରିରୁ ଘରକୁ ଫେରୁଥିବା ସମୟରେ ସ୍କୁଟିରୁ ପଡି ଜଣେ ଯୁବକ ଗୁରୁତର ହୋଇଥିଲେ। ତାଙ୍କୁ ଦମକଳ କେନ୍ଦ୍ରର କର୍ମଚାରୀ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସମ୍ପୃକ୍ତ ଯୁବକ ହେଲେ ପୋଟ୍ରେଲ ଗ୍ରାମର ଲାଲୁ ଟାକିରି। ସେ ସ୍କୁଟି(ଓଡି୩୦-୭୧୬୨)ଯୋଗେ କୌଣସି କାମରେ ମାଲକାନଗିରି ଯାଇ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେହିପରି ଟେକଗୁଡ଼ାଠାରେ ୨ଜଣ ଯୁବକ ମାଲକାନଗିରି ଆସୁଥିବା ବେଳେ ଦ୍ରୁତଗତିରେ ଆସୁଥିବାରୁ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇ ଯାଇଥିଲେ। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାରକରି ସ୍ଥାନୀୟ ଲୋକେ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ୨ଟ୍ରକ ମୁହାଁମୁହିଁ ଧକ୍କା, ହେଲ୍‌ପର ମୃତ

**ସେମିଳିଗୁଡା,୨୬।୧୧(ସ୍ୱ.ପ୍ର.)**

ସୁନାବେଡା ନିକଟସ୍ଥ ଟିମ୍ବର ନିକଟରେ ଏକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଡମ୍ବରୁ ଭୂମିଇ। ସକାଳ ୯ଟା ବେଳେ ବିଶାଖାପାଟଣାରୁ ରାୟପୁର ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ ଏବଂ କୋରାପୁଟ ପଟୁ ଆସୁଥିବା ଏକ ମକା ମଞ୍ଜି ବୋଝେଇ ଟ୍ରକ ମଧ୍ୟରେ ଟିମ୍ବର ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ସୁନାବେଡା ଏସଡ଼ିପିଓ ମନୋଜ ବେହେରା ଏବଂ ଥାନାଧିକାରୀ ଉଲ୍ଲାସଚନ୍ଦ୍ର ରାଉତ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ଗୁରୁତରଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲକୁ ପଠାଇଥିଲେ। ସେଠାରେ ବିଶାଖାପାଟଣାରୁ ରାୟପୁର ଯାଉଥିବା ଟ୍ରକର ହେଲପର ଡମ୍ବରୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଡମ୍ବରୁଙ୍କ ଘର ବୋରିଗୁମା ଅଞ୍ଚଳରେ ବୋଲି ଜଣାପଡିଛି।

# କେ-ଆର୍ ରେଳପଥ ପାର୍ଶ୍ୱ ପର୍ଯ୍ୟଟନସ୍ଥଳୀର ବିକାଶ ହେବ

**ରାୟଗଡ଼ା ଅଫିସ,୨୬।୧୧**



ରେଲୱେ ଡିଆରଏମ୍ ଅନୁପ ଶତପଥୀ ଭିଷ୍ଟାଡମ୍ କୋଚ୍‌ରେ ଯାତ୍ରାକରି ଅନୁଧ୍ୟାନ କରୁଛନ୍ତି ।

- ଭିଷ୍ଟାଡମ୍ କୋଚ୍‌ରେ ବୁଲି ଅନୁଧ୍ୟାନ କଲେ ରେଲ୍‌ୱେ ଡିଆର୍‌ଏମ୍
- ରେଲ୍‌ୱେର ଇଞ୍ଚେ ଜମି ଛଡ଼ାଯିବନି, ଡିଆର୍‌ଏମ୍

କେ-ଆର୍(କୋରାପୁଟ-ରାୟଗଡ଼ା) ରେଳପଥ ପାର୍ଶ୍ୱରେ ରହିଥିବା ପର୍ଯ୍ୟଟନସ୍ଥଳୀ, ରେଲ୍‌ୱେ ଟନେଲ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଅଞ୍ଚଳର ବିକାଶ ପାଇଁ ୱାଲଟିୟର ଡିଭିଜନ୍ ଡିଆରଏମ୍ ଅନୁପ ଶତପଥୀ ଶନିବାର ଭିଷ୍ଟାଡମ୍ କୋଚ୍‌ରେ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଡିଆରଏମ୍‌ଙ୍କ ସହ ଆନ୍ଧ୍ର ପ୍ରଦେଶ ପର୍ଯ୍ୟଟନ ବିଭାଗର ଅଧିକାରୀମାନେ ମଧ୍ୟ ଥିଲେ। କେ-ଆର୍ ରେଳପଥରେ ଯାତ୍ରୀ ଯାତ୍ରା କରିବା ବେଳେ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ରେଲ୍‌ୱେ ପକ୍ଷରୁ ବିଶାଖାପାଟଣା-କୋରାପୁଟ ଏକ୍ସପ୍ରେସ୍‌ରେ ଏକ ଭିଷ୍ଟାଡମ୍ କୋଚ୍ ସଂଯୋଗ ହୋଇଛି। ବିଶେଷକରି ରାୟଗଡ଼ା ଠାରୁ ଦାମନଯୋଡ଼ି ମଧ୍ୟରେ ଯାତ୍ରୀ ଏହି ଭିଷ୍ଟାଡମ୍ କୋଚ୍‌ରେ ବସି ପ୍ରକୃତିକୁ ଭରପୂର ଉପଭୋଗ କରିବାର ସୁଯୋଗ ପାଇବେ। ଏହି କୋଚ୍ ସେବା ଏପ୍ରିଲ୍‌ରୁ ଆରମ୍ଭ ହୋଇଛି। ଶନିବାର ଡିଆରଏମ୍ ନିଜର ସ୍ୱତନ୍ତ୍ର ଟିମ୍ ସହ ଏହି କୋଚ୍‌ରେ ରାୟଗଡ଼ା ଠାରୁ ଲକ୍ଷ୍ମୀପୁର ଯାତ୍ରା କରିବା ସହ ଯାତ୍ରୀଙ୍କ ଉପଭୋଗ ପାଇଁ ଏହି ଅଞ୍ଚଳରେ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ କରାଯିବ ବୋଲି କହିଛନ୍ତି।

ଭିଷ୍ଟାଡମ୍ କୋଚ୍‌ରେ ରହିଥିବା ବିଶେଷ ସୁବିଧା ବିଷୟରେ ଅଧିକ ପ୍ରଚାର ପ୍ରସାର ନିମନ୍ତେ ଆନ୍ଧ୍ର ପ୍ରଦେଶ ଏବଂ ରାୟଗଡ଼ାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଡିଆର୍‌ଏମ୍ ଆମନ୍ତ୍ରିତ କରି ଅନୁରୋଧ କରିଛନ୍ତି। ଭିଷ୍ଟାଡମ୍ କୋଚ୍‌ରେ ପର୍ଯ୍ୟଟକଙ୍କ ଆରାମଦାୟକ ଯାତ୍ରା ନିମନ୍ତେ ବିଭିନ୍ନ ସୁବିଧା ଉପଲବ୍ଧ ରହିଛି। ୪୦ ସିଟ୍ ବିଶିଷ୍ଟ ଏହି କୋଚ୍‌ରେ ରହିଥିବା ସିଟ୍ ଗୁଡ଼ିକ ୧୮୦ ଡିଗ୍ରୀ ବୁଲିବା ସହ ବାହାର ସୌନ୍ଦର୍ଯ୍ୟ ଦେଖିବା ଏବଂ ଫଟୋ ଉତ୍ତୋଳନ ପାଇଁ କାଚର ଝରକା ରହିଛି। ଶୀତତାପ ନିୟନ୍ତ୍ରିତ କୋଚ୍‌ର ଉପର ପାର୍ଶ୍ୱ ଛାତରେ ମଧ୍ୟ କାଚ ବ୍ୟବସ୍ଥା ରହିଛି। ଏହାଦ୍ୱାରା ପର୍ଯ୍ୟଟକ ସିଟ୍‌ରେ ବସି ଖୋଲା ଆକାଶକୁ ମଧ୍ୟ ଦେଖିପାରିବେ। କେଉଟଗୁଡ଼ା, ସିକରପାଇ, ଭାଲୁମାସ୍କା, ଲେଲିଗୁମା, ରାଉଳି, ଟିକିରି ଆଦି ଷ୍ଟେଶନ ନିକଟରେ ରହିଥିବା ଟନେଲ ଏବଂ ଅଞ୍ଚଳର ପ୍ରାକୃତିକ ପରିବେଶ ଆକର୍ଷଣୀୟ। ୧୭୩ କି.ମି. ବିଶିଷ୍ଟ କୋରାପୁଟ-ରାୟଗଡ଼ା ରେଳପଥ ମଧ୍ୟରେ ୩୮ ଟନେଲ୍ ରହିଛି। ଏହି ମାର୍ଗରେ ଥିବା ୧୨ ଷ୍ଟେଶନ ପ୍ରାୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହିଥିବାବେଳେ ପାହାଡ଼ ମଧ୍ୟ ଦେଇ ଟ୍ରେନ୍‌ଲାଇନ୍ ଯାଇଛି। ଅଞ୍ଚଳରେ କିପରି ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଅଧିକ ବିକାଶ କରାଯାଇପାରିବ ସେ ନେଇ ଡିଆର୍‌ଏମ୍ ପ୍ରତ୍ୟେକ ଷ୍ଟେଶନରେ କର୍ମଚାରୀ ଏବଂ ନିଜର ଟିମ୍ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ଆବଶ୍ୟକତାକୁ ଦେଖି ଅଧିକ ଭିଷ୍ଟାଡମ୍ କୋଚ୍ ସେବା ଆରମ୍ଭ କରାଯିବ ବୋଲି ମଧ୍ୟ ସେ କହିଛନ୍ତି। ଏଥିସହ କୋରାପୁଟ-ରାୟଗଡ଼ା ରେଳପଥ ସମେତ ଅଞ୍ଚଳରେ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ରେଳବାଇ ନିଜର ଇଞ୍ଚ ଜମି ଛାଡ଼ିବନି ବୋଲି କହିଛନ୍ତି। ରାୟଗଡ଼ା ରେଳ ଡିଭିଜନ୍ ନିର୍ମାଣ ସହିତ ରେଳପଥର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜବରଦଖଲ କରିଥିବା ଲୋକଙ୍କୁ ଡିସେମ୍ବର ଶେଷ ସୁଦ୍ଧା ଖାଲି କରାଯିବା ବୋଲି ଡିଆର୍‌ଏମ୍ ଶତପଥୀ ସୂଚନା ଦେଇଛନ୍ତି।

# ଗୁଣପୁର ବ୍ଲକ ଅଧ୍ୟକ୍ଷାଙ୍କ ଭାଇ ଗିରଫ

**ଗୁଣପୁର,୨୬।୧୧(ଡି.ଏନ୍.ଏ.)**

- ପୌର କାର୍ଯ୍ୟାଳୟ ଘେରାଉ ପ୍ରସଙ୍ଗ
- ଗିରଫକୁ ନେଇ ଗ୍ରାମାଞ୍ଚଳରେ ବଢ଼ୁଛି ଅସନ୍ତୋଷ

ରାୟଗଡ଼ା ଜିଲା ଗୁଣପୁର ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ପ୍ରତିବାଦ କରି ଲୋକ ପ୍ରତିନିଧିଙ୍କ ସମେତ ଶତାଧିକ ମହିଳା ଏବଂ ପୁରୁଷ ମଙ୍ଗଳବାର ବ୍ଲକ ଅଫିସ ଘେରାଉ କରିଥିଲେ। ଏହାକୁ ନେଇ ବିଡିଓ ବୁଧବାର ଗୁଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଶୁକ୍ରବାର ରାତିରେ ଗୁଣପୁର ପୋଲିସ ବ୍ଲକ ଅଧ୍ୟକ୍ଷା ଝିଲି ଶବରଙ୍କ ଭାଇ ମଧୁସୁଦନ ଶବରଙ୍କୁ ଉଠାଇ ଆଣିଥିଲା। ଶନିବାର ସନ୍ଧ୍ୟାରେ ତାଙ୍କୁ ଏଡିଜେ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟ ଦୁଇ ଜଣ ଯଥା ଗୁଣପୁରର ସନ୍ତୋଷ ରଥ ଏବଂ ଡେପ ସାହିର ଚାନ୍ଦ ପାଳଙ୍କ ନାମ ମଧ୍ୟ ଏତଲାରେ ରହିଛି। ବିଡିଓଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ସେମାନଙ୍କ ନାମରେ ବହୁ ଅପରାଧିକ ମାମଲା ରୁଜୁ କରିଛି। ଗୁଣପୁର ଥାନାରେ ୨୧୭/୨୦୨୨ ରେ ମାମଲା ରୁଜୁ କରାଯାଇଛି। ୧୫୩, ୨୯୪, ୫୦୫, ୧୮୬, ୩୫୩, ୫୦୬, ୩୪ ଆଇପିସି ସହ ୩(୧)(୧୦) ଏସ୍‌ସିଏସ୍‌ଟି ଦଫାରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ପୋଲିସ ମଧୁସୁଦନଙ୍କୁ ଗିରଫ କରିବା ପରେ ବିଭିନ୍ନ ଗ୍ରାମ ଗୁଡ଼ିକରେ ତିବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ଆଗାମି ଦିନରେ ଭୟଙ୍କର ସ୍ଥିତି ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ବିଡିଓଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଲୋକ ପ୍ରତିନିଧିଙ୍କ ସମେତ ବିଭିନ୍ନ ପଞ୍ଚାୟତର ଗ୍ରାମବାସୀ ମଙ୍ଗଳବାର ବ୍ଲକ ଅଫିସ ଘେରାଉ କରି ଧାରଣାରେ ବସିଥିଲେ। ବିଡିଓଙ୍କ ଦ୍ୱାରା ପାତରଅନ୍ତର ନୀତି ଅବଲମ୍ବନ କରାଯାଉଥିବା, ବିଭିନ୍ନ ଯୋଜନାରେ କାର୍ଯ୍ୟ ହେଉଥିଲେ ମଧ୍ୟ ତାହାର ବିଲ୍ ହେଉ ନ ଥିବା ଏବଂ ଟଙ୍କା ମିଳୁ ନ ଥିବା, ଅଧ୍ୟକ୍ଷା ଲୋକ ପ୍ରତିନିଧି ହୋଇଥିଲେ ମଧ୍ୟ ତାଙ୍କୁ କୋଣଠେସା ତଥା ଅଣଦେଖା କରି ସମସ୍ତ କାର୍ଯ୍ୟ କରାଯାଉଥିବା, ଅଧ୍ୟକ୍ଷାଙ୍କ ଅଜାଣତରେ ବିଡିଓ ସମସ୍ତ କାର୍ଯ୍ୟ ସମ୍ପାଦନା କରୁଥିବା, ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହାତବାରିସି ସାଜି ବିଡିଓ କାର୍ଯ୍ୟ କରୁଥିବା ଆଦି ଅଭିଯୋଗ କରି ଗୁଣପୁର ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିଙ୍କ ସମେତ ଗ୍ରାମବାସୀ ସାମିଲ ହୋଇ ବିଡିଓଙ୍କ ବିରୋଧରେ ନାରାବାଜି କରିଥିଲେ। ବିଡିଓଙ୍କୁ ବଦଳି କରିବାକୁ ଦାବି କରିଥିଲେ। ସମସ୍ତ ଅଭିଯୋଗ ନେଇ ବ୍ଲକ ଅଫିସରେ କିଛି ଘଣ୍ଟା ଧରି ଉତ୍ତେଜନା ଲାଗି ରହିଥିଲା। ବିଡିଓ କିମ୍ବା କୌଣସି ଅଧିକାରୀ ଏପରି ସମୟରେ ସେଠାରେ


# ସାହିରେ ପଶିଲା ଭାଲୁ

- ବରୁଣ ମଣ୍ଡଳଙ୍କ ରୋଷେଇ ଘରେ ପଶିଥିଲା
- ସିସିଟିଭି କ୍ୟାମେରାରେ କଏଦ ହେଲା ଚିତ୍ର
- ପୁଣି ରାତିରେ ଭାଲୁ ଆସିବା ଆଶଙ୍କାରେ ଅଞ୍ଚଳବାସୀ

**ଉମରକୋଟ, ୨୬।୧୧(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳର ୧ ନମ୍ବର ୱାର୍ଡ ୟୁ.ଭି. ୪ ଦର୍ଗାଗୁଡ଼ା ଗ୍ରାମର ବରୁଣ ମଣ୍ଡଳଙ୍କ ରୋଷେଇ ଘରେ ଶୁକ୍ରବାର ରାତିରେ ଭାଲୁ ପଶିଥିଲା। ଏହି ଦୃଶ୍ୟ ପ୍ରସନ୍‌ଜିତ ମଣ୍ଡଳଙ୍କ ସିସିଟିଭିରେ କଏଦ ହୋଇଛି। ୱାର୍ଡବାସୀ ସବୁ ଏକାଠି ହୋଇ ଭାଲୁଟିକୁ ତଡିଥିଲେ।

ଶୁକ୍ରବାର ରାତି ୮ଟା ସମୟରେ ୟୁ.ଭି. ୪ ଦର୍ଗାଗୁଡ଼ାର ବରୁଣ ମଣ୍ଡଳଙ୍କ ଘରେ କେହି ନଥିବା ସମୟରେ ତାଙ୍କ ରୋଷେଇ ଘରେ ଏକ ବିରାଟ ଭାଲୁ ପଶିଥିଲା। ସେମାନେ ଘରକୁ ଆସିବା ପରେ ଭାଲୁକୁ ଦେଖି ଭୟରେ ଚିତ୍କାର କରିବାରୁ ଭାଲୁ ବରୁଣଙ୍କ ଛୋଟ ଝିଅକୁ ଆକ୍ରମଣ କରିଥିଲା। କୌଶଳକ୍ରମେ ବରୁଣ ମଣ୍ଡଳ ଝିଅକୁ ଭାଲୁ କବଳରୁ ବଞ୍ଚାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ୱାର୍ଡବାସୀ ମିଶି ବାଣ ଫୁଟାଇ ସେଠାରୁ ଭାଲୁକୁ ତଡ଼ିଥିଲେ। ଏହାର କିଛି ସମୟ ପରେ ଭାଲୁଟିକୁ ଏକ କଦଳୀ ବଗିଚା ଭିତରେ ଦେଖିବାକୁ ମିଳିଥିଲା। ପୁନର୍ବାର ସମସ୍ତେ ଭାଲୁକୁ ଘେରି ରଖିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେଠାରୁ ଭାଲୁ ଖସିଯାଇ ତୁପରବେଡା ଜଙ୍ଗଲ ଆଡ଼କୁ ପଳାଇଥିଲା। କିନ୍ତୁ କିଛି ଘଣ୍ଟା ପରେ ଭାଲୁ ପୁନର୍ବାର ସେଠାକୁ ଆସି ଅନେକ ଲୋକଙ୍କ ଘର ବାହାରେ ଥିବା ଜିନିଷକୁ ଓଲଟ ପାଲଟ କରିଥିବା ଖବର ମିଳିଛି। ଭାଲୁ ଆଖପାଖ କୌଣସି ସ୍ଥାନରେ ଲୁଚିଛି। ରାତିରେ ପୁନର୍ବାର ଖାଦ୍ୟ ପାଇଁ ଗ୍ରାମକୁ ଆସିପାରେ ବୋଲି ଅଞ୍ଚଳବାସୀ ଭୟରେ କହିଛନ୍ତି। ଖବରପାଇ ବନ ବିଭାଗ କର୍ମଚାରୀ ଶନିବାର ସକାଳେ ଘଟଣାସ୍ଥଳକୁ ଯାଇଥିଲେ। ସନ୍ଧ୍ୟାରେ ପୁଣି ଥରେ ବନ କର୍ମଚାରୀ ସେଠାକୁ ଯିବେ ବୋଲି ରେଞ୍ଜର ମକୁନ୍ଦ ଦିଶାରୀ କହିଛନ୍ତି।



ପ୍ରସନ୍‌ଜିତ ମଣ୍ଡଳଙ୍କ ଘର ବାହାରେ ଭାଲୁଟି ବୁଲୁଥିବାବେଳେ ସିସିଟିଭିରେ କଏଦ ହୋଇଥିବା ଚିତ୍ର।

# ସମ୍ବିଧାନ ଯୋଗୁ ଦେଶ ସବୁ ବିବିଧତାକୁ ଏକାଠିକରି ଆଗକୁ ବଢ଼ୁଛି

**ଝରିଗାଁ/ଡାବୁଗାଁ/କୋଡିଙ୍ଗା, ୨୬।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଅନୁଷ୍ଠାନର ଯୁବ ରେଡକ୍ରସ୍ ସହଯୋଗ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଶିବପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ୧୯୪୯ ମସିହାରେ ଦେଶର ସମ୍ବିଧାନ ପ୍ରସ୍ତୁତି କରାଯାଇଥିଲା। ଏବେ ଏହାକୁ ୭୪ ବର୍ଷ ହୋଇସାରିଛି। ସ୍ୱାଧୀନତା ଆନ୍ଦୋଳନ ଏବଂ ସମ୍ବିଧାନ ଗଠନ ସହ ଜଡ଼ିତ ସମସ୍ତ ଲୋକଙ୍କୁ ସର୍ବଦା ସମ୍ମାନ ଦେବା ପାଇଁ ଅଧ୍ୟକ୍ଷ କହିଥିଲେ। ସମ୍ବିଧାନ ଯୋଗୁ ଦେଶ ଏହାର ସମସ୍ତ ବିବିଧତାକୁ ଏକତ୍ର କରି ସଫଳତାର ସହ ଆଗକୁ ବଢୁଛି ବୋଲି ସେ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ୟୁଥ୍ ରେଡକ୍ରସ୍ କାଉନ୍‌ସିଲର ତଥା ଅଧ୍ୟାପକ ସନ୍ତୋଷ ଖିଲାର, ଗୋପାଳ ମହାରଣା, ଶଙ୍କର କୁମାର ନାଲା, ତୁଷାରୀ କୁମାରୀ ପଟ୍ଟନାୟକ, ମନୋଜ କୁମାର ମହାପାତ୍ର, କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ବିଧାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରକାଶ ପଟ୍ଟନାୟକ, ସୁମିତ୍ କୁମାର ପଟ୍ଟନାୟକ, ଦିବାକର ଗୌଡ଼ ଏବଂ ସୀମାଞ୍ଚଳ ବେହେରା ପ୍ରମୁଖ ସହଯୋଗ କରୁଥିଲେ।

ନବରଙ୍ଗପୁର ଜିଲା ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶଙ୍କର ପ୍ରସାଦ ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି ମୁଖ୍ୟ ଅତିଥିଭାବେ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସନ୍ତୋଷ ପଟ୍ଟନାୟକ ଯୋଗ ଦେଇଥିଲେ। ଭାରତ ଭଳି ବିକାଶଶୀଳ ରାଷ୍ଟ୍ର ର ସ୍ୱତନ୍ତ୍ରତା ଓ ସ୍ୱାଧୀନତା ଉପରେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ଅର୍ଥନୀତି ବିଭାଗ ଅଧ୍ୟାପିକା ଉର୍ମିଳା ବ୍ରହ୍ମା, ଇତିହାସ ବିଭାଗ ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ ଓ ଅଧ୍ୟାପକ ସନ୍ନ୍ୟାସୀ ସାହୁ, ମର୍ଦ୍ଦକ୍ଷ ନାୟକ ଓ ଦୟାରାମ ମନୋହର, ମନିସା ସରକାର ଓ ମହେନ୍ଦ୍ର ଦେବରପଲ୍ଲୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଅମିତା ରାୟ ଯୋଗଦେଇଥିଲେ। ୧୯୪୯ ନଭେମ୍ବର ୨୬ରେ ଭାରତର ସମ୍ବିଧାନକୁ ସ୍ୱୀକୃତି ମିଳିଥିଲା ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଡ଼. ରବିନାରାୟଣ ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ ସ୍ଲୋଗାନ ମଧ୍ୟରେ ଡ଼.ଆମ୍ବେଦକରଙ୍କ ମୌଳିକ ନୀତି ବିଷୟରେ ସଚେତନ କରିଥିଲେ। ଏହି ଅବସରରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

**ଆନ୍ତର୍ଜାତିକ ଲିଙ୍ଗଭିତ୍ତିକ ହିଂସା ପରିସମାପ୍ତି ଦିବସ**

ମୁନିଗୁଡ଼ା,(ଡି.ଏନ୍.ଏ.)- ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଓ ଅମ୍ବାଦୋଳା ପଞ୍ଚାୟତରେ ଅନ୍ତର୍ଜାତୀୟ ଲିଙ୍ଗଭିତ୍ତିକ ହିଂସା ପରିସମାପ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାର ସମସ୍ତ ପଦାଧିକାରୀ, କର୍ମଚାରୀ (ଡିପିଏମ୍, ଡିସି), ବ୍ଲକ ଓଏଲ୍‌ଏମ୍ କାର୍ଯ୍ୟକର୍ତ୍ତା (ସିଆରପି, ସିଏଫ, ଏମବିକେ, ଆଙ୍ଗନୱାଡ଼ି) ସହ କୃଷକମିତ୍ର, ପ୍ରାଣୀମିତ୍ର, ରସି ମେମ୍ବର, ଜିପିଏଲ୍‌ଏଫ ସାମାଜିକ ବିକାଶ କମିଟି, ଭିପିଜି ସଭାଙ୍କ ସହ ୩୫-୪୦ ଏସ୍‌ଏଚ୍‌ଜି ସଦସ୍ୟା ଉପସ୍ଥିତ ଥିଲେ। ଲିଙ୍ଗଭିତ୍ତିକ ହିଂସା ପରିସମାପ୍ତି ଅଭିଯାନ ଗାଁ ମାନଙ୍କରେ ନଭେମ୍ବରରୁ ଆରମ୍ଭ ହୋଇଥିବାବେଳେ ୨୩ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ସଭାରେ ଉପସ୍ଥିତ ଥିବା ସମସ୍ତ ମହିଳା ହିଂସା ବିରୋଧରେ ଶପଥ ପାଠ କରିଥିଲେ।

# ରାଇଘରକୁ ହରାଇ ସିକନ୍ଦରାବାଦ ବିଜୟୀ

**ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ମାଲକାନଗିରି, ୨୬।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଏକ ସପ୍ତାହ ଧରି ଚାଲିଥିବା ଅନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ତେଲେଙ୍ଗାଣାର ସିକନ୍ଦରାବାଦ ଓ ନବରଙ୍ଗପୁର ଜିଲାର ରାଇଘର ମଧ୍ୟରେ ହୋଇଥିଲା। ସିକନ୍ଦରାବାଦ ରାଇଘରକୁ ୫-୩ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଏଥିରେ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବଣିକ ସଂଘ ସମ୍ପାଦକ ସୁରେଶ ସୋମାନି, ପୌରାଧ୍ୟକ୍ଷ ମନୋଜ ବାରିକ, ଫୁଟବଲ କମିଟି ସଭାପତି ଏସ୍. ପ୍ରସାଦ ରାଓ, ରାଜେନ୍ଦ୍ର ହିଆଲ ମେମୋରିଆଲ କ୍ଲବର ସଭାପତି ଜି. ଶ୍ରୀନିବାସ ରାଓ, ପରିଚାଳକ ଶ୍ୟାମ ସୁନ୍ଦର ନାୟକ ଯୋଗ ଦେଇଥିଲେ। ଅତିଥିମାନେ ବିଜେତା ସିକନ୍ଦରାବାଦ ଦଳକୁ ୫୫,୫୫୫ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରନର୍ସ ଅପ୍ ରାଇଘରକୁ ୩୩,୩୩୩ ଟଙ୍କା ସହ ଟ୍ରଫିପ୍ରଦାନ କରାଯାଇଥିଲା। ପ୍ରଦୀପ ସାହା, ସୁଧୀର କାର୍ତ୍ତିକ, ବି. ରବିନ୍ଦ୍ର, ଦେବାଶିଷ କୁଣ୍ଡୁ, ବାବୁଲା ହାଂସଦା, ଯଶୋବନ୍ତ ଟେଟେ, ପ୍ରମୋଦ ଦାସ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ରେଫ୍ରି ଭାବେ ସତବୀର ସିଂ ଓ ଶଙ୍କର ଖିଡି ଦାୟିତ୍ୱ ତୁଲାଇଥିଲେ।

# ସମ୍ବିଧାନ ଦିବସ ପାଳିତ

ରାୟଗଡ଼ା ଅଫିସ/ମୁନିଗୁଡା(ଡି.ଏନ୍.ଏ.),୨୬।୧୧

ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ଣ୍ଣ ଜୟନ୍ତୀ କକ୍ଷରେ ଶନିବାର ସମ୍ବିଧାନ ଦିବସ ପାଳନ ସହ ନୂତନ ଓ ପ୍ରତ୍ୟାଶିତ ଭୋଟରଙ୍କ ପଞ୍ଜୀକରଣ ନିମନ୍ତେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, କଲେଜ ଅଧ୍ୟକ୍ଷା ଭି. ଆର୍. ରତ୍ନଶ୍ରୀ, ବରିଷ୍ଠ ପ୍ରାଧ୍ୟାପକ ପ୍ରସନ୍ନ କୁମାର ଗନ୍ତାୟତ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ରାୟ, ବବିଲତା ସରାଫ, ଅରୁଣ କୁମାର ଖାଡ଼ଙ୍ଗା, ସହକାରୀ ଜିଲାପାଳ ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ସହକାରୀ ଜିଲାପାଳ ପୁଷ୍ପାଞ୍ଜଳି ଚୌଧୁରୀ, ରାୟଗଡ଼ା ଜିପିଇଓ ଗୋପାଳ ପଣ୍ଡା, ଏବିଇଓ ଛବିଲାଲ ସିଂ, ରାୟଗଡ଼ା ପୌରପାଳିକାର ଚନ୍ଦ୍ରଶେଖର ରଥ, ସମ୍ପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କ ସମେତ ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

ଉପଜିଲାପାଳ ଉପସ୍ଥିତ ସମସ୍ତଙ୍କୁ ସମ୍ବିଧାନର



କାର୍ଯ୍ୟକ୍ରମରେ ଉପସ୍ଥିତ ରାୟଗଡ଼ା ଉପଜିଲାପାଳ, ସଦର ବିଡିଓ ଏବଂ ଅନ୍ୟ ଅତିଥିମାନେ।

**ଭୋଟର ସଚେତନତା ଶିବିର**

ପ୍ରସ୍ତାବନା ବା ମୁଖବନ୍ଧକୁ ପାଠ କରାଇବା ସହ ଗଣତନ୍ତ୍ରକୁ ସୁଦୃଢ଼ କରିବା ନିମନ୍ତେ ସଂକଳ୍ପ କରାଇଥିଲେ। ଗଣତନ୍ତ୍ରରେ ନାଗରିକଙ୍କ ଭୋଟଦାନ ଅଧିକାର ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ସୁଦୃଢ଼ ଗଣତନ୍ତ୍ର ନିମନ୍ତେ ସମସ୍ତ ସାବାଳକ ଓ ପ୍ରତ୍ୟାଶିତ ଯୁବ ଭୋଟରଙ୍କ ପଞ୍ଜୀକରଣ ଜରୁରୀ ବୋଲି ଉପଜିଲାପାଳ କହିଥିଲେ। ଶିକ୍ଷକ ନିଳାଞ୍ଚଳ ମିଶ୍ର ପ୍ରୋଜେକ୍ଟର ମାଧ୍ୟମରେ ଭୋଟର ହେଲ୍ପଲାଇନର ବ୍ୟବହାର ସହ ଯୋଗ, ବାଦ ଓ ସଂଶୋଧନ ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ। ଭୋଟର ସଂଶୋଧନ କାର୍ଯ୍ୟ ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲିବ ବୋଲି ଏଠାରେ କୁହାଯାଇଛି।

ମୁନିଗୁଡା ବ୍ଲକ ସଦର ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାକକ୍ଷରେ ମଧ୍ୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଦେବାନନ୍ଦ ମିଶ୍ରଙ୍କ ସଭାପତିତ୍ୱ ଓ କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବଞ୍ଚରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟାପିକା ରୋଜାଲିନ ମଲ ଓ ରାଜନୀତି ବିଜ୍ଞାନ ଅଧ୍ୟାପିକା ସୁମତି ରଣା ଉପସ୍ଥିତ ଥିଲେ। ସମ୍ବିଧାନ ପ୍ରଣେତାଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

# ଭୁବନେଶ୍ୱର ସମାବେଶକୁ ଗଲେ ମାଲକାନଗିରି, ଜୟପୁର ଅମଲା

ମାଲକାନଗିରି/ଜୟପୁର,୨୬।୧୧(ଡି.ଏନ୍.ଏ/ନି.ପ୍ର.)

ମାଲକାନଗିରି ଜିଲାରେ କାର୍ଯ୍ୟରତ ୩ଶହରୁ ଊର୍ଦ୍ଧ୍ୱ ଅମଲା ସେମାନଙ୍କ ବିଭିନ୍ନ ଦାବି ନେଇ ପ୍ରତିବାଦ ସଭାରେ ଯୋଗ ଦେବାକୁ ଶନିବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ପୂର୍ବରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଦାବି ପୂରଣ ନ ହେବାରୁ ରାଜ୍ୟର ୩୦ ଜିଲାର ଅମଲାମାନେ ରବିବାର ହେବାକୁ ଥିବା ଭୁବନେଶ୍ୱର ସମାବେଶରେ ଯୋଗ ଦେବାକୁ ଯାତ୍ରା କରିଛନ୍ତି। ସେହି ଅନୁଯାୟୀ ମାଲକାନଗିରି ଜିଲାର ଅମଲାମାନେ ସଂଘ ସଭାପତି ଲକ୍ଷ୍ମୀକାନ୍ତ ସେଠୀ, ଉପସଭାପତି ଶ୍ୟାମ ସୁନ୍ଦର ନାୟକ, ସମ୍ପାଦକ କିଶୋର ଚନ୍ଦ୍ର ସାହୁ, ସହକାରୀ ସମ୍ପାଦକ ଲକ୍ଷ୍ମୀଧର ଦାସ, ଯୁଗ୍ମ ସମ୍ପାଦକ ସୁକାନ୍ତ ସାହୁଙ୍କ ନେତୃତ୍ୱରେ ଯାଇଛନ୍ତି।

ସେହିପରି ଓଡ଼ିଶା ଅମଲା ସଂଘ ଡାକରାରେ କୋରାପୁଟ ଜିଲାରୁ ଶତାଧିକ ଅମଲା ଭୁବନେଶ୍ୱରଠାରେ ରବିବାର ହେବାକୁ ଥିବା ସମାବେଶରେ ଯୋଗଦେବେ। ବିଭିନ୍ନ ବିଭାଗରେ କାର୍ଯ୍ୟରତ ଜୟପୁର ଓ କୋରାପୁଟ ଉପଖଣ୍ଡର ଶତାଧିକ ଅମଲା ସ୍ୱତପ୍ରବୃତ୍ତ ଭାବେ ଯୋଗଦେବାକୁ ଆସୁଥିବା ଜିଲା ଅମଲା ସଂଘ ସମ୍ପାଦକ ଶଶିଭୂଷଣ ଦାଶ କହିଛନ୍ତି। ଅମଲାଙ୍କ ପ୍ରବେଶିକା ଦରମା ହାର ଗ୍ରେଡ୍ ପେ ୪୨୦୦ କରିବାକୁ ଦାବିକରି ଏହି ଆନ୍ଦୋଳନ ହେଉଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେ ସୂଚନା ଦେଇଛନ୍ତି।

# ଭାରତର ସମ୍ବିଧାନ ଦିବସ ପାଳିତ

ମାଥିଲି,୨୬(ଡି.ଏନ.ଏ.)

ଭାରତର ସମ୍ବିଧାନ ଦିବସ ବା ଜାତୀୟ ଆଇନ ଦିବସ ମାଥିଲିରେ ପାଳିତ ହୋଇଯାଇଛି। ବ୍ଲକ କଂଗ୍ରେସ କମିଟି ଜିଲା ସମ୍ପାଦକ ଏମ୍‌ଡି ଆକବର ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତିରଞ୍ଜନଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ସଦର ପଞ୍ଚାୟତ ମହକୁମାରେ ଏକାଠି ହୋଇ ଏହି ଦିବସ ପାଳନ କରିଛନ୍ତି। ସମିତିସଭ୍ୟ ବାଲରାଜୁ କୋପେ, ପୂର୍ବତନ ସରପଞ୍ଚ ଗୌରୀ ବଟେ, ଉଦୟନାଥ ମହାରଣା, ଅବଦୁଲ ଗାଫାରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସେହିପରି ମାଥିଲି ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଧ୍ୟ ଏହା ପାଳନ କରାଯାଇଛି।

# ୨ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୨୬।୧୧ (ନି.ପ୍ର.)

୨ଜଣ ଅଭିଯୁକ୍ତଙ୍କୁ ଟାଉନ ପୋଲିସ ଶନିବାର ଗିରଫ କରିଛି। ସେମାନେ ହେଲେ ରାମଚନ୍ଦ୍ର ଗରଡା ଓ ଫୁଲଧର ଗରଡା। ୨୦୧୮ରେ ଏକ ଡକାୟତି ମାମଲାରେ ଉଭୟଙ୍କ ସମ୍ପୃକ୍ତି ରହିଥିଲା। ସେବେଠାରୁ ଦୁହେଁ ଫେରାର ଥିଲେ। ସେମାନେ ଗ୍ରାମକୁ ଫେରିଥିବା ସୂଚନା ପାଇ କାଉଡମ୍ବ ସାହିରେ ପୋଲିସ ଚଢାଉ କରି ଉଭୟଙ୍କୁ ଗିରଫ କରିଥିବା ଜଣାପଡିଛି।

# ଜାତୀୟ ଦୁଗ୍ଧ ଦିବସ ପାଳିତ

ଏମ୍‌ଭି ୭୯,୨୬।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୯ସ୍ଥିତ ଓମ୍‌ଫେଡ୍ ପକ୍ଷରୁ ଜାତୀୟ ଦୁଗ୍ଧ ଦିବସ ପାଳନ କରାଯାଇଛି। ଏହି ଅବସରରେ ଓମ୍‌ଫେଡ୍‌ର ପ୍ରତିଷ୍ଠାତା ତଥା ମିଲ୍‌କମ୍ୟାନ ଅଫ୍ ଇଣ୍ଡିଆ ରୂପେ ପରିଚିତ ଭର୍ଗିସ୍ କୁରିଏନ୍‌ଙ୍କ ୧୦୧ତମ ଜନ୍ମବାର୍ଷିକୀ ମଧ୍ୟ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିବୁ ଦତ୍ତ, ଧନଞ୍ଜୟ ବୋରେଇ, ବିପୁଲ ପାଲ୍, ବିପ୍ଳବ ମଣ୍ଡଳ, ଆଶିଷ ଦେ, କାନ୍ତି ବିଶ୍ୱାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବଟବୃକ୍ଷ କଟାକୁ ନେଇ ଉତ୍ତେଜନା, ୧୪୪ ଜାରି

ତେନ୍ତୁଳିଖୁଣ୍ଟି, ୨୬।୧୧(ଡି.ଏନ୍.ଏ.)

ଘର କାମ କରିବାକୁ ଜମି ମାଲିକ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟସ୍ଥ ତ୍ରିନାଥ ମନ୍ଦିର ପରିସରରେ ଥିବା ବଟବୃକ୍ଷର ଡାଳ କଟାକୁ ନେଇ ଶନିବାର ଉତ୍ତେଜନା ଦେଖାଦେଇଛି। ଏହି ଗଛକଟାକୁ ଭକ୍ତ, ତ୍ରିନାଥ ମନ୍ଦିର କମିଟି, ହିନ୍ଦୁ ମହାସଂଘ କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ଗଛକଟାକୁ ଅଟକାଇବାକୁ ସେମାନେ ଦାବିପତ୍ର ଦେଇଛନ୍ତି। ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଦୀପକ ଲେଙ୍କା ଓ ତହସିଲଦାର ପ୍ରଦୀପ କର ଘଟଣାସ୍ଥଳକୁ ଯାଇ ସମାଧାନ ଲାଗି ଚେଷ୍ଟା କରିଛନ୍ତି। ବର୍ତ୍ତମାନ ସେଠାରେ ୧୪୪ ଧାରା ଲାଗିଛି। ରବିବାର ଜମି ମାଲିକ କ୍ରିଷ୍ଣା ରାଓ, ଭକ୍ତ, ମନ୍ଦିର କମିଟି ସଦସ୍ୟ ଓ ଥାନାଧିକାରୀଙ୍କୁ ନେଇ ସ୍ଥାୟୀ ସମାଧାନ ନିମନ୍ତେ ବୈଠକ କରାଯିବ ବୋଲି ସୂଚନା ମିଳିଛି।

ସୂଚନା ମୁତାବକ, କ୍ରିଷ୍ଣା ରାଓ ଘର ତିଆରି କରିବା ପାଇଁ ତ୍ରିନାଥ ମନ୍ଦିର ପରିସରରେ ପୂଜା ପାଉଥିବା ଏକ ବଟବୃକ୍ଷର କେତେକ ଡାଳ କାଟିଥିଲେ। ମନ୍ଦିର ସଫେଇ ତଥା ଅନ୍ୟ କାର୍ଯ୍ୟ ପାଇଁ ଜାଗା ନ ଛାଡ଼ି ସେ ଘର ତିଆରି କରୁଥିବାରୁ ଲୋକେ ଏହାକୁ ବିରୋଧ କରିଥିଲେ। ଗଛ କାଟିବା ଦ୍ୱାରା ହିନ୍ଦୁଙ୍କ ଭାବନାକୁ ଆଘାତ ପହଞ୍ଚିଛି। ଏହାକୁ ରୋକିବାକୁ ନବରଙ୍ଗପୁର ଜିଲା ହିନ୍ଦୁ ମହାସଂଘ ମିଡ଼ିଆ ସଂଯୋଜକ ସୁଶାନ୍ତ ଶତପଥୀ, ମହାସଂଘର ବରିଷ୍ଠ ନେତା ଅକ୍ଷୟ ମହାନ୍ତି, ହିନ୍ଦୁ ମହାସଂଘ ଶ୍ରୀରାମ ସେନା ସମନ୍ୱୟ ସମିତି ସଂଯୋଜକ ଅମିତ୍ ନାୟକଙ୍କ ନେତୃତ୍ୱରେ ହିନ୍ଦୁ ମହାସଂଘ କେନ୍ଦ୍ରୀୟ ସମିତି ପ୍ରମୁଖ ଜୟନ୍ତ ପାତ୍ର, ମହାସଂଘ ସଂଯୋଜକ ନରସିଂହ ତ୍ରିପାଠୀ, ମହାସଂଘ ପ୍ରବକ୍ତା ଶ୍ୟାମସୁନ୍ଦର କବିରାଜ, ରାଜ୍ୟ ସମ୍ପାଦକ ଉମାକାନ୍ତ ବିଷୋୟୀ, ସାମାଜିକ ଗଣମାଧ୍ୟମ ପ୍ରଭାରୀ ଗୋରା ହରିଜନ, ଦକ୍ଷିଣ ଓଡ଼ିଶା ଯୁବ ହିନ୍ଦୁ ମହାସଂଘ ପ୍ରମୁଖ ସ୍ୱାଗତିକା ସାମନ୍ତରାୟ, ଭବାନୀ ବାହିନୀ ଉପସଭାନେତ୍ରୀ ବବିତା ସାହୁ, ସାଧାରଣ ସମ୍ପାଦିକା ମିନତି ପଟ୍ଟନାୟକ, ଯୁବ ହିନ୍ଦୁ ମହାସଂଘ ବ୍ଲକ ସଭାପତି ରଘୁନାଥ ପୂଜାରୀ, ହିନ୍ଦୁ ମହାସଂଘ ବ୍ଲକ ପ୍ରଭାରୀ ବିରାଜ ବସନ୍ତ ସାହୁ, ଖାତିଗୁଡ଼ା ବରିଷ୍ଠ ବ୍ୟବସାୟୀ ସୁରେନ୍ଦ୍ର ରାଉତ, ଶିବ ସାହୁ, ବାବୁଲା ଦଳେଇ, ପ୍ରଦୀପ ସାହ, ବାପି ରାଉତ, ବିଦ୍ୟା ଭୋଳ ପ୍ରମୁଖ ଥାନାଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଖବର ପାଇ ଥାନାଧିକାରୀ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ଲାଗି ଉଦ୍ୟମ କରିଥିଲେ। ବନ ବିଭାଗର ବିନାନୁମତିରେ ଗଛ କାଟିଥିବାରୁ କ୍ରିଷ୍ଣାଙ୍କୁ ତହସିଲଦାର ତାଗିଦ କରିଥିଲେ। ବର୍ତ୍ତମାନ କିଛି ନିର୍ମାଣ କାମ ନ କରିବାକୁ ସେ ନିର୍ଦ୍ଦେଶ କରିଛନ୍ତି। ଏ ନେଇ ଜମି ମାଲିକ କ୍ରିଷ୍ଣା ରାଓଙ୍କୁ ପଚାରିବାରୁ ଜମି ମୋ ନାମରେ ଅଛି। ମନ୍ଦିର ପାଇଁ କିଛି ଜାଗା ଛାଡ଼ିଦେବି ବୋଲି ସେ କହିଛନ୍ତି।

# ସ୍କୁଲ ପରିଦର୍ଶନରେ ଓସେପା ଆଡିଶନାଲ ଡାଇରେକ୍ଟର


ଜିଲା ଓ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ଓସେପା ଆଡିଶନାଲ ଡାଇରେକ୍ଟର ।

ପାପଡାହାଣ୍ଡି,୨୬।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଶନିବାର ଓସେପା ଆଡିଶନାଲ ଡାଇରେକ୍ଟର ସରୋଜ କୁମାର ବେହେରା ପରିଦର୍ଶନ କରିଛନ୍ତି। ସେ ଶିକ୍ଷଣ ପରିପୂରକ କାର୍ଯ୍ୟକ୍ରମ ଓ ୫ଟି ବିଦ୍ୟାଳୟଗୁଡିକର ରୂପାନ୍ତରୀକରଣ କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ଡିଇଓ ପ୍ରଦୀପ ନାଗ, ଏଡିଇଓ ବିଶ୍ୱନାଥ ସାହୁ ଓ ରେଶମ ଲାଲ ନାୟକ, ପାପଡାହାଣ୍ଡି ବିଇଓ ବୀରେନ୍ଦ୍ର ପାଢ଼ୀ, ଜିଲା ପ୍ଲାନିଂ କୋଅର୍ଡିନେଟର ପ୍ରଦୀପ୍ତ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସେ ବ୍ଲକର କାଙ୍ଗମାଝୀଗୁଡା, ଶିରିଶି, ଡେଙ୍ଗାଗୁଡାର ବିଦ୍ୟାଳୟ ବୁଲି ଦେଖିଥିଲେ। କରୋନା ସମୟରେ ଛାତ୍ରୀଛାତ୍ରଙ୍କ ଯେଉଁ କ୍ଷତି ହୋଇଛି ତାହାର ଭରଣ ପୋଷଣ କରିବା ଲାଗି ପରାମର୍ଶ ଦେଇଥିଲେ।

# ୮ଦିନ ପରେ ଖୋଲିଲା ସ୍କୁଲରୁ ତାଲା

କୋଡିଙ୍ଗା, ୨୬।୧୧(ଡି.ଏନ୍.ଏ.)

କୋଷାଗୁମୁଡା ବ୍ଲକ ଗୋଟିବେଡା ସ୍କୁଲରେ ଅଭିଭାବକମାନେ ପକାଇଥିବା ତାଲା ୮ଦିନ ପରେ ଖୋଲିଛି। ପୋଲିସ ଅଭିଭାବକଙ୍କୁ ବୁଝାଶୁଝା କରିବା ପରେ ତାଲା ଖୋଲିବାସହ ପାଠପଢ଼ା ସ୍ୱାଭାବିକ ହୋଇଛି। ଶିକ୍ଷା ବିଭାଗୀୟ ଅଧିକାରୀଙ୍କ ସହ ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, କୋଡିଙ୍ଗା ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା, ଏସ୍‌ଆଇ ବି.କେ. ସାହୁ, ଏଏସ୍‌ଆଇ ପ୍ରଦୀପ ବାଘ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଅଭିଭାବକମାନେ ସ୍କୁଲରୁ ତାଲା ଖୋଲିଥିଲେ। କନିଷ୍ଠ ଶିକ୍ଷକ କୃଷ୍ଣପ୍ରସାଦ ଭୂୟାଁ ଓ ସହକାରୀ ଶିକ୍ଷୟିତ୍ରୀ ସ୍ୱରୁପା ନାୟକଙ୍କୁ ବିଭାଗ ପକ୍ଷରୁ ଅନ୍ୟତ୍ର ଡେପୁଟେଶନ କରାଯାଇଛି।

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A, CUTTACK-753014, ODISHA
**O.A. NO. 52 OF 2022**
HDFC BANK LIMITED ................APPLICANT
VERSUS
RAMANDEEP KAUR & ANOTHER ..........DEFENDANT(S)
To,
1. **Ramandeep Kaur,** W/o-Amarpreet Singh, At-Vedvyas, Singhtola, Llungei, Near Gurudwar, Po/Ps-Brahmanitarang, Rourkela, Dist-Sundargarh-769004.
2. **Amarpreet Singh**, S/o-Jaspal Singh, At-Vedvyas, Singhtola, Llungei, Near Gurudwara, Po/Ps-Brahmanitarang, Rourkela, Dist-Sundargarh-769004.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 52 of 2022** in the court of the Debts Recovery Tribunal, Cuttack for recovery of **Rs.27,45,100/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **20.12.2022** at **10.30 A.M.** as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this Tribunal on this **2nd** day of **November, 2022**.

**Sd/- (Manoj Kumar Patnaik)**
**Registrar**

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A, CUTTACK-753014, ODISHA
**O.A. NO. 500 OF 2021**
HDFC BANK LIMITED .............APPLICANT
VERSUS
HRUDAYA KUMAR BISWAL & ANOTHER ......DEFENDANT(S)
To,
1. **Hrudaya Kumar Biswal,** S/o- Radheshyam Biswal, aged about 60 years, At-Silipathar, Gadamunda Main Road, P.O.-Hirakud, Dist-Sambalpur-768016.
2. **Anita Biswal**, D/o-Premananda Nayak, aged about 52 years, At-Silipathar, Gadamunda Main Road, P.O.-Hirakud, Dist-Sambalpur-768016.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 500 of 2021** in the court of the Debts Recovery Tribunal, Cuttack for recovery of **Rs.49,07,590/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **20.12.2022** at **10.30 A.M.** as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this Tribunal on this **2nd** day of **November, 2022**.

**Sd/- (Manoj Kumar Patnaik)**
**Registrar**

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A, CUTTACK-753014, ODISHA
**O.A. NO. 187 OF 2021**
HDFC BANK LIMITED ..............APPLICANT
VERSUS
BIKASH MANSINGH & ANOTHER ........DEFENDANT(S)
To,
1. **Bikash Mansingh**, aged about 54 years, S/o-Harmohan Mansingh, Plot No. ZZ3, Civil Township, Raghunathpali, PO/PS-Raghunathpali, Near NSIC Office, Rourkela, Dist-Sundargarh, Pin-769004.
   **Also At**:- At/Po-Arakhpalli, Via-Bolgarh, Near Post Office, Dist-Khurda, Pin-752066.
   **Also At**:- At/Po-E4/28, Civil Township Area, Beside Super Speciality Hospital, Rourkela, Dist-Sundargarh, Pin-769004.
2. **M/s. Naturals**, Proprietor-Bikash Mansingh, Shop No. 3, 1st Floor, Shibani Market Complex, TCI Chowk, Vedvyas, PO-Vedvyas, PS-Brahmni Tarang, Near Sai Mandir, Rourkela, Dist-Sundargarh-769041.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 187 of 2021** in the court of the Debts Recovery Tribunal, Cuttack for recovery of **Rs.37,37,000.75** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **14.12.2022** at **10.30 A.M.** as to why reliefs prayed for should not granted. Take notice that in case of default the applicant will be heard and determined in their absence.

Given under my hand and seal of this Tribunal on this **27th** day of **October, 2022**.

**Sd/- (Manoj Kumar Patnaik)**
**Registrar**

ODISHA INDIA'S BEST KEPT SECRET.
**Department of Tourism (DoT)**
Government of Odisha
Paryatan Bhawan, Lewis Road, Bhubaneswar, 751014
Phone: (0674) 2432177 | Fax: (0674)-243887
https://dot.odishatourism.gov.in
R-
No. 9065 Date: 26.11.2022
TCT- TSP-MISC-0114-2022

**RFP CANCELLATION NOTICE**

**RFP No.: 8144/TSM published on Dated 26.10.2022 for "Selection of Facility management service provider for Rourkela sports accommodation and Birsa Munda International Hockey Statidum, Rourkela", is hereby cancelled in accordance with the provisions contained in clause 29 of the aforesaid RFP.**

**Sd./- Joint Director-cum-Deputy Secretary, DoT**
OIPR-37001/11/0028/2223

**ODISHA CONSTRUCTION CORPORATION LTD.**
(A Government of Odisha Undertaking)
Central Workshop, Rasulgarh, Bhubaneswar - 10 (Odisha)
No. OCC/CWS/PROC/SS-03/39/22-23 Dated: 26.11.2022

**TENDER CALL NOTICE**

Sealed tenders in conformity with the terms, conditions and specifications in tender documents are invited from reputed manufacturers or their authorised distributors / dealers / stockiest for **"Supply of Stainless Steel Flats for Lower Suktel & Kanupur Irrigation Projects"**.

For details, please visit our website www.odishaconstruction.com. The last date & time of sale of tender document and receipt of tender is **05.12.2022 at 1.00 P.M & 3.30 P.M.** respectively and **TECHNICAL BID** and **PRICE BID** to be opened on same date at **04.00 P.M.** i.e., **05.12.2022** ***(Bidders are requested to visit above website regularly for any changes, since it will not be published in news paper again).***

Sd/-
**SENIOR MANAGER (MECH.) - I**

ଓଡ଼ିଶା ସରକାର
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଜ୍ଞାପନ**

No. RR-43: ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଓ ଦୁଃସ୍ଥ କଳାକାର ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ହିତାଧିକାରୀଙ୍କୁ ଜଣାଇ ଦିଆଯାଉଅଛି ଯେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଗତ ଅକ୍ଟୋବର ୨୦୨୨ଠାରୁ ଉପରୋକ୍ତ ଯୋଜନାରେ ମାସିକ ଆର୍ଥିକ ସହାୟତା ଧନରାଶି ସିଧାସଳଖ ବ୍ୟାଙ୍କ ମାଧ୍ୟମ (D.B.T. Mode)ରେ ହିତାଧିକାରୀଙ୍କୁ ପ୍ରଦାନ କରିବା ବ୍ୟବସ୍ଥା କରିଛନ୍ତି। ତେଣୁ ଏହି ଯୋଜନାର ସମସ୍ତ ହିତାଧିକାରୀ କଳାକାରମାନଙ୍କୁ ପୂର୍ବ ପ୍ରଚଳିତ ପ୍ରଥା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସମ୍ମିଶ୍ରଣ କରିବା ନିମନ୍ତେ ପ୍ରକ୍ରିୟା ଚାଲୁ ରହିଛି। ଏଥିପାଇଁ ସମସ୍ତ ହିତାଧିକାରୀ କଳାକାରମାନେ ନିଜ ନିଜ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଦପ୍ତରରେ ଆସନ୍ତା ଡିସେମ୍ବର ମାସ ୧୫ ତାରିଖ (୧୫।୧୨।୨୦୨୨) ସୁଦ୍ଧା ନିଜର ବ୍ୟାଙ୍କ ଜମା ଖାତା, ଆଧାର କାର୍ଡ଼ର ଫଟୋ କପି, ଜୀବିତ ପ୍ରମାଣପତ୍ର, ଏକ ଫଟୋ ଏବଂ ମୋବାଇଲ ନଂ. ଦାଖଲ କରିବା ଆବଶ୍ୟକ। ଯେଉଁ ହିତାଧିକାରୀମାନେ ପୂର୍ବରୁ ଉକ୍ତ କାଗଜାତ ପ୍ରଦାନ କରିସାରିଛନ୍ତି ଏବଂ ସେମାନଙ୍କ ନାମ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପୋର୍ଟାଲରେ ସ୍ଥାନିତ ହୋଇଛି, ସେମାନେ ପୁନର୍ବାର ଏ ସବୁ ଦେବା ଆବଶ୍ୟକ ନାହିଁ। ଏ ବିଷୟରେ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଥିବା ଜିଲ୍ଲା ସଂସ୍କୃତି ଅଧିକାରୀମାନେ ସମସ୍ତ ହିତାଧିକାରୀ କଳାକାରମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ।

ଏଠାରେ ସୂଚାଇ ଦିଆଯାଉଅଛି ଯେ, ଯେଉଁ ହିତାଧିକାରୀ କଳାକାରମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉପରୋକ୍ତ କାଗଜାତ/ଦସ୍ତାବିଜ ଦାଖଲ ନ କରିବେ ସେମାନେ ପାଉଥିବା ମାସିକ ସହାୟତା ଧନରାଶି ବନ୍ଦ ହୋଇଯିବାର ଯଥେଷ୍ଟ ସମ୍ଭାବନା ଅଛି।

ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର
ଭୁବନେଶ୍ୱର – ୭୫୧୦୧୪
OIPR-03001/11/0032/2223

See Career Appointment on every Wednesday & Saturday

**SPECIAL HANDLOOM EXPO - 2022**
**ସ୍ୱତନ୍ତ୍ର ହସ୍ତତନ୍ତ ମେଳା - ୨୦୨୨**
Ekamra Haat, Unit -III, Bhubaneswar
From : 26.11.2022 to 14.12.2022, Time : 11.00 AM to 9.00 PM
*Inauguration by*
**Dr. Arabinda Kumar Padhee, IAS**
Principal Secretary to Govt.,
Handlooms, Textiles & Handicrafts Deparment
Govt. of Odisha
*In Presence of*
**Sj. Shovan Krishna Sahu, IRS**
Special Secretary (Industries Deptt.)
Director of Textiles & Handloom, Odisha
on
**27th November, 2022 at 5.00 PM**
**Organised by :**
SAMBALPURI BASTRALAYA HANDLOOM CO-OPERATIVE SOCIETY LTD.
**Sponsored by :**
Handlooms, Textiles & Handicrafts Department, Government of Odisha
& Directorate of Textiles & Handloom, Govt. of Odisha.
All are Cordially invited to the Inaugural Function
**Sri Sisir Kumar Nag**
Managing Director
**Sri Sambit Kumar Acharya**
President

**KHADI & VILLAGE INDUSTRIES COMMISSION**
Ministry of Micro, Small & Medium Enterprises, Govt. of India
STATE OFFICE, ODISHA
J/16, Bhimpur, Gandamunda, Khandagiri, Bhubaneswar - 751030

**ଆପଣ କୌଣସି ସୂକ୍ଷ୍ମ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଅର୍ଥ ରାଶିର ଆବଶ୍ୟକ କରୁଛନ୍ତି କି?**
**ଯଦି ହଁ, ତେବେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ଯୋଜନାରେ ଆବେଦନ କରି ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଲୋନ୍ ସହିତ ୩୫% ପର୍ଯ୍ୟନ୍ତ ସବ୍‌ସିଡିର ଲାଭ ଉଠାନ୍ତୁ।**

ଆର୍ଥିକ ବର୍ଷ ୨୦୨୧-୨୨ରେ PMEGP ଯୋଜନାରେ ୪୩୦୧ ଜଣ ଲାଭାର୍ଥୀଙ୍କୁ ୧୧୩ କୋଟି ଟଙ୍କାର ସବ୍‌ସିଡି ବିତରଣ କରାଯାଇଛି।
ଆର୍ଥିକ ବର୍ଷ ୨୦୨୨-୨୩ରେ ୬୦୦୦ ଜଣ ଲାଭାର୍ଥୀଙ୍କୁ ୨୧୦ କୋଟି ଟଙ୍କାର ସବ୍‌ସିଡି ବିତରଣ କରିବାର ଲକ୍ଷ୍ୟ ରଖାଯାଇଛି।
ଆପଣ ଏହି PMEGP ଯୋଜନାର ଲାଭ ନେଇ ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟମାନଙ୍କୁ ରୋଜଗାର ଦେବାର ସୁଯୋଗ ସୃଷ୍ଟି କରି ଦେଶର ଆର୍ଥିକ ବିକାଶରେ ନିଜର ଯୋଗଦାନ କରନ୍ତୁ।

**PMEGP ଯୋଜନାର ପ୍ରମୁଖ ନିୟମାବଳୀ**

- ଆବେଦନକାରୀଙ୍କ ବୟସ ସୀମା ୧୮ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ।
- ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଯଦି ଅଷ୍ଟମ ଶ୍ରେଣୀଠାରୁ କମ୍ ହୋଇଥିବ, ଉତ୍ପାଦନଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ଟ.୧୦.୦୦ ଲକ୍ଷ ଏବଂ ସେବାଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ଟ.୫.୦୦ ଲକ୍ଷ ପର୍ଯ୍ୟନ୍ତ ପ୍ରକଳ୍ପ ରାଶି ହୋଇଥିବା ଆବଶ୍ୟକ। ଆବେଦନକାରୀଙ୍କର ଶିକ୍ଷାଗତ ଯୋଗ୍ୟତା ଯଦି ୮ମ ଶ୍ରେଣୀରୁ ଅଧିକ ହୋଇଥିବ, ଉତ୍ପାଦନଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ଟ.୫୦.୦୦ ଲକ୍ଷ ଏବଂ ସେବାଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ଟ.୨୦.୦୦ ଲକ୍ଷ ପର୍ଯ୍ୟନ୍ତ ପ୍ରକଳ୍ପ ରାଶି ଉପରେ ସବ୍‌ସିଡି ଉପଲବ୍ଧ ହେବ।
- ଗ୍ରାମାଞ୍ଚଳ ପାଇଁ ପ୍ରକଳ୍ପ ରାଶିର ୩୫% ଏବଂ ସହରାଞ୍ଚଳ ପାଇଁ ୨୫% ସର୍ବାଧିକ ସବ୍‌ସିଡି ଉପଲବ୍ଧ।
- ଏହି ଯୋଜନା ଅଧୀନରେ ଗୋଟିଏ ପରିବାରରୁ କେବଳ ଜଣେ ବ୍ୟକ୍ତି ଆର୍ଥିକ ସହାୟତା ପାଇଁ ଯୋଗ୍ୟ ବିବେଚିତ ହେବେ।
- କାର୍ଯ୍ୟରତ ଉଦ୍ୟୋଗ କିମ୍ବା ଅନ୍ୟ କୌଣସି କେନ୍ଦ୍ର/ରାଜ୍ୟ ସବ୍‌ସିଡି ଯୋଜନା ଅଧୀନରେ ସବ୍‌ସିଡି/ମାର୍ଜିନ୍ ରାଶିର ଲାଭ ନେଇସାରିଥିବା ଆବେଦନକାରୀମାନେ ଯୋଗ୍ୟ ହେବେ ନାହିଁ।
- ଆବେଦନକାରୀଙ୍କ ଆଧାର କାର୍ଡ (Aadhaar Card) ଥିବା ଆବଶ୍ୟକ।

**କିପରି ଆବେଦନ କରିବେ**

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି)ର ନିୟମାବଳୀ ଅନୁଯାୟୀ ଯୋଗ୍ୟ ଆବେଦନକାରୀ **www.kviconline.gov.in/pmegpeportal**ରେ registration କରି online ମାଧ୍ୟମରେ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଖଦୀ ଗ୍ରାମୋଦ୍ୟୋଗ ବୋର୍ଡ, କଏର୍ ବୋର୍ଡ କିମ୍ବା ଜିଲ୍ଲା ଶିଳ୍ପ କେନ୍ଦ୍ରକୁ ଆବେଦନ କରିପାରିବେ। କୌଣସି ପ୍ରକାର offline ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ। ଅଧିକ ବିବରଣୀ ପାଇଁ ନିକଟସ୍ଥ ବ୍ଲକ୍‌ରେ ନିଯୁକ୍ତ ଶିଳ୍ପ ବିକାଶ ଅଧିକାରୀ (IPO) କିମ୍ବା ଜିଲ୍ଲା ଶିଳ୍ପ କେନ୍ଦ୍ର (DIC)ର ଜେନେରାଲ ମ୍ୟାନେଜରଙ୍କୁ କିମ୍ବା ଓଡ଼ିଶା ରାଜ୍ୟ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ଅଧିକାରୀ କିମ୍ବା ଭୁବନେଶ୍ୱର ସ୍ଥିତ KVIC ରାଜ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ କିମ୍ବା ନିମ୍ନଲିଖିତ ୱେବସାଇଟ୍‌କୁ visit କରିପାରିବେ।

- **https://www.udyami.org.in/about-pmegp**
- **https://www.kviconline.gov.in/pmegpeportal/jsp/SchemeFaqApplicant.html**

ସ୍ୱା./- ନିର୍ଦ୍ଦେଶକ

ପାକିସ୍ତାନ କବ୍‌ଜାରୁ ପିଓକେକୁ ଛଡ଼ାଇ ଆଣିବା ପ୍ରତ୍ୟେକ ଭାରତୀୟଙ୍କ ସ୍ୱପ୍ନ। ଜବାହରଲାଲ ନେହେରୁଙ୍କଠାରୁ ନେଇ ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀମାନେ ଏହି ଭୂଖଣ୍ଡକୁ ପୁନଃ ଦଖଲ ପ୍ରୟାସ କରିଛନ୍ତି, ଯାହାକି ଏଯାଏ ସଫଳ ହୋଇନାହିଁ। ତେଣୁ ଗୁଜରାଟରେ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଚାଲିଥିବାବେଳେ ଜାତୀୟ ରାଜନୀତିରେ ହଠାତ୍ ପିଓକେ ପ୍ରସଙ୍ଗ ମୁଣ୍ଡ ଟେକିବା ପଛର କାରଣକୁ ନେଇ ଦେଶବାସୀଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି।

## ସଂକ୍ଷେପରେ

### କଶ୍ମୀରରେ ୫ ଲକ୍ଷ ନୂଆ ଭୋଟର

ଶ୍ରୀନଗର,୨୬।୧୧: ଜମ୍ମୁ-କଶ୍ମୀରରେ ବାହାର ଲୋକଙ୍କୁ ବିରୋଧ ସତ୍ତ୍ୱେ ଏହି କେନ୍ଦ୍ରଶାସିତ ଅଞ୍ଚଳ ଭୋଟର ତାଲିକାରେ ୫.୧ ଲକ୍ଷ ନୂଆ ଭୋଟର ସାମିଲ ହୋଇଛନ୍ତି। ଏହା ପୂର୍ବରୁ ୨୦୧୯ରେ ହୋଇଥିବା ଭୋଟର ତାଲିକା ସଂଶୋଧନ ବେଳେ ଲଦାଖ ସହ ଜମ୍ମୁ-କଶ୍ମୀର ରାଜ୍ୟରେ ଭୋଟର ସଂଖ୍ୟା ୧.୮ ଲକ୍ଷ ବଢ଼ିଥିଲେ। ରାଜ୍ୟରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଠିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ଶୁକ୍ରବାର ପ୍ରଥମ ଥର ପାଇଁ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇଛି। ଉକ୍ତ ତାଲିକା ଅନୁଯାୟୀ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ବର୍ତ୍ତମାନ ଭୋଟର ସଂଖ୍ୟା ୮୩,୫୯,୭୭୪ରେ ପହଞ୍ଚିଛି, ଯାହାକି ୨୦୧୯ ଲୋକ ସଭା ନିର୍ବାଚନ ବେଳେ ୭୮,୪୪,୮୮୭ ଥିଲା। ଅନ୍ୟପକ୍ଷରେ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ସଂଖ୍ୟା ୬.୯ ଲକ୍ଷ ବଢ଼ିଥାଇପାରେ ବୋଲି କୁହାଯାଉଛି। ଜମ୍ମୁ-କଶ୍ମୀର ଇତିହାସରେ ପ୍ରଥମ ଥର ପାଇଁ ଗୋଟିଏ ସଂଶୋଧନରେ ୧୧ ଲକ୍ଷରୁ ଅଧିକ ନୂଆ ଭୋଟର ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ରୁ ୧୯ ବର୍ଷ ବୟସ ବର୍ଗର ୩,୦୧,୯୬୧ ଭୋଟର ଅଛନ୍ତି।

### ଦିଲ୍ଲୀ ଅବକାରୀ ନୀତି ମନିଲଣ୍ଡରିଂ ମାମଲାରେ ଇଡିର ଚାର୍ଜସିଟ୍

ନୂଆଦିଲ୍ଲୀ,୨୬।୧୧(ପି.ଟି.): ଦିଲ୍ଲୀ ଅବକାରୀ ନୀତି ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର କୋର୍ଟରେ ପ୍ରଥମ ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ମଦ ବ୍ୟବସାୟୀ ସମୀର ମହାନ୍ଦ୍ରୁଙ୍କୁ ଅଭିଯୁକ୍ତ କରାଯାଇଛି। ଇଣ୍ଡୋସ୍ପିରିଟ୍ ମାଲିକ ମହାନ୍ଦ୍ରୁଙ୍କ ବିରୋଧରେ ମନିଲଣ୍ଡରିଂ ପ୍ରତିକାର ଆଇନ(ପିଏମ୍ଏଲ୍ଏ)ର ବିଭିନ୍ନ ଧାରା ଲଗାଯାଇଛି। ଦିଲ୍ଲୀ ଉପରାଜ୍ୟପାଳଙ୍କ ସୁପାରିସ୍ କ୍ରମେ ସିବିଆଇ ଅବକାରୀ ଦୁର୍ନୀତି ମାମଲାର ତଦନ୍ତ ଭାର ହାତକୁ ନେଇଥିଲା। ସିବିଆଇ ଏତଲା ଆଧାରରେ ଇଡି ନିଜ ଆଡୁ ମନିଲଣ୍ଡରିଂ ମାମଲାର ତଦନ୍ତ ଆରମ୍ଭ କରି ୧୬୯ଟି ସ୍ଥାନରେ ଚଢ଼ାଉ କରିଥିଲା। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ଇଡି ୫ ଜଣଙ୍କୁ ଗିରଫ କରିଛି।

### ଶ୍ରଦ୍ଧା ହତ୍ୟା ମାମଲା: ଜେଲ ଗଲେ ଆଫ୍‌ତାବ

ନୂଆଦିଲ୍ଲୀ,୨୬।୧୧(ପି.ଟି.): ଦକ୍ଷିଣ ଦିଲ୍ଲୀର ମେହରୁଲିରେ ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧା ୱାଲ୍‌କରଙ୍କୁ ହତ୍ୟା କରିବା ପରେ ୩୫ ଖଣ୍ଡ କରି ଜଙ୍ଗଲରେ ଫିଙ୍ଗିଥିବା ଅଭିଯୁକ୍ତ ଆଫ୍‌ତାବ ଅମିନ୍ ପୁନାୱାଲାଙ୍କୁ ଶନିବାର ଦିଲ୍ଲୀର ଏକ ଅଦାଲତ ୧୩ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଶୁକ୍ରବାର ପ୍ରାୟ ୩ ଘଣ୍ଟା ଧରି ଆଫ୍‌ତାବଙ୍କ ପଲିଗ୍ରାଫ୍ ଟେଷ୍ଟ କରାଯାଇଥିଲା। ଏଥିପାଇଁ ଦିଲ୍ଲୀର ରୋହିଣୀସ୍ଥିତ ଫୋରେନ୍‌ସିକ ସାଇନ୍ସ ଲାବରେଟୋରିକୁ ତାଙ୍କୁ ନିଆଯାଇଥିଲା। ବିଭିନ୍ନ ପ୍ରଶ୍ନ ଉପରେ ସେ ଦେଇଥିବା ଉତ୍ତରରେ ତାଳମେଳ ରହି ନ ଥିବା ଜଣେ ଫୋରେନ୍‌ସିକ ବିଶେଷଜ୍ଞ କହିଛନ୍ତି। ତାଙ୍କର ପୋଲିସ ରିମାଣ୍ଡ ଶନିବାର ଶେଷ ହେବା ପରେ ଅଦାଲତରେ ହାଜର କରାଯାଇଥିଲା। ଅଦାଲତ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ୨୮ ତାରିଖରେ ଆଫ୍‌ତାବଙ୍କ ନାର୍କୋ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି।



ପାକିସ୍ତାନ-ଅଧିକୃତ କଶ୍ମୀରକୁ ଭାରତରେ ପିଓକେ କୁହାଯାଏ। ନାମରୁ ସ୍ପଷ୍ଟ ହେଉଛି ଯେ, ଉକ୍ତ ଅଞ୍ଚଳକୁ ପଡ଼ୋଶୀ ପାକିସ୍ତାନ ବେଆଇନ ଭାବେ ଦଖଲ କରି ରଖିଛି। ୧୩,୨୯୭ ବର୍ଗ କି.ମି. ବିସ୍ତୃତ ଏହି ଭୂଖଣ୍ଡକୁ ଇସ୍‌ଲାମାବାଦ 'ଆଜାଦ କଶ୍ମୀର' କହି ନିଜର ବୋଲି ଦାବି କରିଆସୁଛି। ୪୦,୪୫,୩୬୬ ଜନସଂଖ୍ୟା ବିଶିଷ୍ଟ ପିଓକେ ସମ୍ପର୍କିତ ଚର୍ଚ୍ଚା ଏବେ ଭାରତରେ ହଠାତ୍ ବଢ଼ିଯାଇଛି। କେତେକ ଜାତୀୟ ଗଣମାଧ୍ୟମ ଏପରି ଖବର ପ୍ରସାରଣ କରୁଛନ୍ତି, ସତେଯେମିତି ଭାରତ ସରକାର ଏହି ବିବାଦୀୟ ଅଞ୍ଚଳକୁ ପାକିସ୍ତାନ କବ୍‌ଜାରୁ ରାତାରାତି ଛଡ଼ାଇଆଣିବେ। ତେବେ ଏଭଳି ଦାବି ପଛର କାରଣ କ'ଣ ହୋଇପାରେ? ଏହା କ'ଣ ସତରେ ସମ୍ଭବ?



ଧାରା ୩୭୦ ଉଚ୍ଛେଦ ପରେ ଶ୍ରୀନଗରସ୍ଥିତ ଲାଲ୍‌ଚୌକର ଦୃଶ୍ୟ।

# ପିଓକେ କେତେ ଦୂର

ନୂଆଦିଲ୍ଲୀ/ଶ୍ରୀନଗର,୨୬।୧୧

ଗତ ଅକ୍ଟୋବରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତ-ଚାଇନା ସୀମାନ୍ତ ପୂର୍ବ ଲଦାଖ ଗସ୍ତ କରି ସ୍ଥିତି ସମୀକ୍ଷା ପରେ ସଶସ୍ତ୍ର ବଳକୁ ସମ୍ବୋଧନ କରିଥିଲେ। ରାଜନାଥ କହିଥିଲେ, ପିଓକେକୁ ନେଇ ୧୯୯୪ ଫେବୃୟାରୀ ୨୨ରେ ଭାରତୀୟ ପାର୍ଲାମେଣ୍ଟରେ ସର୍ବସମ୍ମତି କ୍ରମେ ଗୃହୀତ ସଂକଳ୍ପନାମାକୁ କାର୍ଯ୍ୟକାରୀ କରାଯିବ। ବେଆଇନ ଭାବେ ଛଡ଼ାଇ ନିଆଯାଇଥିବା ଏହି ଭୂଖଣ୍ଡକୁ ଫେରାଇ ଆଣିବା ପାଇଁ ଭାରତର ଇଚ୍ଛାଶକ୍ତି ଓ ସାମର୍ଥ୍ୟ ରହିଛି। ଭାରତୀୟ ସେନାର ସାମର୍ଥ୍ୟକୁ ନେଇ କୌଣସି ସନ୍ଦେହ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ।

ପାକିସ୍ତାନରେ ଆଭ୍ୟନ୍ତରୀଣ ରାଜନୀତିକୁ ନେଇ ବର୍ତ୍ତମାନ ଭଳି ଅଚଳାବସ୍ଥା ଓ ଅରାଜକତା ପୂର୍ବରୁ କେବେ ଦେଖାଯାଇ ନ ଥିଲା। ପ୍ରଶ୍ନ ଉଠୁଛି, ଏଭଳି ସ୍ଥିତିରେ ଭାରତୀୟ ସେନା ପିଓକେକୁ ଫେରାଇ ଆଣିବାର ଦୁଃସାହସିକତା ଦେଖାଇବ ନା ଆହୁରି ସୁବିଧାଜନକ ସ୍ଥିତିକୁ ଅପେକ୍ଷା କରିବ। ଯଦି ଭାରତୀୟ ସେନା ଏପରି କୌଣସି ଉଦ୍ୟମ କରେ ତେବେ ଗିଲ୍‌ଗିଟ୍ ବାଲ୍‌ତିସ୍ତାନରେ ରୋଡ୍ ଆଣ୍ଡ ବେଲ୍ଟ ଇନିସିଏଟିଭ୍‌ର ବିସ୍ତାର ପାଇଁ ବହୁ କୋଟି ଡଲାର ଖର୍ଚ୍ଚ କରୁଥିବା ଚାଇନା ଏହାର ସବୁଦିନିଆ ବନ୍ଧୁ ପାକିସ୍ତାନ ସପକ୍ଷରେ ବାହାରିବ। ଫଳରେ ଭାରତକୁ ଏକକାଳୀନ ଦୁଇ ପଡ଼ୋଶୀ ପାକିସ୍ତାନ ଓ ଚାଇନା ବିରୋଧରେ ଲଢ଼ିବାକୁ ପଡ଼ିବ। ରୁଷିଆ ଖୋଲାଖୋଲି ଭାବେ ଭାରତ ସପକ୍ଷରେ ଆସିବ ନାହିଁ। ଆମେରିକା ଓ ବ୍ରିଟେନ ନକାରାତ୍ମକ ଭୂମିକାରେ ଅବତୀର୍ଣ୍ଣ ହୋଇପାରନ୍ତି। କାରଣ ସେମାନଙ୍କ ମତରେ ପିଓକେ ହେଉଛି ଦୁଇ ଦେଶ ମଧ୍ୟରେ ଥିବା ଏକ ବିବାଦୀୟ ଅଞ୍ଚଳ। ଆଲୋଚନା ଜରିଆରେ ଏହି ପ୍ରସଙ୍ଗର ସମାଧାନ ହେଉ ବୋଲି ଉଭୟ ରାଷ୍ଟ୍ର ଚାହାନ୍ତି। ତୃତୀୟରେ 'କର ବା ମର' ସ୍ଥିତିରେ ପଡ଼ିଥିବା ଜମ୍ମୁ-କଶ୍ମୀରର ୨ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା (ଏନ୍‌ସି) ଏବଂ ମେହବୁବା ମୁଫ୍‌ତି (ପିଡିପି) ଉପତ୍ୟକାର ମୁସଲମାନମାନଙ୍କୁ ଉସୁକାଇ ବଡ଼ ଧରଣର ବର୍ଜନ, ବିକ୍ଷୋଭ କରାଇପାରନ୍ତି। କଶ୍ମୀରୀ ପଣ୍ଡିତ ଓ ପ୍ରବାସୀ ଶ୍ରମିକମାନଙ୍କୁ ଆତଙ୍କବାଦୀଙ୍କ ଟାର୍ଗେଟ କିଲିଂ କେନ୍ଦ୍ରର ମୁଣ୍ଡବ୍ୟଥା ସାଜିଥିବାବେଳେ ଏଭଳି ନେତାଙ୍କ ଭୋଟବ୍ୟାଙ୍କ ରାଜନୀତି ମିଶନ ପିଓକେକୁ ପଥଚ୍ୟୁତ କରିପାରେ। ତେଣୁ ଭଲମନ୍ଦ ବିଚାର ନ କରି ପିଓକେକୁ ଫେରାଇ ଆଣିବା ଦିଗରେ କୌଣସି ଦୁଃସାହସିକ ପଦକ୍ଷେପ ନେବା ଭାରତ ପାଇଁ ବିପଜ୍ଜନକ ହୋଇପାରେ। କଶ୍ମୀର ଏକ ଅନ୍ତର୍ଜାତୀୟ ପ୍ରସଙ୍ଗ। ଏକଥାକୁ ଅସ୍ୱୀକାର କରିବା ବୁଦ୍ଧିମାନର ପରିଚୟ ନୁହେଁ।

ଅନ୍ୟପକ୍ଷେ କଶ୍ମୀର ଉପରେ ୟୁକ୍ରେନ୍ ଯୁଦ୍ଧର ପରୋକ୍ଷ ପ୍ରଭାବ ପଡ଼ିଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରିପେକ୍ଷୀରେ ମସ୍କୋକୁ ଖୋଲାଖୋଲି ସମାଲୋଚନା କରୁ ନ ଥିବା ଭାରତ ନିଜ ଜାତୀୟ ସ୍ୱାର୍ଥ କଥା ଚିନ୍ତା କରୁଛି। କିନ୍ତୁ ଏହି ପ୍ରସଙ୍ଗରେ ଭାରତ ପ୍ରତି ତଥାକଥିତ ମୁକ୍ତ ବିଶ୍ୱର ଦୃଷ୍ଟିଭଙ୍ଗୀ ନକାରାତ୍ମକ ରହିଛି। ଅରୁଣାଚଳ ପ୍ରଦେଶ ସୀମା ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ଆକ୍ରମଣ କଲେ ଭାରତକୁ ବଞ୍ଚାଇବା ପାଇଁ କିଏ ଆଗକୁ ଆସିବ? ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଭାରତକୁ ରୁଷିଆ ଶିବିର ଅନୁଗାମୀ ବୋଲି ବିବେଚନା କରୁଛନ୍ତି। ତେଣୁ ବିଶ୍ୱକୁ ବୁଝାଇବା ପାଇଁ ନୂଆଦିଲ୍ଲୀକୁ ଅତ୍ୟଧିକ ପରିଶ୍ରମ କରିବାକୁ ପଡ଼ିବ। ତାହା ପୁଣି ଏପରି ସମୟରେ ଯେତେବେଳେ କି ଚାଇନାର ୬୯ ବର୍ଷୀୟ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ କ୍ରମାଗତ ତୃତୀୟ ଥର ପାଇଁ ଶାସନ କ୍ଷମତା ହାତକୁ ନେଇ ସର୍ବଶକ୍ତିମାନ ନେତା ଭାବେ ଉଭା ହୋଇଛନ୍ତି।

➥ଅତୀତର ଐତିହାସିକ ଭୁଲ୍ ଯୋଗୁ ଭୂସ୍ୱର୍ଗ କଶ୍ମୀର ୩ ଫାଳ ହୋଇଯାଇଛି। ଭାରତ ପଟେ ଜମ୍ମୁ-କଶ୍ମୀର ଥିବାବେଳେ ଶତ୍ରୁରାଷ୍ଟ୍ର ପାକିସ୍ତାନ ଦଖଲରେ ପିଓକେ ରହିଛି। ପାକିସ୍ତାନ ସେଥିରୁ ଆଉ ଦୁଇଟି ବିସ୍ତୃତ ଅଞ୍ଚଳ ଅକ୍ସାଇ ଚୀନ ଏବଂ ଟ୍ରାନ୍ସ କାରାକୋରମ ଟ୍ରାକ୍ଟକୁ ଚାଇନା ହାତରେ ଟେକିଦେଇଛି।


➥୧୯୪୭ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନତା ଲାଭ ସହ ବିଭାଜିତ ହୋଇଥିଲା। ସେତେବେଳେ ଜମ୍ମୁ-କଶ୍ମୀର ମହାରାଜା ହରି ସିଂ ଏହି ଉପତ୍ୟକାକୁ ଏକ ସାର୍ବଭୌମ ରାଷ୍ଟ୍ର ଭାବେ ରଖିବାକୁ ଚାହୁଁଥିଲେ। କିନ୍ତୁ ଅକ୍ଟୋବର ୨୧ରେ ପାସ୍ତୁନ ଆଦିବାସୀଙ୍କ ସହାୟତାରେ ପାକିସ୍ତାନ ସେନା ଜମ୍ମୁ-କଶ୍ମୀର ଉପରେ ଅତର୍କିତ ଆକ୍ରମଣ କରି ନରସଂହାର ଚଳାଇଲା। ପାକିସ୍ତାନୀ ସୈନ୍ୟ ବାରାମୂଳା ଓ ମୁଜାଫରାବାଦକୁ ଦଖଲ କରିନେଲେ। ସେମାନେ ରାଜଧାନୀ ଶ୍ରୀନଗରରୁ ୫୦ କି.ମି. ଦୂରରେ ଥିବାବେଳେ ହରି ସିଂ ଇନ୍‌ଷ୍ଟ୍ରୁମେଣ୍ଟ ଅଫ୍ ଆସେଶନରେ ସ୍ୱାକ୍ଷର କଲେ। ଏହା ପରେ ଭାରତୀୟ ସେନା ସ୍ଥିତି ନିୟନ୍ତ୍ରଣକୁ ଆଣି ଛତ୍ରଭଙ୍ଗ ଦେବା ପାଇଁ ସେମାନଙ୍କୁ ବାଧ୍ୟ କରିଥିଲା।



ମହାରାଜା ହରି ସିଂ

➥ସ୍ୱାଧୀନତା ପରଠୁ ପିଓକେକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଲାଗିରହିଛି। ବ୍ରିଟିଶ୍ ୱେଷ୍ଟମିନିଷ୍ଟର ବ୍ୟବସ୍ଥାର ଅନୁକରଣରେ ଆପଣାଯାଇଥିବା ଏକ ମଡେଲର ସରକାର ପିଓକେରେ ଚାଲିଛି। ଏହାର ରାଜଧାନୀ ହେଉଛି ମୁଜାଫରାବାଦ। ପିଓକେ ବିଧାନସଭା ଏହାର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ବାଛିଥାଏ। ପିଓକେର ସ୍ୱତନ୍ତ୍ର ସୁପ୍ରିମକୋର୍ଟ ମଧ୍ୟ ରହିଛି। ପାକିସ୍ତାନ ସରକାରର କଶ୍ମୀର ଏବଂ ଗିଲଗିଟ୍-ବାଲତିସ୍ତାନ ବ୍ୟାପାର ମନ୍ତ୍ରୀ ପିଓକେ ସରକାର ଓ ଇସ୍‌ଲାମାବାଦ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରନ୍ତି। ଏହି ସ୍ୱୟଂଶାସିତ ଭୂଖଣ୍ଡରୁ ପାକିସ୍ତାନ ପାର୍ଲାମେଣ୍ଟରେ କେହି ପ୍ରତିନିଧିତ୍ୱ କରନ୍ତି ନାହିଁ।

➥ଜମ୍ମୁ-କଶ୍ମୀର (ଦ୍ୱାଦଶ ସଂଶୋଧନ) ଆଇନ, ୧୯୮୮ ଅନୁସାରେ ଜମ୍ମୁ-କଶ୍ମୀର ବିଧାନସଭାର ମୋଟ ଆସନ ସଂଖ୍ୟା ୧୦୦ରୁ ୧୧୧କୁ ବୃଦ୍ଧି କରାଯାଇଥିଲା। ସେଥିରୁ ୨୪ ଆସନ ପିଓକେ ପାଇଁ ରଖାଯାଇଥିଲା। ଜମ୍ମୁ-କଶ୍ମୀରର ତତ୍କାଳୀନ ସମ୍ବିଧାନର ଧାରା ୪୮ ଏବଂ ଭାରତୀୟ ସମ୍ବିଧାନ ଅନୁସାରେ ଏହି ୨୪ ଆସନକୁ ଖାଲି ରଖାଯାଇଥିଲା। ଏପରି କି ବିଧାନସଭା ନିର୍ବାଚନ ବେଳେ ମଧ୍ୟ ଏହି ଆସନଗୁଡ଼ିକୁ ହିସାବକୁ ନିଆଯାଉ ନ ଥିଲା। ତେଣୁ ଆସନ ସଂଖ୍ୟା ୮୭ ରହିଥିଲା। ସେଥିରୁ କଶ୍ମୀରର ୪୬, ଜମ୍ମୁ ଅଞ୍ଚଳର ୩୭ ଓ ଲଦାଖ ପାଇଁ ୪ ଆସନ ଥିଲା।




➥୨୦୧୯ ଅଗଷ୍ଟ ୫ରେ କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଉଚ୍ଛେଦ କରି ଜମ୍ମୁ-କଶ୍ମୀର ଓ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ପ୍ରତିଷ୍ଠା କଲେ। ୨୦୨୦ ମାର୍ଚ୍ଚରେ ଗଠିତ ସୀମା ପୁନଃ ନିର୍ଦ୍ଧାରଣ କମିଶନ ଦାଖଲ କରିଥିବା ରିପୋର୍ଟ ଅନୁସାରେ ଜମ୍ମୁ ରିଜିଅନ୍ ପାଇଁ ଅତିରିକ୍ତ ୬ଟି ଏବଂ କଶ୍ମୀର ଉପତ୍ୟକା ଲାଗି ଆଉ ଗୋଟିଏ ନିର୍ବାଚନମଣ୍ଡଳୀ ପ୍ରତିଷ୍ଠା କରାଯାଇଛି। ସୀମା ପୁନଃ ନିର୍ଦ୍ଧାରଣ ପରେ ମୋଟ ଆସନ ସଂଖ୍ୟା ୧୧୪କୁ ବଢ଼ିଛି। ଜମ୍ମୁ ଡିଭିଜନ ଭାଗରେ ୪୩, କଶ୍ମୀର ଡିଭିଜନ ପାଇଁ ୪୭ ଆସନ ରଖାଯାଇଛି। ଅବଶିଷ୍ଟ ୨୪ ଆସନ ପିଓକେ ପାଇଁ ରହିଛି।

**୨୮.୧୦.୨୦୨୨**

ପିଓକେକୁ ଫେରାଇ ଆଣିବା ପାଇଁ ନୂଆଦିଲ୍ଲୀ ପ୍ରତିଶ୍ରୁତିବଦ୍ଧ। ସମସ୍ତ ଶରଣାର୍ଥୀ ସେମାନଙ୍କ ଭୂମି ଓ ଘର ଫେରିପାଇବେ। ପାକିସ୍ତାନ ଭାରତ ପିଠିରେ ଛୁରାମାଡ଼ କରି ନିଜ ଦଖଲରେ ରଖିଥିବା କଶ୍ମୀରବାସୀଙ୍କ ଉପରେ ଅତ୍ୟାଚାର କରୁଛି।



–ରାଜନାଥ ସିଂ, ଭାରତର ପ୍ରତିରକ୍ଷା ମନ୍ତ୍ରୀ

**୨୨.୧୧.୨୦୨୦**

ଯେତେଦୂର ପିଓକେ କଥା ଉଠୁଛି, ଭାରତ ସରକାରଙ୍କ ନିର୍ଦ୍ଦେଶ ମିଳିବା ମାତ୍ରେ ତାକୁ ଭାରତୀୟ ସେନା କାର୍ଯ୍ୟକାରୀ କରିବ। ଏଥିପାଇଁ ଆମେ ସର୍ବଦା ପ୍ରସ୍ତୁତ।



–ଲ୍ୟୁଟ୍‌ନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନର୍ଦ୍ଦର୍ନ ଆର୍ମି କମାଣ୍ଡର, ଭାରତୀୟ ସେନା

**୨୪.୧୧.୨୦୨୨**

ଆଜାଦ ଜମ୍ମୁ-କଶ୍ମୀର ଉପରେ ଭାରତୀୟ ସେନାର ଜଣେ ଉଚ୍ଚ ପାହ୍ୟା ଅଧିକାରୀଙ୍କ ଅବାଞ୍ଛିତ ମନ୍ତବ୍ୟ ଭ୍ରାନ୍ତିପୂର୍ଣ୍ଣ ମାନସିକତାର ଦୃଷ୍ଟାନ୍ତ। ଭାରତୀୟ ସେନାର ନାମକୁ ଆଭ୍ୟନ୍ତରୀଣ ରାଜନୀତିରେ ଖଟାଇ ଫାଇଦା ଉଠାଇବା ପାଇଁ ଏହା ଏକ ଉଦ୍ୟମ।

–ପାକିସ୍ତାନ ସେନାର ଟୁଇଟ୍

# ବିକ୍ରମ ଗୋଖ୍‌ଲେଙ୍କ ପରଲୋକ

ପୁଣେ,୨୬।୧୧(ପି.ଟି.)

ଚଳଚ୍ଚିତ୍ର, ଟେଲିଭିଜନର ବର୍ଷୀୟାନ ଅଭିନେତା ତଥା ମଞ୍ଚ କଳାକାର ବିକ୍ରମ ଗୋଖ୍‌ଲେଙ୍କର ବିଭିନ୍ନ ଅଙ୍ଗ ଅଚଳ ହୋଇଯିବାରୁ ଶନିବାର ପୁଣେସ୍ଥିତ ଏକ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ଦୁଇ ସପ୍ତାହ ତଳେ ସେ ଦୀନନାଥ ମଙ୍ଗେସ୍‌କର ହସ୍ପିଟାଲରେ ଭର୍ତ୍ତିହୋଇଥିଲେ। ୩ ଦିନ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବା ସହ ଔଷଧ କାମ କରୁ ନ ଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଥିଲା।



ଏପରିକି ତାଙ୍କର ମୃତ୍ୟୁ ଘଟିଥିବା କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଥିବା ଶୁକ୍ରବାର ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା। ଏକ କଳାକାର ପରିବାରରେ ଜନ୍ମିତ ଗୋଖଲେଙ୍କ ବାପା ଚନ୍ଦ୍ରକାନ୍ତ ଚଳଚ୍ଚିତ୍ର ଓ ଯାତ୍ରାଜଗତର ଜଣେ ଜଣାଶୁଣା ଅଭିନେତା ଥିଲେ। ତାଙ୍କ ଜେଜେମା' କମଳାବାଈ ଗୋଖଲେ ଭାରତୀୟ ଚଳଚ୍ଚିତ୍ର ଶିଳ୍ପର ପ୍ରଥମ ମହିଳା ଅଭିନେତ୍ରୀ ଥିଲେ। ବିକ୍ରମ ଅନେକ ବଲିଉଡ୍ ଏବଂ ମରାଠୀ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଗୋଖଲେଙ୍କ ପରଲୋକରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍, ବଲିଉଡ୍ ଅଭିନେତା ଅକ୍ଷୟ କୁମାର, ମନୋଜ ବାଜପାୟୀ, ରବିନା ଟଣ୍ଡନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# କକ୍ଷପଥରେ ଓସନସାଟ୍-୩

ଚେନ୍ନାଇ,୨୬।୧୧

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶନିବାର ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍ ଓସନସାଟ୍-୩ ସମେତ ଅନ୍ୟ ୮ଟି ଉପଗ୍ରହକୁ ସଫଳତାର ସହ ଦୁଇଟି କକ୍ଷପଥରେ ଅବସ୍ଥାପିତ କରିଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚପ୍ୟାଡ୍‌ରୁ ପୂର୍ବାହ୍ନ ୧୧ଟା ୫୬ରେ ପିଏସ୍ଏଲ୍‌ଭି-ସି୫୪ ଉପଗ୍ରହମାନଙ୍କୁ ନେଇ ମହାକାଶକୁ ଯାଇଥିଲା। ଏହା ଏକ ସ୍ୱତନ୍ତ୍ର ମିଶନ ଥିଲା ବୋଲି ବୈଜ୍ଞାନିକମାନେ କହିଛନ୍ତି, କାରଣ ସାଟେଲାଇଟ୍‌ଗୁଡ଼ିକୁ ଭିନ୍ନ ଭିନ୍ନ ଉଚ୍ଚତାରେ ବିଭିନ୍ନ କକ୍ଷପଥରେ



ଅବସ୍ଥାପିତ କରିବା ଲାଗି ଏକାଧିକ ଥର ଦକ୍ଷତାର ସହ ସଞ୍ଚାଳନ କରିବାକୁ ପଡ଼ିଥିଲା। ଇସ୍ରୋର ଏହା ଦୀର୍ଘତମ ମିଶନ ବୋଲି କୁହାଯାଉଛି।

### ଜିନ୍‌ପିଙ୍ଗ୍‌ଙ୍କ ଜିରୋ-କୋଭିଡ୍ ନୀତି ବିରୋଧରେ ଗଣବିକ୍ଷୋଭ

ବେଜିଂ,୨୬।୧୧

ଆଂଶିକ ଲକ୍‌ଡାଉନ୍ ଥିବା ଏକ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟି ୧୦ ଜଣଙ୍କ ଜୀବନ ଯିବା ପରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଜିରୋ-କୋଭିଡ୍ ନୀତି ବିରୋଧରେ ଜିନ୍‌ଜିଆଙ୍ଗ ପ୍ରଦେଶରେ ଆନ୍ଦୋଳନ ବ୍ୟାପକ ରୂପ ଧାରଣ କରିଛି। କୋଭିଡ୍ କଟକଣା ଯୋଗୁ ଆପାର୍ଟମେଣ୍ଟରେ ନିଆଁ ଲିଭାଇବା ପ୍ରଭାବିତ ହେଲା ବୋଲି ଅନେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏହାର ପ୍ରତିବାଦରେ ଜିନ୍‌ଜିଆଙ୍ଗ ରାଜଧାନୀ ଉରୁମ୍‌କି ରାସ୍ତାରେ ହଜାର ହଜାର ଲୋକ ଶୋଭାଯାତ୍ରାରେ ବାହାରିଥିବାର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେଉଛି। 'ଲକ୍‌ଡାଉନ୍ ଉଠାଯାଉ' ବୋଲି ସେମାନେ ସ୍ଲୋଗାନ ଦେଉଛନ୍ତି। ଜିନ୍‌ଜିଆଙ୍ଗ ଅଞ୍ଚଳକୁ ଦୀର୍ଘଦିନ ହେଲା ଲକ୍‌ଡାଉନରେ ରଖାଯାଇଥିବାରୁ ଉରୁମ୍‌କିର ୪୦ ଲକ୍ଷ ଲୋକ ୧୦୦ ଦିନ ହେଲା ଘରୁ ବାହାରିପାରି ନାହାନ୍ତି। ବିଭିନ୍ନ ସହରରେ କଠୋର ଲକ୍‌ଡାଉନ ଯୋଗୁ ଉତ୍ତେଜନା ବୃଦ୍ଧି ପାଇଛି। ଏବେ ଦୈନିକ ସଂକ୍ରମଣ ୩୫ ହଜାର ଟପିଥିବାରୁ ଜିରୋ-କୋଭିଡ୍ ନୀତି ବିଫଳ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି।

# ହିନ୍ଦୀକୁ ବିରୋଧକରି ବୃଦ୍ଧଙ୍କ ଆତ୍ମାହୁତି

ସାଲେମ,୨୬।୧୧

- ତାମିଲନାଡୁରେ ଉତ୍ତେଜନା
- ଦିଲ୍ଲୀରେ ବିକ୍ଷୋଭ କରିବ ଡିଏମ୍‌କେ: ଉଦୟନିଧି

ତାମିଲନାଡୁରେ ହିନ୍ଦୀ ଭାଷାକୁ ଜବରଦସ୍ତ ଲଦିଦେବା ଲାଗି କେନ୍ଦ୍ର ସରକାରଙ୍କ ଉଦ୍ୟମକୁ ବିରୋଧ କରି ସାଲେମ ଜିଲାର ଜଣେ ୮୫ ବର୍ଷୀୟ ବ୍ୟକ୍ତି ଆତ୍ମାହୁତି ଦେଇଛନ୍ତି। ମୃତକ ଜଣକ ମେଟ୍ଟୁର ନିକଟ ଥାଲାଇୟୁର ଗ୍ରାମର ଥାଙ୍ଗାଭେଲ୍। ସେ ପୂର୍ବରୁ ଡିଏମ୍‌କେ କୃଷକ ମୋର୍ଚ୍ଚାର କେନ୍ଦ୍ରୀୟ ସଂଗଠକ ଭାବେ କାର୍ଯ୍ୟ କରୁଥିଲେ। କିଛିବର୍ଷ ହେଲା ସେ ସକ୍ରିୟ ରାଜନୀତିରୁ ଓହରିଯାଇଥିଲେ। ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଥାଙ୍ଗାଭେଲ୍ ଥାଲାଇୟୁରସ୍ଥିତ ଡିଏମ୍‌କେ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେ ପାର୍ଟି ଅଫିସ୍ ଆଗରେ ଏକ ବ୍ୟାନର ଲଗାଇଥିଲେ, ଯେଉଁଥିରେ ଲେଖାଥିଲା ତାମିଲ ଭାଷାଭାଷୀ ରାଜ୍ୟରେ ନରେନ୍ଦ୍ର ମୋଦି ସରକାର ହିନ୍ଦୀ ଭାଷାକୁ ଜବରଦସ୍ତ ଲଦିଦେବା ଉଚିତ ନୁହେଁ। ହିନ୍ଦୀରେ ପଢ଼ିବା ଦ୍ୱାରା ରାଜ୍ୟର ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରଭାବିତ ହେବ। ହିନ୍ଦୀରୁ ଆମକୁ ମୁକ୍ତି ଦିଅ ବୋଲି ସେଥିରେ ୩ ଥର ଲେଖାଯାଇଥିଲା। ଏହା ପରେ



ଥାଙ୍ଗାଭେଲ୍

ସେ ଦେହରେ କିରୋସିନ୍ ଢାଳି ନିଆଁ ଲଗାଇଦେଇଥିଲେ ଓ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାମିଲନାଡୁ ଶ୍ରମ କଲ୍ୟାଣ ମନ୍ତ୍ରୀ ସି.ଭି. ଗଣେଶନ ଓ ଅନ୍ୟ ଦଳୀୟ ନେତାମାନେ ଘଟଣାସ୍ଥଳରେ ପହଞ୍ଚି ଥାଙ୍ଗାଭେଲ୍‌ଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ପୂର୍ବତନ ଡିଏମ୍‌କେ ନେତାଙ୍କ ଆତ୍ମଦାହ ପରେ ତାମିଲନାଡୁରେ ହିନ୍ଦୀକୁ ବିରୋଧ ଜୋର୍ ଧରିଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିରୋଧରେ ଦଳ ପକ୍ଷରୁ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ତଥା ଡିଏମ୍‌କେ ଯୁବ ଶାଖାର ସମ୍ପାଦକ ଉଦୟନିଧି ଷ୍ଟାଲିନ୍ ଚେତାବନୀ ଦେଇଛନ୍ତି। ହିନ୍ଦୀକୁ ବିରୋଧ କରି ତାମିଲନାଡୁରେ ଗତ କିଛିମାସ ହେଲା ବ୍ୟାପକ ଆନ୍ଦୋଳନ ଜାରି ରହିଛି। କେନ୍ଦ୍ର ସରକାର ଯଦି ତାମିଲମାନଙ୍କ ଭାବାବେଗକୁ ଅଣଦେଖା କରନ୍ତି, ତେବେ ନୀରବ ବସିବେ ନାହିଁ ବୋଲି ଡିଏମ୍‌କେ କହିଛି। ହିନ୍ଦୀ ଭାଷାଭାଷୀ ରାଜ୍ୟରେ ଆଇଆଇଟି ଓ ଅନ୍ୟ ଉଚ୍ଚତର ବୈଷୟିକ ଓ ଅଣବୈଷୟିକ ଶିକ୍ଷାନୁଷ୍ଠାନରେ ହିନ୍ଦୀକୁ ପାଠପଢ଼ାର ମାଧ୍ୟମ କରିବାକୁ ଏବଂ ଅନ୍ୟ ରାଜ୍ୟଗୁଡ଼ିକରେ ସ୍ଥାନୀୟ ଭାଷାରେ ପଢ଼ାଇବା ଲାଗି ସଂସଦୀୟ କମିଟି ସୁପାରିସ କରିବା ପରେ ଆନ୍ଦୋଳନ ଜୋର୍ ଧରିଛି।



ଭାରତ ଯୋଡ଼ୋଯାତ୍ରା ଅବସରରେ ଶନିବାର ମଧ୍ୟପ୍ରଦେଶର ଖଣ୍ଡୱା ଜିଲାରେ ସମର୍ଥକଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ଭାଜପା ମୁସଲମାନ ବିରୋଧୀ: ଓ୍ବାଇସି

## ୨୦୦୨ରେ ହିଂସା ସୃଷ୍ଟିକାରୀଙ୍କୁ ଶିକ୍ଷା ଦେଇଥିଲା ଭାଜପା: ଶାହା

ନୂଆଦିଲ୍ଲୀ,୨୬।୧୧

ହିଂସା ଅପରାଧୀଙ୍କୁ ୨୦୦୨ରେ ଭାଜପା ଶିକ୍ଷା ଦେଇଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦେଇଥିବା ମନ୍ତବ୍ୟକୁ ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ବାଇସି ନିନ୍ଦା କରିଛନ୍ତି। ଶାହା କ୍ଷମତା ନିଶାରେ ଚୂର୍ ହୋଇଯାଇଥିବା ଓ୍ବାଇସି କହିଛନ୍ତି। ଖେଡ଼ା ଜିଲାର ମହୁଧାରେ ଏକ ରାଲିକୁ ସମ୍ବୋଧନ କରି ଶାହା କହିଥିଲେ, ପୂର୍ବରୁ କଂଗ୍ରେସ ଶାସନରେ ଅନେକ ସମୟରେ ଦଙ୍ଗା ହେଉଥିଲା। ୨୦୦୨ରେ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ ଶେଷ ଥର ପାଇଁ କେତେଜଣ ଅସାମାଜିକ ତତ୍ତ୍ୱ ଦଙ୍ଗା ସୃଷ୍ଟି ଉଦ୍ୟମ କରିଥିଲେ। ଗୁଜରାଟରେ ସେମାନଙ୍କୁ ଶିକ୍ଷା ଦିଆଯାଇଥିଲା। ସେହିବର୍ଷ ଗୋଧ୍ରା ରେଳଷ୍ଟେଶନରେ ସାବରମତି ଏକ୍ସପ୍ରେସ୍‌ରେ ନିଆଁ ଲଗାଇଦିଆଯିବାରୁ ୫୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଦଙ୍ଗା ବ୍ୟାପକ ରୂପ ଧାରଣ କରିଥିଲା। ଭାଜପା ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ରାଜ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହୋଇପାରିଛି ବୋଲି ଶାହା କହିଥିଲେ। ଜୁହାପୁରାରେ ଏଆଇଏମ୍ଆଇଏମ୍ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଅବସରରେ ଓ୍ବାଇସି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଶିକ୍ଷା ମନ୍ତବ୍ୟକୁ ନେଇ ପ୍ରଶ୍ନ କରିଛନ୍ତି। ନରୋଦା ପଟିୟା, ଗୁଲବର୍ଗା, ବକେରୀ ନା ବିଲ୍‌କିସ୍ ବାନୋ– କେଉଁଥିରୁ ଶିକ୍ଷା ମିଳିଛି ବୋଲି ଓ୍ବାଇସି ପଚାରିଛନ୍ତି। କ୍ଷମତା କାହା ହାତରେ ସବୁଦିନ ରହେନାହିଁ। କ୍ଷମତା ନିଶାରେ ଶାହା ଅସଲ କଥାକୁ ଭୁଲିଯାଇଛନ୍ତି। ୨୦୦୨ରେ ଭାଜପା ଶିକ୍ଷା ଦେଇ ନ ଥିଲା, ବରଂ ସାରା ଦେଶର ମର୍ଯ୍ୟାଦା ହାନି କରିଥିଲା। ସେମାନଙ୍କ ପାଇଁ ଦିଲ୍ଲୀରେ ଦଙ୍ଗା ହୋଇଥିଲା। ସମାନ ନାଗରିକ ସଂହିତା ଏବଂ ମେହରୁଲି ହତ୍ୟା ମାମଲା ଉଠାଇ ଭାଜପା ମୁସଲମାନ ବିରୋଧୀ ମାନସିକତା ସୃଷ୍ଟି କରୁଛି ବୋଲି ସେ କହିଛନ୍ତି।

# ୨୦ ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି

## ଗୁଜରାଟ ନିର୍ବାଚନ ଲାଗି ଭାଜପାର ଇସ୍ତାହାର

ଅହମଦାବାଦ,୨୬।୧୧

ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ଭାଜପା ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛି। ୨୦୩୬ରେ ରାଜ୍ୟରେ ଅଲିମ୍ପିକ ଗେମ୍ସ ଆୟୋଜନ ଲାଗି 'ଗୁଜରାଟ ଅଲିମ୍ପିକ୍ସ ମିଶନ' ଆରମ୍ଭ କରିବା ସହ ୨୦ ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି ଦେଇଛି ଶାସକ ଦଳ। ଶନିବାର ଗାନ୍ଧୀନଗରଠାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପିନ୍ଦ୍ର ପଟେଲ ଏବଂ ରାଜ୍ୟ ଭାଜପା ସଭାପତି ସି.ଆର୍. ପାଟିଲ ଇସ୍ତାହାର ଉନ୍ମୋଚନ କରିଥିଲେ।

# ସବୁ ପ୍ରାର୍ଥୀଙ୍କ ମୁହଁରେ ବିକାଶ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୬।୧୧

## ପଦ୍ମପୁର ଉପନିର୍ବାଚନ

- ସବୁଦଳ ଚଳାଇଛନ୍ତି ଚିରାଚରିତ ପ୍ରଚାର
- ବିଶ୍ୱାସକୁ ନେଇ ପାରୁନାହାନ୍ତି ଭୋଟର
- ଭୋଟରଙ୍କ ପାଇଁ ପ୍ରତିଶ୍ରୁତି ପାଣିର ଗାର



ପଦ୍ମପୁର ଉପନିର୍ବାଚନରେ ୩ ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡି ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ଦଳର ହେଭିଓ୍ବେଟ୍ ନେତାମାନେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ଗସ୍ତ କରି ଭୋଟରଙ୍କୁ ଭେଟୁଛନ୍ତି। ସମସ୍ତ ନେତାଙ୍କ ମୁହଁରେ ଏବେ ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିକାଶ କଥା। ଏହି ନିର୍ବାଚନ ମଣ୍ଡଳୀବାସୀ ସବୁଦଳକୁ ଏଠାରେ ଶାସନର ସୁଯୋଗ ଦେଇଛନ୍ତି। କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ଉକ୍ତ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଅଟନ୍ତି। ସେହିପରି ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏଠାରୁ ୨୦୧୪ରେ ନିର୍ବାଚିତ ହୋଇଥିଲେ। ବିଜେଡ଼ି ପ୍ରାର୍ଥିନୀ ବର୍ଷା ସିଂ ବରିହା ନବାଗତା ହେଲେ ମଧ୍ୟ ଏହି ନିର୍ବାଚନ ମଣ୍ଡଳୀ ତାଙ୍କ ବାପା ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ଗଡ଼ ଥିଲା। କଂଗ୍ରେସ, ବିଜେଡ଼ି, ଭାଜପାକୁ ନିର୍ବାଚନ ମଣ୍ଡଳୀବାସୀ ସୁଯୋଗ ଦେଇଥିଲେ ସୁଦ୍ଧା ଉକ୍ତ ନିର୍ବାଚନ ମଣ୍ଡଳୀର ସମସ୍ୟା ଆଜିଯାଏ ଅସମାହିତ ହୋଇ ରହିଛି।

ଦାଦନ କିମ୍ବା ଜଳସେଚନ କଥା ଉଠିଲେ ଜିଲାରେ ପ୍ରଥମେ ପଦ୍ମପୁର ଉପଖଣ୍ଡ ଆସିବ। ଏହି ନିର୍ବାଚନ ମଣ୍ଡଳୀରୁ ହିଁ ଜିଲାର ସର୍ବାଧିକ ଶ୍ରମିକ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି । ଜିଲାର ହୀରାକୁଦ ଅଣଜଳସେଚିତ କହିଲେ ପଦ୍ମପୁର ଉପଖଣ୍ଡକୁ ବୁଝାଯାଏ। କିନ୍ତୁ ଉକ୍ତ ୩ପ୍ରମୁଖ ଦଳ ଏହି ନିର୍ବାଚନ ମଣ୍ଡଳୀରେ ଶାସନ କରିଥିଲେ ସୁଦ୍ଧା ଦାଦନ, ଜଳସେଚନ ଭଳି ବଡ଼ ସମସ୍ୟାର ସମାଧାନ କରିବାରେ କେହି ସକ୍ଷମ ହୋଇନାହାନ୍ତି। ବରଗଡ଼ ଭାୟା ପଦ୍ମପୁର ଦେଇ ନୂଆପଡ଼ାକୁ ରେଳପଥ, ପଦ୍ମପୁର ଜିଲା ଗଠନ, କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ରାଶି ଏବଂ ଇନପୁଟ୍ ସହାୟତା ରାଶି ଅଞ୍ଚଳବାସୀଙ୍କ ପ୍ରମୁଖ ଦାବି ରହିଛି। କିନ୍ତୁ ଏହା ମଧ୍ୟ ନୂଆ ନୁହେଁ। ବରଗଡ଼ ଭାୟା ପଦ୍ମପୁର ଦେଇ ନୂଆପଡ଼ାକୁ ରେଳପଥ ଯେଭଳି ଅଞ୍ଚଳବାସୀଙ୍କ ଦଶନ୍ଧିର ଦାବି ଥିଲା, ଜଳସେଚନ ଏବଂ ଦାଦନ ସମସ୍ୟା ମଧ୍ୟ ଦୀର୍ଘଦିନର ଦାବି । କିନ୍ତୁ ଭାଜପା, ବିଜେଡ଼ି ଏବଂ କଂଗ୍ରେସକୁ ଏହି ନିର୍ବାଚନ ମଣ୍ଡଳୀରେ ଶାସନର ସୁଯୋଗ ମିଳିଥିଲେ ସୁଦ୍ଧା ଉକ୍ତ ସମସ୍ୟା ସମସ୍ୟାରେ ରହିଯାଇଛି ।

କଂଗ୍ରେସ ଜିଲା ସଭାପତି ନିହାର ରଞ୍ଜନ ମହାନନ୍ଦ କହିଛନ୍ତି, ଦାଦନ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍, ନିଯୁକ୍ତିକୁ ନେଇ ଦଳ ଭୋଟରଙ୍କ ପାଖକୁ ଯାଉଛି। କେନ୍ଦ୍ରର ଭାଜପା ସରକାର ୨କୋଟି ଏବଂ ରାଜ୍ୟର ବିଜେଡ଼ି ସରକାର ୨ଲକ୍ଷ ନିଯୁକ୍ତି ଦେବ ବୋଲି ପୂର୍ବ ନିର୍ବାଚନରେ ଘୋଷଣା କରିଥିଲେ ସୁଦ୍ଧା ତାହା ଫମ୍ପା ଆଓ୍ବାଜ ପାଲଟିଥିବା ସେ କହିଛନ୍ତି। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି, ଦାଦନ, ଜଳସେଚନ, ପାନୀୟଜଳ ଭଳି ଅନେକ ସମସ୍ୟା ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ରହିଛି। ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ବିଜୟୀ ହେଲେ ସେ ଉକ୍ତ ସମସ୍ୟାର ସମାଧାନ ପାଇଁ ବିଧାନସଭାରେ ସ୍ୱର ଉଠାଇବେ ବୋଲି ଷଡ଼ଙ୍ଗୀ କହିଛନ୍ତି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଏବଂ ବିକାଶଧାରାକୁ ନେଇ ବିଜେଡ଼ି ଭୋଟରଙ୍କ ପାଖରେ ପହଞ୍ଚୁଛି। ଜଳସେଚନ, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସାମଗ୍ରିକ ବିକାଶ ପ୍ରସଙ୍ଗ ରହିଛି। ପ୍ରଧାନମନ୍ତ୍ରୀ ଫସଲବୀମା ନେଇ କେନ୍ଦ୍ରର ଭାଜପା ସରକାର କୁମ୍ଭୀର କାନ୍ଦଣା କାନ୍ଦୁଥିବାବେଳେ ବରଗଡ଼ ଭାୟା ପଦ୍ମପୁର ଦେଇ ନୂଆପଡ଼ା ରେଳପଥକୁ ନେଇ ଭୁଆଁ ବୁଲାଉଛି ବୋଲି ସେ କହିଥିଲେ। ପଦ୍ମପୁର ନିର୍ବାଚନ ମଣ୍ଡଳୀର ଲୋକେ ୩ ପ୍ରମୁଖ ଦଳର ମନ୍ତବ୍ୟକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି । ଉକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଇକମାଳ ବ୍ଲକ ରସମୁଣ୍ଡା ଗ୍ରାମର ଉମାକାନ୍ତ ଶତପଥି କହିଛନ୍ତି, ସବୁଦଳ ସବୁ ନିର୍ବାଚନରେ ପ୍ରତିଶ୍ରୁତି ଦେଇଆସୁଛନ୍ତି। ଏହା ବିଶ୍ୱାସଯୋଗ୍ୟ ନୁହେଁ। ଚାଷୀଙ୍କୁ ଯଦି ଠକୁଛନ୍ତି, ଅନ୍ୟମାନଙ୍କୁ କଣ କରୁଥିବେ ବୋଲି ସେ କହିଥିଲେ। ପାଇକମାଳର ଅନ୍ୟ ଜଣେ ଭୋଟର ସନ୍ତୋଷ ପାଣିଗ୍ରାହୀ କହିଛନ୍ତି, ନିର୍ବାଚନବେଳେ ସବୁଦଳ ଏଭଳି ପ୍ରତିଶ୍ରୁତି ଦେଇଥାନ୍ତି। ଆମେ ବିଶ୍ୱାସ ମଧ୍ୟ କରିଥାଉ। କିନ୍ତୁ ନିର୍ବାଚନ ପରେ ସେମାନେ ଭୁଲି ଯାଇଥାନ୍ତି। ଆମେ ସବୁକଥାକୁ ସହୁଛୁ। ହେଲେ ପରବର୍ତ୍ତୀ ନିର୍ବାଚନରେ ପୁଣି ଭୋଟ୍ ଦେଉଛୁ । ଝାରବନ୍ଧ ବ୍ଲକ କୋଟନାର ଭୋପାଳ ଚନ୍ଦ୍ର ସାହୁ କହିଛନ୍ତି, ଯେଉଁମାନେ ଅଞ୍ଚଳର ଉନ୍ନତି କରିବେ ବୋଲି ଅନୁଭବ କରୁଛୁ, ତାଙ୍କ ସପକ୍ଷରେ ଭୋଟ୍ ଦେବୁ। ପ୍ରଚାର ପାଇଁ ନେତା, ମନ୍ତ୍ରୀ ତ ଅନେକ ଆସୁଛନ୍ତି। ବହୁତ ଉନ୍ନତି କରିବୁ ବୋଲି କହୁଛନ୍ତି । ହେଲେ ସବୁଦିନ ଆମେ ଏହା ଶୁଣି ଆସୁଛୁ।

# ଆଜି ପ୍ରଚାର କରିବେ କେନ୍ଦ୍ର କୃଷି, ରେଳମନ୍ତ୍ରୀ

ପଦ୍ମପୁର,୨୬।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ରବିବାର ପଦ୍ମପୁର ଗସ୍ତ କରୁଛନ୍ତି। ସେମାନେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ପ୍ରଚାର କରିବେ। ଉଭୟ ମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ପାଇକମାଳ ଏବଂ ଦିବା ୧୨ଟା ୩୦ ମିନିଟ୍‌ରେ ପଦ୍ମପୁର ଅଶୋକ ପଡିଆଠାରେ ଏକ ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# କଂଗ୍ରେସ ଏକମାତ୍ର ବିକଳ୍ପ : ଶରତ




କଂଗ୍ରେସର ନିର୍ବାଚନୀ ଏଜେଣ୍ଡାକୁ ପ୍ରଦର୍ଶନ କରାଯାଉଛି।

ପଦ୍ମପୁର,୨୬।୧୧(ଡି.ଏନ.ଏ.)

ରାଜ୍ୟରେ ୨୨ ବର୍ଷ ହେଲା ବିଜୁ ଜନତା ଦଳ ସରକାର ଶାସନ କରୁଛି। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଭାଜପା ଓ ବିଜେଡି ମିଳିତ ଭାବେ କ୍ଷମତାରେ ରହିଲେ। ମାତ୍ର ପଦ୍ମପୁରର ବିକାଶ କେହି କଲେନାହିଁ। ବର୍ତ୍ତମାନ ନିର୍ବାଚନ ଥିବାରୁ ସେମାନେ ବିକାଶର କଥା କହୁଛନ୍ତି। ଏଣୁ ଏହି ଉପନିର୍ବାଚନରେ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ଦଳ ବୋଲି ଶନିବାର ପଦ୍ମପୁରର ଏକ କଲ୍ୟାଣ ମଣ୍ଡପରେ ପିସିସି ସଭାପତି ଶରତ ପଟ୍ଟନାୟକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି କହିଛନ୍ତି। ଏହି ଉପନିର୍ବାଚନରେ ସତ୍ୟର ଜୟ ହେବ ଏବଂ ପଦ୍ମପୁର ନିର୍ବାଚନ ମଣ୍ଡଳୀର ଭୋଟର କଂଗ୍ରେସ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବେ ବୋଲି ପଟ୍ଟନାୟକ କହିଥିଲେ। ଏହାସହ ବିଧାୟକ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ଜାରି କରିଥିବା ୧୩ ସୂତ୍ରୀ ନିର୍ବାଚନ ପ୍ରତିଶ୍ରୁତି ସମ୍ପର୍କରେ ସେ ସୂଚନା ଦେଇଥିଲେ। ପଦ୍ମପୁରକୁ ଜିଲା ମାନ୍ୟତା ଦାବି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୬୦୦ ଟଙ୍କା ସହିତ ବୀମାରାଶି ପ୍ରଦାନ ପାଇଁ ପ୍ରଚେଷ୍ଟା ଜାରି ରହିବ। ଅଙ୍ଗ ନଦୀରେ ବ୍ୟାରେଜ, ବରଗଡ଼–ନୂଆପଡା ରେଳ ଲାଇନ ଭାୟା ପଦ୍ମପୁର ପାଇଁ ଦାବି ଜୋର କରାଯିବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନ୍‌ଗୋ, ଗଣେଶ୍ୱର ବେହେରା, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ବନ୍ଦୀତା ପରିଡା, ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ, ଡାକ୍ତର ଯୁଧିଷ୍ଠିର ଜେନା, ବରିଷ୍ଠ କଂଗ୍ରେସ ନେତା ଯଜ୍ଞେଶ୍ୱର ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୌସୁମୀ ସାହୁଙ୍କୁ କଂଗ୍ରେସର ଟାଉନ ସଭାନେତ୍ରୀ ଭାବେ ଘୋଷଣା କରାଯାଇଥିଲା ।

## ଫୁର୍‌ସତ୍

# ପାଣିରେ ମିଶିବା ପରେ ବହୁଗୁଣା ହୋଇଯିବେ ବ୍ୟାକ୍ଟେରିଆ



### ଜଳବାୟୁ ପରିବର୍ତ୍ତନ ପ୍ରଭାବ

**ଲଣ୍ଡନ:** ବିଶ୍ୱବାସୀଙ୍କ ପାଇଁ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ଆହ୍ୱାନ ପାଲଟିଛି। ଏହା ପ୍ରଭାବରେ ବୈଶ୍ୱିକ ତାପମାତ୍ରା ମଧ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଫଳରେ ହିମବାହ, ବରଫ ଚାଦର ତରଳିବା ଆରମ୍ଭ କରିଛନ୍ତି। ସମୁଦ୍ର ଓ ନଦୀର ଜଳସ୍ତରରେ ବୃଦ୍ଧି ଘଟିବା ସାଙ୍ଗକୁ ଜଳରେ ବ୍ୟାକ୍ଟେରିଆର ପରିମାଣ ବୃଦ୍ଧି ପାଇବ ବୋଲି ବ୍ରିଟେନ୍‌ର ଆବରିଷ୍ଟୱିଥ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି। ବରଫ ତରଳିବା ଦ୍ୱାରା ଏଥିରେ ରହୁଥିବା ବ୍ୟାକ୍ଟେରିଆ ସବୁ ପାଣିରେ ମିଶିବେ। ବରଫ ତୁଳନାରେ ଜଳର ତାପମାତ୍ରା ଅଧିକ ହୋଇଥିବା ଯୋଗୁ ଏହି ବ୍ୟାକ୍ଟେରିଆ ସବୁ ବହୁଗୁଣା ହୋଇଯିବେ।

ୟୁରୋପ, ନର୍ଥ ଆମେରିକା ଏବଂ ଗ୍ରୀନଲାଣ୍ଡର ପାଖାପାଖି ୧୦ଟି ହିମବାହକୁ ନେଇ ବିଶେଷଜ୍ଞଙ୍କ ପକ୍ଷରୁ ଏହି ଅଧ୍ୟୟନ କରାଯାଇଛି। ଆଗାମୀ ୮୦ ବର୍ଷ ପରେ ବିଶ୍ୱରେ ଜୀବାଣୁଙ୍କ ସଂଖ୍ୟା ୧୦,୦୦୦,୦୦୦ ଟନ୍‌ରେ ପହଞ୍ଚିବ। ବର୍ତ୍ତମାନ ସମୟରେ ବୃଦ୍ଧି ପାଉଥିବା ବୈଶ୍ୱିକ ତାପମାତ୍ରାକୁ ଅନୁଧ୍ୟାନ କଲେ୨୧୦୦ ବେଳକୁ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ଘଟିବ।

# ଫିଲ୍ମ ପାଇଁ ଓ୍ବେଟ୍ ଲସ୍

ମୁମ୍ବାଇ

ବଲିଉଡ୍‌ରେ ଆକ୍ସନ୍, ଡ୍ରାମା ଫିଲ୍ମ ଅପେକ୍ଷା ଅଧିକ ସଂଖ୍ୟାରେ ବାୟୋପିକ୍ ତିଆରି ହେବାରେ ଲାଗିଛି। ନିକଟରେ ହିନ୍ଦୀ ଫିଲ୍ମ ନିର୍ଦ୍ଦେଶକ ମହେଶ ମାଞ୍ଜେରକରଙ୍କ ନିର୍ଦ୍ଦେଶନାରେ ତିଆରି ହୋଇଥିବା ସ୍ୱତନ୍ତ୍ର ବୀର ସାବରକରରେ ମୁଖ୍ୟ ଭୂମିକାରେ ରଣଦୀପ୍ ହୁଡା ଅଭିନୟ କରିଛନ୍ତି। ତେବେ ଏହି ଫିଲ୍ମରେ ଅଭିନୟ କରିବା ପାଇଁ ତାଙ୍କୁ ୧୮ କିଲୋଗ୍ରାମ ଓଜନ କମାଇବାକୁ ପଡ଼ିଛି। ମେ ୨୩ରେ ସାବରକରଙ୍କ ଜନ୍ମଦିନ ଅବସରରେ ରଣଦୀପ୍ ଫିଲ୍ମର ଫାଷ୍ଟ ଲୁକ୍ ରିଲିଜ୍ କରିଥିଲେ। ବହୁଦିନ ଧରି ରଣଦୀପ୍ ଶରୀରର ଓଜନ କମାଇ ଆସୁଥିବା ଏକ ସାକ୍ଷାତକାରରେ କହିଛନ୍ତି। ତେବେ ଫିଲ୍ମ ପାଇଁ ତାଙ୍କୁ ଏପରି କରିବାକୁ ପଡୁଥିବା ସେ ପ୍ରକାଶ କରିଛନ୍ତି। ୨୦୧୬ରେ ମୁକ୍ତିଲାଭ କରିଥିବା ହିନ୍ଦୀ ଫିଲ୍ମ 'ସରବଜିତ'ରେ ରଣଦୀପ୍ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ତାଙ୍କୁ ନିଜ ଶରୀରର ୨୦ କିଲୋଗ୍ରାମ ଓଜନ କମାଇବାକୁ ପଡ଼ିଥିଲା।



ରଣଦୀପ ହୁଡା

# ସଚେତନତା ପାଇଁ ଫଟୋ ଶୁଟ୍



**କାନ୍‌ବେରା:** ପ୍ରଚଳିତ ପୁରାତନ ପ୍ରଥ ହେଉ ଅବା ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ସାମୂହିକ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ସିଡ୍‌ନୀର ବୋଣ୍ଡି ବିଚ୍‌ରେ ପାଖାପାଖି ୨୫୦୦ ଜଣ ଲୋକ ଏକାଠି ହୋଇ ଫଟୋ ଶୁଟ୍ କରିଛନ୍ତି। ତେବେ ଏହି ଗଣ ଫଟୋ ଶୁଟ୍ ପଛର କାରଣ ହେଉଛି ଚର୍ମ କର୍କଟ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା। ନିଆରା ଢଙ୍ଗରେ କରାଯାଇଥିବା ଏହି ସଚେତନତାମୂଳକ ଫଟୋ ଶୁଟ୍ ପାଇଁ ହଜାରେରୁ ଅଧିକ ଲୋକ ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ଏହି ଶୁଟ୍ କରିଥିଲେ। ଆମେରିକାର ଫଟୋଗ୍ରାଫିକ୍ ଆର୍ଟିଷ୍ଟ ସ୍ପେନ୍‌ସର ଟୁନିକ୍ ଏହି ଫଟୋ ଉତ୍ତୋଳନ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଲୋକମାନେ ବିଭିନ୍ନ ପୋଜ୍ ଦେଇଥିଲେ। ନ୍ୟୁୟର୍କର ଏକ ଚ୍ୟାରିଟି ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅଷ୍ଟ୍ରେଲିଆର ଅଧିକାଂଶ ଲୋକ କ୍ୟାନ୍‌ସରରେ ଆକ୍ରାନ୍ତ । ସରକାରଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଚଳିତ ବର୍ଷ ୧୭,୭୫୬ ଜଣ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ପାଖାପାଖି ୧,୨୮୧ଙ୍କ ମୃତ୍ୟୁର କାରଣ ପାଲଟିଛି କ୍ୟାନ୍‌ସର। ଶେଷଥର ପାଇଁ ଟୁନିକ ୨୦୧୦ରେ ସିଡ୍‌ନୀରେ ଏକ ସାମୂହିକ ଫଟୋ ଶୁଟ୍ କରିଥିଲେ, ଯେଉଁଥିରେ ୫,୨୦୦ ଲୋକ ସାମିଲ ହୋଇଥିଲେ।

**ସୋନିର ନୂତନ ଉତ୍ପାଦ ଉନ୍ମୋଚିତ**

ନୂଆଦିଲ୍ଲୀ: ସୋନି ଇଣ୍ଡିଆର ନୂତନ ଉତ୍ପାଦର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସୋନିର ଅଡିଓ କାଟାଗୋରି ଡବ୍ଲ୍ୟୁଏଫ୍-ଏଲ୍ଏସ୍୯୦୦ଏନ୍‌ର ବଜାର ପ୍ରବେଶ ହୋଇଯାଇଛି। ଏହି ଅତ୍ୟାଧୁନିକ ମଡେଲ ନଏଜ୍ କ୍ୟାନ୍ସଲ୍ ସୁବିଧା ସହ ନେଭର ଅଫ୍ ଅଭିଜ୍ଞତାକୁ ବଜାୟ ରଖି ସୋନିର ସେନ୍ସିଂ ଟେକ୍ନୋଲୋଜିର ଏକ ନୂତନ ଅନୁଭୂତି ପ୍ରଦାନ କରିଛି। ଡବ୍ଲ୍ୟୁଏଫ୍-ଏଲ୍ଏସ୍୯୦୦ଏନ୍ ଦିନ ସାରା ଏକ ନୂତନ ଅନୁଭୂତି ଦେଇଥାଏ।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦି
ପରିବାରବର୍ଗ


ଆଦିଦେବ
ପରିବାରବର୍ଗ


ଟିକୁ
ପରିବାରବର୍ଗ


ଇସ୍ମିତା
ପରିବାରବର୍ଗ


ଜିଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ଘର ମଣିଷର ସର୍ବନିମ୍ନ ଆବଶ୍ୟକତା’

**ଭୁବନେଶ୍ୱର,୨୬।୧୧**

ଭାରତୀୟ କମ୍ପାନୀ ସଚିବ ସଂସ୍ଥାନ (ଆଇସିଏସ୍ଆଇ)ର ଭୁବନେଶ୍ୱର ଚାପ୍ଟର ଏବଂ ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ (ଓରେରା) ଆନୁକୂଲ୍ୟରେ ଶନିବାର ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା। ଏପରିକି ଉକ୍ତ କର୍ମଶାଳା ‘ରିୟଲ ଇଷ୍ଟେଟ କ୍ଷେତ୍ରରେ ସମସ୍ୟା ଓ ଆହ୍ୱାନ’ ଶୀର୍ଷକ ବିଷୟବସ୍ତୁ ଉପରେ ଆଧାରିତ ଥିଲା। ଏହି ଅବସରରେ ଓରେରାର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ କର୍ମଶାଳାକୁ ଉଦ୍‌ଘାଟନ କରି କହିଥିଲେ, ଘର ମଣିଷର ଏକ ସର୍ବନିମ୍ନ ଆବଶ୍ୟକତା ହୋଇଥିବାରୁ ଏ କ୍ଷେତ୍ରରେ ଜନସାଧାରଣ କିପରି ସହଜରେ ଓ ସୁବିଧାରେ ଘର ପାଇପାରିବେ ତାହା ସୁନିଶ୍ଚିତ କରିବା ଲକ୍ଷ୍ୟରେ ରେରା ଆଇନ ପ୍ରଣୟନ ହୋଇଛି। ଗତ ୫ବର୍ଷ ମଧ୍ୟରେ ରେରା ଆଇନ ପ୍ରଣୟନ ଫଳରେ ଅନେକ ପ୍ରକଳ୍ପରେ ସ୍ୱଚ୍ଛତା ଏବଂ ପରିଚାଳନାଗତ ଦକ୍ଷତା ଆସିବା ସହ ଗ୍ରାହକମାନଙ୍କ ମନରେ ବିଶ୍ୱାସ ମଧ୍ୟ ସୃଷ୍ଟି କରିପାରିଛି ବୋଲି ଦାସ ମତପ୍ରକାଶ କରିଥିଲେ। ସେହିଭଳି ଓରେରାର ପ୍ରଶାସନିକ ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ କହିଥିଲେ, ନିର୍ମାଣ କ୍ଷେତ୍ର ଅର୍ଥନୀତିରେ ଅନେକ ମହତ ରଖିଥାଏ। ଏହି କ୍ଷେତ୍ରର ଅବଦାନ ବିଷୟରେ ବିସ୍ତୃତ ଉଲ୍ଲେଖ କରିବା ସହ ରେରା ଆଇନ ଏହି କ୍ଷେତ୍ରର ଅଭିବୃଦ୍ଧି ସହିତ ଗ୍ରାହକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ବୋଲି କହିବା ସହ ଆଇନର କାର୍ଯ୍ୟକାରିତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଓରେରାର ବିଧି ସଦସ୍ୟ ରମାନାଥ ପଣ୍ଡା ନିଜ ବକ୍ତବ୍ୟରେ ରେରା ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆଇସିଏସ୍ଆଇ ଶାଖାର ସଭାପତି ଜ୍ୟୋତିର୍ମୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଭିଭାଷଣ ଶାଖାର ପୂର୍ବ ସଭାପତି ରଞ୍ଜନ କୁମାର କର ଦେଇଥିବା ବେଳେ ଓରେରାର ଅତିରିକ୍ତ ସଚିବ ଶ୍ରାବଣୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




## ୧୭ରେ ଜିଏସ୍‌ଟି କାଉନସିଲ ବୈଠକ

**ନୂଆଦିଲ୍ଲୀ,୨୬।୧୧**

ଚଳିତ ବର୍ଷ ଡିସେମ୍ବର ୧୭ରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) କାଉନସିଲର ୪୮ତମ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏପରିକି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ଭିଡିଓ କନ୍‌ଫରେନ୍ସରେ ହେବ ବୋଲି ଜଣାପଡିଛି। ଉକ୍ତ ବୈଠକରେ ବିଭିନ୍ନ ବିଷୟ ସାଙ୍ଗକୁ କାସିନୋ, ଅନ୍‌ଲାଇନ ଗେମିଂ ଏବଂ ଘୋଡ଼ାଦୌଡ଼ ଉପରେ ମଧ୍ୟ ଜିଏସ୍‌ଟି ଲାଗୁ କରିବା ଏବଂ ଜିଏସ୍‌ଟି ଅପିଲିକ୍ ନ୍ୟାୟାଧିକରଣ ପ୍ରତିଷ୍ଠା ଦିଗରେ ରାଜ୍ୟର ଅର୍ଥମନ୍ତ୍ରୀମାନଙ୍କ ରିପୋର୍ଟ ଉପରେ ବିସ୍ତୃତ ଆଲୋଚନ ହେବ ବୋଲି କୁହାଯାଉଛି।

## ବିକ୍ରିହେବ ୩ ସରକାରୀ ଉଦ୍ୟୋଗ

**ନୂଆଦିଲ୍ଲୀ,୨୬।୧୧**

ଦେଶର ଜଣାଶୁଣା ସରକାରୀ ଉଦ୍ୟୋଗ କୋଲ୍ ଇଣ୍ଡିଆ, ହିନ୍ଦୁସ୍ଥାନ ଜିଙ୍କ୍ ଓ ରାଷ୍ଟ୍ରୀୟ କେମିକାଲ୍ସରେ ସରକାରୀ ଅଂଶଧନ ବିକ୍ରି ନେଇ କେନ୍ଦ୍ର ଯୋଜନା କରୁଥିବା ଜଣାପଡ଼ିଛି। ଏପରିକି ଉପରୋକ୍ତ ୩ କମ୍ପାନୀର ୫ରୁ ୧୦% ପର୍ଯ୍ୟନ୍ତ ଅଂଶଧନ ବିକ୍ରି କରିବା ଲାଗି ସରକାର ଯୋଜନା ରଖିଛନ୍ତି। ବିଶେଷକରି ଅଫର ଫର୍ ସେଲ୍ ମାଧ୍ୟମରେ ଉକ୍ତ ଉଦ୍ୟୋଗଗୁଡ଼ିକର ଅଂଶଧନ ଷ୍ଟକ୍ ବଜାର ଜରିଆରେ ବିକ୍ରିକରାଯିବ ବୋଲି ବ୍ଲୁମ୍‌ବର୍ଗ ପକ୍ଷରୁ କୁହାଯାଇଛି। ସେହିଭଳି ବ୍ଲୁମ୍‌ବର୍ଗର ଆକଳନ ଅନୁସାରେ ୩ ସରକାରୀ ଉଦ୍ୟୋଗରୁ ସରକାର ପ୍ରାୟ ୧୬,୫୦୦କୋଟି ଟଙ୍କା ପାଇବେ ବୋଲି ଆଶା କରାଯାଉଛି।

## ସ୍ମାର୍ଟଫୋନ୍ ତିଆରି କରିବେ ମସ୍କ

**ନୂଆଦିଲ୍ଲୀ,୨୬।୧୧**

ବିଶ୍ୱର ୧ ନମ୍ବର ଧନୀ ଏଲନ ମସ୍କ ଆଉ ଏକ ପ୍ରକଳ୍ପ କରିବାକୁ ଯାଉଛନ୍ତି। ଏପରିକି ସେ ଡିଜିଟାଲ କ୍ଷେତ୍ରରେ ଅଧିକରୁ ଅଧିକ ସଂଶ୍ଲିଷ୍ଟ ହେବା ପାଇଁ ସ୍ମାର୍ଟଫୋନ ତିଆରି କରିବାକୁ ଅଣ୍ଟା ଭିଡ଼ିଲେଣି ବୋଲି କୁହାଯାଉଛି।

# ପୂର୍ବତଟ ରେଳପଥ ପକ୍ଷରୁ ସମ୍ବିଧାନ ଦିବସ



**ଭୁବନେଶ୍ୱର,୨୬।୧୧**

ପୂର୍ବତଟ ରେଳପଥ ପକ୍ଷରୁ ଶନିବାର ସ୍ଥାନୀୟ ରେଳସଦନଠାରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବଙ୍କ ନେତୃତ୍ୱରେ ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ,ବରିଷ୍ଠ ଅଧିକାରୀ, ରେଳ କର୍ମଚାରୀମାନେ ଭାରତୀୟ ସମ୍ବିଧାନର ପ୍ରାକ୍‌କଥନ (ପ୍ରିୟାମ୍ବୁଲ) ପ୍ରିମ୍ବଲ୍ ପଢ଼ିଥିଲେ। ଏହାବ୍ୟତୀତ ପୂର୍ବତଟ ରେଳପଥର ସମସ୍ତ ୩ଟି ରେଳମଣ୍ଡଳ ଯଥା ଖୋର୍ଦ୍ଧାରୋଡ୍, ୱାଲ୍‌ଟିୟର ଓ ସମ୍ବଲପୁରଠାରେ ମଧ୍ୟ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ଏପରିକି ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ରେଳ ଷ୍ଟେଶନରେ ମଧ୍ୟ ଏହି ଦିବସ ପାଳନ କରାଯାଇଥିଲା। ଦୂର ଉପାନ୍ତ ସ୍ଥାନଗୁଡ଼ିକରେ ଥିବା ରେଳପଥ ଏବଂ ଏହାର ଅଧିକାରୀମାନେ ମଧ୍ୟ ସେମାନଙ୍କ କାର୍ଯ୍ୟସ୍ଥାନରେ ଭାରତୀୟ ସମ୍ବିଧାନର ପ୍ରାକ୍‌କଥନ ପଠନ କରିଥିଲେ।


# ୨୯ରେ ବିଜିୟୁର ୫ମ ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର,୨୬।୧୧**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ୫ମ ବାର୍ଷିକ ଉତ୍ସବ ପାଳନ ହେବାକୁ ଯାଉଛି। ଏପରିକି ନଭେମ୍ବର ୨୯ରେ ବିଜିୟୁର ୫ମ ସମାବର୍ତ୍ତନ ଉତ୍ସବର ମଧ୍ୟ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଜିୟୁର ବିଭିନ୍ନ ବିଭାଗର ୩୧୦ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ବିଶେଷକରି ୨୦୩ ଜଣ ଅଣସ୍ନାତକ ଓ ୧୦୭ ଜଣ ସ୍ନାତକୋତ୍ତର ଛାତ୍ରୀଛାତ୍ର ଅଛନ୍ତି।

ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଲୋକ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମସ୍ତଙ୍କୁ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ । ସେହିଭଳି ୟୁନିଭର୍ସିଟି ଦ୍ୱାରା ପ୍ରଫେସର ସାମନ୍ତଙ୍କୁ ପ୍ରଥମ ଡକ୍ଟର ଅଫ୍ ଲେଟର (ହୋନରିସ୍ କୋଜା) ରେ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ଗତ ୬ ବର୍ଷର ସ୍ୱଳ୍ପ ଅବଧି ମଧ୍ୟରେ ବିଜିୟୁ ପୂର୍ବ ଭାରତର ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଉତ୍କର୍ଷର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି। ବିଜିୟୁ ପାଇଁ ୨୦୨୨ ବର୍ଷ ସମସ୍ତ ଦୃଷ୍ଟିକୋଣରୁ ଗୁଣାତ୍ମକ ଓ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। କୋଭିଡ୍ ମହାମାରୀର ପ୍ରକୋପ ମଧ୍ୟରେ ମଧ୍ୟ ୟୁନିଭର୍ସିଟି ପକ୍ଷରୁ ଠିକ୍ ସମୟରେ ପାଠ୍ୟକ୍ରମ ସମାପ୍ତ କରାଯାଇଥିଲା ଏବଂ ପରୀକ୍ଷା ସମ୍ପନ୍ନ କରାଯାଇଥିଲା। ବିଜିୟୁର ଉଚିତ ଚୟନ ପ୍ରକ୍ରିୟା ଦ୍ୱାରା ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟକ ମେଧାବୀ ଛାତ୍ରୀଛାତ୍ରଙ୍କୁ ଚୟନ କରିବା ସହ ଅଭାବୀ ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ପ୍ରଦାନ କରି ପଢ଼ିବାର ସୁଯୋଗ ମଧ୍ୟ ପ୍ରଦାନ କରିଛି।

ସେହିପରି ଚଳିତ ଶିକ୍ଷାବର୍ଷରେ ବିଜିୟୁ ବ୍ୟାଚେଲର ଇନ୍ କମ୍ପ୍ୟୁଟର ଆପ୍ଲିକେଶନ, ମାଷ୍ଟର ଇନ୍ କମ୍ପ୍ୟୁଟର ଆପ୍ଲିକେଶନ, ମାଷ୍ଟର ଇନ୍ ଫାଇନାନ୍ସିଆଲ୍ ଇକୋନୋମିକ୍ସ, ପିଏଚ୍‌ଡି ଇନ୍ ମାସ୍‌କମ୍ୟୁନିକେଶନ୍, ଲ ଏବଂ ଇଂଲିଶ୍ ଆଦି ପାଠ୍ୟକ୍ରମର ଆରମ୍ଭ ସହ ୟୁନିଭର୍ସିଟିର ଫାକଲ୍ଟି ସଦସ୍ୟମାନଙ୍କର ନିଯୁକ୍ତି ମଧ୍ୟ ବୃଦ୍ଧି ପାଇଛି। ଏପରିକି ନୂତନ ହଲ୍, ଲାବରେଟୋରି ଓ ଅନ୍ୟାନ୍ୟ ସୁବିଧା ସହ ବିଜିୟୁ ତା’ର ଭିତ୍ତିଭୂମିକୁ ମଧ୍ୟ ବିସ୍ତାର କରିପାରିଛି। ୨୦୨୩ ଶିକ୍ଷାବର୍ଷ ନିମନ୍ତେ ମଧ୍ୟ ବିଭିନ୍ନ ପାଠ୍ୟକ୍ରମ ପାଇଁ ଆଡମିଶନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।


**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
**ମୁଦ୍ରା ଫାଇନାନ୍ସ**
**Mob. 8985384630**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ‘ଭାଷା ବ୍ୟବହାରରେ ଲିପିର ଆବଶ୍ୟକତା ନ ଥାଏ’

## ଆଇସିଓଏଲ୍ଏସ୍ଆଇ ୪୪ତମ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୨୬।୧୧**




ସେଞ୍ଚୁରିଆନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ବା ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଓଡ଼ିଶା ଓ ଲିଙ୍ଗୁଇଷ୍ଟିକ୍ ସୋସାଇଟି ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ ୪୪ତମ ଅନ୍ତର୍ଜାତୀୟ ଲିଙ୍ଗୁଇଷ୍ଟିକ ସୋସାଇଟି ଅଫ୍ ଇଣ୍ଡିଆ (ଆଇସିଓଏଲ୍ଏସ୍ଆଇ-୪୪) ସମ୍ମିଳନୀ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏପରିକି ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଜଟଣୀ କ୍ୟାମ୍ପସ ପରିସରରେ ଆୟୋଜିତ ୩ ଦିନିଆ ଉକ୍ତ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଥିଲେ, ଭାଷାର କୌଣସି ସ୍ତର ନାହିଁ। ଏପରିକି ଭାଷାର ପରିବ୍ୟାପ୍ତି ବିଷୟରେ ସେ ବିସ୍ତୃତ ଭାବେ ବୁଝାଇ କହିଥିଲେ ଯେ ଭାଷା ବ୍ୟବହାର ପାଇଁ ଲିପି ହୁଏତ ଏକ ମାଧ୍ୟମ ହୋଇପାରେ ହେଲେ ମନର ଭାଷା, ମସ୍ତିଷ୍କର ଭାଷା ଓ ଇସାରାର ଭାଷା ଆଦି ବ୍ୟବହାରରେ ଲିପିର ଆବଶ୍ୟକତା ନ ଥାଏ। ବିଶେଷକରି ଭାଷା କିଭଳି, କେମିତିକା, କାହିଁକି, କେଉଁଠାରେ କୁହାଯାଉଛି ତାହା ହିଁ ବଡ଼କଥା। ସେହିଭଳି ରାଜ୍ୟପାଳ ସଂସ୍କୃତ, କୋରିଆ, ହିବ ଭାଷାର ଉଦାହରଣ ଦେଇ ମାତୃଭାଷାର ମହତ୍ତ୍ୱ କଥା କହିଥିଲେ। ଭାଷା ଯୋଡ଼େ, ଭାଷା ଗଢ଼େ ବୋଲି ମତ ଦେଇ ଗଣେଶୀ ଲାଲ ଉକ୍ତ ଅନ୍ତର୍ଜାତୀୟ ସମ୍ମିଳନୀର ସଫଳତା କାମନା କରିଛନ୍ତି। ସେହିପରି ଆଇସିଓଏଲ୍ଏସ୍ଆଇ-୪୪ ଅଧ୍ୟକ୍ଷ ଏବଂ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଆନ୍ଧ୍ରପ୍ରଦେଶର କୁଳପତି ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ଲିଙ୍ଗୁଇଷ୍ଟିକ୍ ସୋସାଇଟି ଅଫ୍ ଇଣ୍ଡିଆର ସଭାପତି ପ୍ରଫେସର ଜି. ଉମା ମହେଶ୍ୱର ରାଓ, ପୂର୍ବତନ ଭି.ସି. ବିପିୟୁଟି ଏବଂ ନିର୍ଦ୍ଦେଶକ ଟେକ୍ନୋଲୋଜି ଏବଂ ଏକାଡେମିକ୍ ଇନିସିଏଟିଭ୍, ଆର୍‌ଏସ୍‌ବି ମେଟାଲଟେକ୍, ଆର୍‌ଏସ୍‌ବି ଗ୍ରୁପ୍, ପୁଣେ, ପ୍ରଫେସର ଓମ୍‌କାର ନାଥ ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ।


# Classified Everyday
**0674-2580101, 2549949**




## BRIDE WANTED

Gudia girl, M.Com, 27.5, 1993, 5'-00'', Colour Shyamal. Contact No.-9778642153, 7751840747. D-2076

ଆଭିଜାତ୍ୟ ପରିବାରର ସୁନ୍ଦର ବଙ୍ଗାଳୀ ବ୍ରାହ୍ମଣ ପାତ୍ର B.Com, ବୟସ- 30, ବ୍ୟବସାୟୀ ପାଇଁ ପୁରୀ ଜିଲ୍ଲା ନିବାସୀ ବଙ୍ଗାଳୀ ବ୍ରାହ୍ମଣ ପାତ୍ରୀ 24+ ଆବଶ୍ୟକ। ଯୋଗାଯୋଗ- 7003424901, 7pm. to 10pm. D-69076

## GROOM WANTED

ବୟସ-42, Postal Job କରୁଥିବା ବିଧବା, ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 8658267680. D-2067

ଏକାକୀ ରହୁଥିବା 54 ବୟସ୍କା ବିଧବା ସରକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଖଣ୍ଡାୟତ ଝିଅଙ୍କ ପାଇଁ ଯୋଗ୍ୟ ବରପାତ୍ର ଆବଶ୍ୟକ। 8658185147. D-2107

ବ ୟ ସ - 3 3 , Government School Teacher, Divorce, ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7205988004. D-2068

34 ବୟସ୍କା Marwadi Widow Government ଚାକିରିଆ ଝିଅଙ୍କୁ Odia/ Non- Odia ପୁଅ ଦରକାର। (Caste no bar). 6371298869. D-2103



## SALE

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9 4 3 9 6 6 0 3 8 1 . D-74157

House for Sale: Raipur- Chhattisgarh, Bhoipara, Jaykali Chowk, Hall, Bed Room, Bath Room, Kitchen, Parking, Portico, Govt. water supply, 500 sqft area. Rs.15, 00,000/- (Fifteen Lakh). Mob. 9300888798. D-2077

ମୋର ନିଜସ୍ୱ ପ୍ଲଟ୍ କଳିଙ୍ଗନଗର ଘାଟିକିଆରେ 200ft. ରୋଡ୍‌କୁ ଲାଗି କରି ଅଛି। ଏବଂ ଖଣ୍ଡଗିରି Amri Hospital ପାଖରେ readymade plot ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। 9438166196. D-2101

ଭୁବନେଶ୍ୱର-ପୁରୀ NHରେ ଥିବା ସାଇ ଲାଇଫ୍ ଷ୍ଟାଇଲ୍ ପାଖରେ 4BHKର **Duplex** ଏବଂ ଘରବାରି ପାଚେରି ଥାଇ ସ୍ଥିତିବାନ ପ୍ଲଟ୍ **sqft.କୁ 1600-Rs.** ରେ ବିକ୍ରି କରାଯାଉଛି। **Contact: 9 4 3 9 5 3 9 1 4 6 , 9777777525.** D-2075

BDA approved Duplex project at Retang Medical, Station near CV Raman University, Tamando, Bhubaneswar @ 44,00,000/-, 7008459987. D-74153

Sale only 2 gharabari boundary plot at Hanspal, Balianta in the Campus of Duplex for immediate construction. Owner- 7437998131. D-71664

Luxurious 4BHK Duplex near Balianta Bazar. Land-1400 Construction- 2200- 85lakh. 9938219397, 9861022055. D-2056

**Yellowzone gharabari plot for sale, 2000sqft. (15 Nos.) at Mouza- Sankarpur, Ghatikia in front of Tata Ariana, Vipul Garden backside, Bhubaneswar. Govt. road connected internal road-30ft. & road side plantation. Immediately possession then registration. Water & Electricity available. N.H.-5 to 1KM. per sqft.-2000/-. Contact: 8114744495, 8328943165.** D-2069

**NH side plot (gharabari, boundarywall). Nakhara to Niali road Cuttack. 8249851363.** D-74603

Buy/ Sale. 5BHK Duplex Apollo Hospital-2.3cr, 4BHK Duplex Nandankanan- 85Lakh, 3BHK Apartment Rasulgarh Square- 89Lakh, 2BHK Simplex Nakhara- 39Lakh. 8984071303. D-2061

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

**Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452.** D-73996

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।




3BHK Pool facing premium semifurnished flat Trident Galaxy, Kalinga Nagar, Bhubaneswar for rent. 9348867589. D-71548

Centrally located near new BMC Office 1 Bedroom Double Bedded fully furnished with AC and TV etc. Mob: 7789837712. D-2064

3BHK House for rent at IRC Village near Ekamra Kanan Park, Bhubaneswar. 7381035667. D-73898

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**୧୬ତମ ଜନ୍ମଦିନ ଶୁଭେଚ୍ଛା**

**ଆଶିଷ ଜେନା (ଟିଙ୍କୁ)**
ବେଣୁପୁର (ଗଡ଼ସାହି), ବାଲିଅନ୍ତା
ଆଜି ତୋର ଶୁଭ ଜନ୍ମଦିନ ପାଳନ ଅବସରରେ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏତିକି ପ୍ରାର୍ଥନା।
**ଶୁଭେଚ୍ଛା ସହ:** ମା: ଲକ୍ଷ୍ମୀପ୍ରିୟା, ବାପା: ପ୍ରଦୀପ୍ତ ଜେନା, ମାମା: ମାନସୀ ଓ ଭଉଣୀ: ପୂଜା ଓ ପରିବାରବର୍ଗ ।
ଧ-୭୧୨୧୭

**୧୬ତମ ଜନ୍ମଦିନ ଶୁଭେଚ୍ଛା**

**ଅବିନାଶ ଜେନା (ଜିଲୁ)**
ହଂସପାଳ, ଭୁବନେଶ୍ୱର
ଆଜି ତୋର ୧୬ତମ ଜନ୍ମଦିନ ପାଳନ ଅବସରରେ ବାଲିଅନ୍ତାର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀ ନିକୁଞ୍ଜ ବିହାରୀ ତୋର ଚଲାପଥକୁ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
**ଶୁଭେଚ୍ଛା ସହ:-** ବାପା: ଲକ୍ଷ୍ମୀଧର ଖଟେଇ, ମାମା: ଅନ୍ନପୂର୍ଣ୍ଣା ଜେନା, ମନସ୍ୱିନୀ ଖଟେଇ ଓ ହେମଲତା ଜେନା ।
ଧ-୭୧୨୧୮




Newly open health benefits SPA Diwali Offer @ 999/- Jaidevbihar. 9439676695. D-73663

Newly open SPA positively health benefits expert therapist, Jagamara. 7849011931. D-73664

**Relax, Refresh your body, Mind at Saikrupa Spa with best therapies. 8984068077.** D-2048

Newly open Spa positively health benefit with expert. Contact: 7 7 4 9 9 7 6 3 0 1 . D-73899





**M/S JAYDEEP MITRA Tax Consultant provides services like GST, EPF, ESI, I.TAX - maintenance & assessment work M- 9875315823 website - www.jaydeepmitra.com.** D-2045

ଧରିତ୍ରୀ
DHARITRI
ରବିବାର, ୨୭ ନଭେମ୍ବର, ୨୦୨୨



# ଫଟୋ ଫିଲ୍ଟର...





**ସୋସିଆଲ୍ ମିଡିଆରେ ଭୁଲ୍ ନାମ ଏବଂ ଫଟୋ ଦେଇ ଫେକ୍ ଆକାଉଣ୍ଟ ଗଠନ କରିବା ଏକ ସାଇବର କ୍ରାଇମ୍। ହେଲେ ନିଜ ଫଟୋକୁ ବିଭିନ୍ନ ଫଟୋ ଏଡିଟିଂ ଆପ୍‌ରେ ଫିଲ୍ଟର ବ୍ୟବହାର କରି ଆକର୍ଷଣୀୟ କରାଇବା କେତେଦୂର ସ୍ୱାଗତ ଯୋଗ୍ୟ...**

ବର୍ତ୍ତମାନ ଅଳ୍ପ ବୟସରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ସୋସିଆଲ୍ ମିଡିଆ ବ୍ୟବହାର କରୁଛନ୍ତି। ଯେଉଁଥିରେ ନିଜର ଭଳିକି ଭଳି ଫଟୋ, ଭିଡିଓ ପୋଷ୍ଟ କରିବାରେ ଅନେକେ ବେଶ୍ ଆକ୍ଟିଭ୍। ତେବେ ଆଶ୍ଚର୍ଯ୍ୟର କଥା ଏବେ ଫଟୋରେ କିଏ କଳା, ଗୋରା, ସୁନ୍ଦର, ଅସୁନ୍ଦର ଜାଣିବା ମୁସ୍କିଲ୍। କାରଣ ଏବେ ସୋସିଆଲ୍ ମିଡିଆ ଏବେ ସମସ୍ତେ ସୁନ୍ଦର। ତେବେ ଖୁବ୍ ସୁନ୍ଦର ତଥା ଆଇକ୍ୟାଚି ଦେଖାଯାଉଥିବା ଫଟୋ ପଛରେ ରହିଛି ବିଭିନ୍ନ ଏଡିଟିଂ ଆପ୍‌ରେ ଥିବା ଫଟୋ ଫିଲ୍ଟରର କମାଲ। ତେଣୁ ଏହା ଯେମିତି ପାଲଟିଛି ଅନେକଙ୍କ ପାଇଁ ଖୁବ୍ ଦରକାରୀ। ତେବେ ଏହାକୁ ବ୍ୟବହାର କରିବାରେ ସର୍ବାଧିକ କ୍ରେଜ୍ ମିଳୁଛି ଯୁବପିଢିଙ୍କ ପାଖରେ। ଜାଣିବା ଏଭଳି ଆପ୍‌ର ବ୍ୟବହାର କାହିଁକି ବଢୁଛି ଏବଂ ଏହାଦ୍ୱାରା କ'ଣ ପ୍ରଭାବ ପଡୁଛି...

**ଆକର୍ଷଣୀୟ ବ୍ୟକ୍ତିତ୍ୱ ପାଇଁ:** କୁହାଯାଏ ଏକ ସୁନ୍ଦର ଚେହେରା ମଧ୍ୟ ବ୍ୟକ୍ତିତ୍ୱକୁ ବୃଦ୍ଧି କରିବାରେ ସାହାଯ୍ୟ କରେ। ଯେଉଁଥିପାଇଁ ସମାଜରେ ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱ ସୃଷ୍ଟି କରିବା ଲକ୍ଷ୍ୟରେ ଅନେକେ ସୋସିଆଲ୍ ସାଇଟ୍ ନିଜର ଭଲ ଭଲ ପ୍ରୋଫାଇଲ୍ ପିକ୍ଚର ଦେଇଥାନ୍ତି। ଆଉ ଏଥିପାଇଁ ଅନେକେ ଫଟୋ ଫିଲ୍ଟରର ସାହାଯ୍ୟ ନେଉଥିବା ଦେଖିବାକୁ ମିଳୁଛି। ଯଦିଓ ଏହାଦ୍ୱାରା ସେମାନଙ୍କ ବାସ୍ତବ ଚିତ୍ର ଲୁଚିଯାଉଛି, ଯାହାକି ପରବର୍ତ୍ତୀ ସମୟରେ ଜଣାପଡିଲେ ସେମାନଙ୍କ ବ୍ୟକ୍ତିତ୍ୱରେ ଆଞ୍ଚ ଆସିପାରେ ସେ ଦିଗରେ ସେମାନେ ସଚେତନ ନଥାନ୍ତି।

**ଅଧିକ ଲାଇକ୍ କମେଣ୍ଟ ପାଇବା ଲକ୍ଷ୍ୟ:** ଆଜିକାଲି ଫଟୋ ଫିଲ୍ଟର ବ୍ୟବହାର କରି ଫ୍ଲେଲେସ୍ ସ୍କିନ୍, ଗୋରା ରଙ୍ଗ ସାଙ୍ଗକୁ ମେକ୍‌ଅପ୍ ଅପ୍ସନ ଫଟୋକୁ ସମ୍ପୂର୍ଣ୍ଣ ସୁନ୍ଦର କରିପାରୁଛି। ଯାହାକି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ବେଶ୍ ସାହାଯ୍ୟ କରିଥାଏ। ତେଣୁ ସୋସିଆଲ୍ ସାଇଟ୍‌ରେ ନିଜର ଏଭଳି ଫଟୋ ପୋଷ୍ଟ କରି ଅଧିକ ଲାଇକ୍ ଏବଂ କମେଣ୍ଟ ପାଇବାର ନିଶା ଯୁବପିଢିଙ୍କୁ ଘାରିଛି।

**ସୌନ୍ଦର୍ଯ୍ୟ ମାୟାଜାଲରେ ଅନ୍ୟକୁ ଫସାଇବା:** ସୋସିଆଲ୍ ମିଡିଆରେ ଆକର୍ଷଣୀୟ ଚେହେରା ଦେଖାଇ ଅନ୍ୟକୁ ଠକିବା ଘଟଣା ଏବେ ବଢୁଥିବାର ଦେଖିବାକୁ ମିଳୁଛି। ବିଭିନ୍ନ ଡେଟିଂ ଆପ୍‌ରେ ଏଭଳି ଫଟୋ ଦେଇ ଅନ୍ୟକୁ ବିବାହ ପ୍ରଲୋଭନ ଦେଖାଇ ଠକିବା, ପ୍ରତାରଣା କରିବା, ଟଙ୍କା ଲୁଟିବା କିମ୍ବା ଅନ୍ୟାନ୍ୟ ଅପରାଧର ବି ନଜିର ରହିଛି।







**ପ୍ରଭାବିତ ହେଉଛି ମାନସିକତା:** ଏଭଳି ଫିଲ୍ଟର ବ୍ୟବହାର କରି ସୁନ୍ଦର ଫଟୋକୁ ଅନେକ ଯୁବତୀଯୁବକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠୁଛି। ହେଲେ ଯେବେ ବାସ୍ତବ ଚେହେରା ସମ୍ନାକୁ ଆସୁଛି ଅନେକ ଅପ୍ରତିକର ଘଟଣା ଘଟୁଛି। ନିକଟରେ ଜଣେ ପୁରୁଷ ନିଜ ଫଟୋକୁ ଫିଲ୍ଟର ବ୍ୟବହାର କରି ଝିଅ ଭଳି କରିବା ସହ ଜଣେ ପୁରୁଷଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିଥିଲେ। ଘଟଣା ଜଣାପଡିବା ପରେ ଗଣ୍ଡଗୋଳରୁ ପୋଲିସ୍ କେସ୍ ପର୍ଯ୍ୟନ୍ତ ଘଟଣା ଘଟିଥିଲା। ତେବେ କେବଳ ଏତିକି ନୁହେଁ ବର୍ତ୍ତମାନ ଫିଲ୍ଟର ଫଟୋ ଭଳି ଅନେକ ଯୁବତୀ ଯୁବକ ବାସ୍ତବରେ ଦେଖାଯିବାକୁ ଚାହୁଁଛନ୍ତି। ଏମିତିକି ଏହା ସେମାନଙ୍କ ମାନସିକତାକୁ ଏଭଳି ପ୍ରଭାବିତ କରୁଛି ଯେ, କେହି କେହି ଏଥିପାଇଁ କସ୍‌ମେଟିକ୍ ସର୍ଜରୀର ସାହାଯ୍ୟ ନେବାକୁ ମଧ୍ୟ ପଛାଉ ନାହାନ୍ତି।

**ଗାଇଡ୍‌ଲାଇନ୍ ରହିବା ଜରୁରୀ:** ତେବେ ନିଜ ଫଟୋକୁ ସୁନ୍ଦର କରିବା ଲାଗି ଫିଲ୍ଟର ବ୍ୟବହାର କରିବା ଭଲ। ହେଲେ ଏହାଦ୍ୱାରା ଯେପରି ଏକ ସମ୍ପୂର୍ଣ୍ଣ ଅବାସ୍ତବତା ସୃଷ୍ଟି ନ ହେଉ ଅବା ଏହାଦ୍ୱାରା କାହାର କ୍ଷତି ନ ହେଉ ସେଥିପାଇଁ କିଛି କଟକଣା ରହିବା ଆବଶ୍ୟକ।



## ଏମାନେ କଣ କୁହନ୍ତି

### ଗାଇଡ୍‌ଲାଇନ୍ ରହିଲେ ଭଲ ହୁଅନ୍ତା



**ସୁବାସିନୀ ସାହୁ(ଭଦ୍ରକ)–**
ବର୍ତ୍ତମାନ ଫଟୋରେ ଫିଲ୍ଟର ଦେଇ ଆକର୍ଷଣୀୟ ଦେଖାଯିବାକୁ କିଏ ବା ନ ଚାହେଁ। ମୋବାଇଲ୍ କ୍ୟାମେରାରେ ଏହିସବୁ ଫିଚର୍ସ ମଧ୍ୟ ଉପଲବ୍ଧ ହେଲାଣି। ଏଥିସହ ୟୁଜର୍ ଇନ୍‌ଷ୍ଟାଗ୍ରାମ୍, ସ୍ନାପଚାଟ୍ ଇତ୍ୟାଦି ସୋସିଆଲ୍ ପ୍ଲାଟଫର୍ମ ଦ୍ୱାରା ବହୁତ ମାତ୍ରାରେ ପ୍ରଭାବିତ ହେଉଛନ୍ତି। ଏଥିରେ ଥିବା ଫିଲ୍‌ଟର୍ ଅପ୍ସନ୍‌ରେ ଫଟୋକୁ ମନପସନ୍ଦର ଏଡିଟିଂ କରୁଛନ୍ତି। ଲାଇକ୍ କମେଣ୍ଟ ପାଇବା ଏବେ ଏମିତି ନିଶା ପାଲଟିଲାଣି କି ଏହାକୁ ସୋସିଆଲ୍ ମିଡିଆ ଡିଜଅର୍ଡର୍ କହିଲେ ବି ଭୁଲ୍ ହେବନାହିଁ। ଫିଲ୍ଟର ଫଟୋକୁ ଚିହ୍ନିବା ବି ମୁସ୍କିଲ୍ ହେଉଛି। ଏଥିସହ ସେମାନେ ପ୍ରୋଫାଇଲ୍‌ରେ ଡାଟା ବି ଚେଞ୍ଜ କରି ରଖୁଛନ୍ତି। ଫଳରେ ଅନେକେ ଠକାମୀର ଶିକାର ହେଉଛନ୍ତି। ତେଣୁ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଦ୍ୱାରା ୟୁଜର୍ସଙ୍କ ପାଇଁ ଏଥିପ୍ରତି ଗାଇଡଲାଇନ୍ ରହିବା ଉଚିତ୍।

### କେହି ଠକାମିର ଶିକାର ନ ହୁଅନ୍ତୁ



**ସମରଜିତ କୁଣ୍ଡ(ଢେଙ୍କାନାଳ)–**
ମୋର ଜଣେ ସାଙ୍ଗ ଡେଟିଂ ଆପ୍‌ରେ ଗୋଟିଏ ଝିଅକୁ ଡେଟ୍ କରୁଥିଲା। ତା'ର ସମସ୍ତ ପ୍ରୋଫାଇଲ୍‌ରେ ଫଟୋ ଷ୍ଟାଇଲିଶ୍ ଥିଲା। ଫଟୋରେ ସେ ଏମିତି ଫିଲ୍ଟର ୟୁଜ୍ କରୁଥିଲା ଯାହା ଫେକ୍ ବୋଲି ଜଣା ପଡୁନଥିଲା। କିଛିଦିନ ପରେ ମୋ ସାଙ୍ଗର ବ୍ରେକ୍ ଅପ୍ ହୋଇଯାଇଛି ବୋଲି ଜାଣିବାକୁ ପାଇଲି। ପରେ ଜାଣିଲି ଏମିତି ମୋର ବହୁଜଣ ସାଙ୍ଗଙ୍କ ସହ ଝିଅଟି ଚିଟିଂ କରିଛି। ଫିଲ୍ଟର ଫଟୋ ରଖି ନିଜ ଆଡୁ ସେ ସମସ୍ତଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥାଏ। ରିକ୍ୱେଷ୍ଟ ଗ୍ରହଣ କରିବା ପରେ ସେ ପ୍ରେମଭରା କଥା କହି ଫସାଏ। କେତେଜଣଙ୍କଠାରୁ ଏମିତି କରି ବହୁ ଟଙ୍କା ଲୁଟି ମଧ୍ୟ ନେଇଛି। ତେଣୁ ଏହିସବୁ ସୋସିଆଲ୍ ସାଇଟ୍‌ରେ ଯେ କେହି ବି ପ୍ରୋଫାଇଲ୍ ଖୋଲୁଛି ତାକୁ ସେହି ଆପ୍ ଭେରିଫାଏ କରିବା ଦରକାର। ଏହା ସହ ଯଦି ଆପ୍‌ଗୁଡିକ ସେମାନଙ୍କର ନିଜସ୍ୱ କ୍ୟାମେରା ରଖନ୍ତେ ତେବେ ସମସ୍ତେ ଉପକୃତ ହୁଅନ୍ତେ।

## ଏ ସପ୍ତାହର ପ୍ରଶ୍ନ

୧– ଭାରତୀୟ ସହର ............ଠାରେ ଚତୁର୍ଥ ବାଂଲାଦେଶ ଫିଲ୍ମ ଫେଷ୍ଟିଭାଲ ଅନୁଷ୍ଠିତ ହେବ ?
୨– ଉତ୍ତର–ପୂର୍ବ ଭାରତର ପ୍ରଥମ ମାଛ ମ୍ୟୁଜିଅମ୍ ............ରେ ପ୍ରତିଷ୍ଠା କରାଯିବ ?
୩– ଭାରତର ବୃହତ୍ତମ ପବନ ଟର୍ବାଇନ୍ .........ରେ ପ୍ରତିଷ୍ଠା କରାଯାଇଛି ?
୪– ଏମୋରିଆ ଥୋରି ଏକ ନୂତନ ପ୍ରଜାତିର ...........ର ନାମ ?
୫– ଭାରତର ............ ରାଜ୍ୟ ଇଲେକ୍ସନ୍ କମିଶନ୍‌ଙ୍କ ଦ୍ୱାରା ପ୍ରଥମ ସ୍ମାର୍ଟ ଫୋନ୍ ଭୋଟିଂ ବ୍ୟବସ୍ଥା ଆରମ୍ଭ କରାଯାଇଛି ?

## ଗତ ଥରର ଉତ୍ତର

୧ ସ୍ପେନ୍
୨ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ
୩ କର୍ନାଟକ
୪ ଓପନ୍ ଫର୍ କ୍ଲାଇମେଟ୍ ଜଷ୍ଟିସ୍
୫ ଅଷ୍ଟ୍ରେଲିଆ

## ଉତ୍ତରଦାତା



ପ୍ରଦୀପ କୁମାର ନାଏକ, ବଲାଙ୍ଗୀର



ଶେଖ୍ ୟାକୁବ୍, ଗୋପ

## ଟପ୍ ୧୦

### ଚର୍ଚ୍ଚିତ ପୁରୁଷ ମଡେଲ–୨୦୨୨



୧........ ଡାଭିଡ୍ ଗ୍ୟାଣ୍ଡି
୨........ ଅଲିଭର ଚେସେୟାର୍
୩........ ଏରିକ୍ ରୁଥରଫୋର୍ଡ
୪........ ଜୋହାନ୍ସ ହୁଏବ୍ଲ
୫........ ଲକି ବ୍ଲୁ ସ୍ମିଥ୍
୬........ ସିନ୍ ଓ ପ୍ରେ
୭........ ବିଲୀ ହସ୍କଲେ
୮........ ଜନ୍ କର୍ଟାଜାରେନା
୯........ ମାର୍ଲନ୍ ଟେକ୍ସେଇରା
୧୦........ ଇସାକ୍ କ୍ୟାରୁ୍ୟ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

# ବୌଦ୍ଧିକ ବିକାଶ ପାଇଁ...

**ବର୍ତ୍ତମାନ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସହ ସ୍ମରଣ ଶକ୍ତିକୁ ମଧ୍ୟ ପ୍ରଭାବିତ କରୁଥିବା ଜଣାପଡ଼ିଛି। ତେଣୁ କେଉଁ ଖାଦ୍ୟ ଖାଇଲେ ବୌଦ୍ଧିକ ବିକାଶ ଘଟିବ, ଜାଣିରଖନ୍ତୁ ସେ ସମ୍ପର୍କରେ...**

**ପନିପରିବା:** ଏଥିରେ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱ ପ୍ରଚୁର ପରିମାଣରେ ଭରି ରହିଛି। ବିଶେଷକରି ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ବ୍ରେନ୍‌ସେଲ୍‌କୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଆଳୁ, କଖାରୁ, ଗାଜର ଏବଂ ବିଭିନ୍ନ ଶାଗ ଖାଇବାକୁ ଦେଲେ ପିଲାଙ୍କ ମସ୍ତିଷ୍କର ଅଭିବୃଦ୍ଧି ହେବା ସହ ସ୍ମରଣଶକ୍ତି ବୃଦ୍ଧି ହୋଇଥାଏ।



**ବ୍ରୋକୋଲି:** ଏଥିରେ ଡିଏଚ୍‌ଏର ମାତ୍ରା ଅଧିକ ଥିବାରୁ ଏଥିରେ ପ୍ରସ୍ତୁତ ବିଭିନ୍ନ ଆଇଟମ୍ ଖାଇବାକୁ ଦେଲେ ପିଲା ବୁଦ୍ଧିଆ ହେବେ।

**ମାଛ ଏବଂ ଅଣ୍ଡା:** ସବୁ ପ୍ରକାରର ମାଛ ବିଶେଷକରି ସାଲମନ୍ ମାଛ ପିଲାଙ୍କ ଖାଦ୍ୟ ତାଲିକାରେ ସାମିଲ କରିବା ସେମାନଙ୍କ ବୌଦ୍ଧିକ ବିକାଶ ଲାଗି ବେଶ୍ ଉପକାରୀ। କାରଣ ଏଥିରେ ଥିବା ଓମେଗା ୩ ଫ୍ୟାଟି ଏସିଡ୍ ମସ୍ତିଷ୍କ କୋଷଗୁଡିକର ବୃଦ୍ଧି କରିବା ସହ ଏହାର କାର୍ଯ୍ୟକ୍ଷମତା ବି ବଢ଼ାଇବାରେ ସାହାଯ୍ୟ କରିଥାଏ। ସେହିପରି ଅଣ୍ଡାରେ ଥିବା ବିଭିନ୍ନ ଉପକାରୀ ତତ୍ତ୍ୱ ବି ପିଲାଙ୍କ ବୁଦ୍ଧିର ବିକାଶରେ ଲାଭଦାୟକ।

**ବାଦାମ:** କାଜୁ, ଚିନାବାଦାମ ଏବଂ ଆଲମଣ୍ଡ ଆଦିକୁ ମଧ୍ୟ ପ୍ରତିଦିନ କିଛି କିଛି ପିଲାଙ୍କୁ ଖାଇବାକୁ ଦେବା ଦରକାର। କାରଣ ଏଥିରେ ଭିଟାମିନ୍ ଇ ଏବଂ ଜିଙ୍କ୍ ପିଲାଙ୍କ ମାନସିକ ବିକାଶରେ ବେଶ୍ ଉପକାରୀ।

**ଓଟ୍ସ:** ଏଥିରେ ଭରପୂର ମାତ୍ରାରେ ପ୍ରୋଟିନ୍ ଏବଂ ଫାଇବର ଭରି ରହିଛି, ଯାହାକି ହୃତ୍‌ପିଣ୍ଡକୁ ପରିଷ୍କାର ରଖିବା ସହ ମସ୍ତିଷ୍କକୁ ମଧ୍ୟ ଆକ୍ଟିଭ୍ ରଖିଥାଏ।



## ପ୍ରତିଭା

# ରାଜ୍ୟପାଳଙ୍କଠୁ ମିଳିଛି ବାର୍ଡମ୍ୟାନ୍ ସମ୍ମାନ



ମାଟି, ପାଣି, ପବନ, ଗଛଲତା, ପଶୁପକ୍ଷୀଙ୍କ ସୁରକ୍ଷା ସହ ଏକ ସୁସ୍ଥ ପରିବେଶ ପାଇଁ କ'ଣ ଆବଶ୍ୟକ ସେ କଥା ସେ ବେଶ୍ ଭଲରେ ବୁଝିଛନ୍ତି। ସେଥିପାଇଁ ତ ପିଲାଦିନୁ ସେ ନିଜ ଜୀବନକୁ ପ୍ରକୃତି ସୁରକ୍ଷା ପ୍ରତି ଉତ୍ସର୍ଗ କରିଦେଇଛନ୍ତି। କେତେବେଳେ ତୃଷାର୍ତ୍ତ ପକ୍ଷୀଙ୍କ ତୃଷ୍ଣା ମେଣ୍ଟାଉଛନ୍ତି ତ କେତେବେଳେ ପରିବେଶ ସୁରକ୍ଷା ପ୍ରତି ଲୋକଙ୍କୁ କରାଉଛନ୍ତି ସଚେତନ। ତେବେ ଏହି ପ୍ରକୃତିପ୍ରେମୀ ଯୁବକ ହେଉଛନ୍ତି ଢେଙ୍କାନାଳ ଜିଲାର ମା' ରାଜଲକ୍ଷ୍ମୀ ଏବଂ ବାପା ଉଦୟନାଥ ଶତପଥୀଙ୍କ ପୁଅ ଶୁଭ୍ରାଂଶୁ।

ବାପା ଜଣେ ବନ ଅଧିକାରୀ ହୋଇଥିବାରୁ ତାଙ୍କ ପିଲା ବେଳ କଟିଛି ବଣଜଙ୍ଗଲରେ। ତେଣୁ ପ୍ରକୃତି ପ୍ରତି ଭଲ ପାଇବା ତାଙ୍କର ପିଲାଦିନୁ। ବୃକ୍ଷ ରୋପଣ ହେଉ ଅବା ଅନ୍ୟାନ୍ୟ ପରିବେଶ ସୁରକ୍ଷା ଲାଗି ସେ ସର୍ବଦା ବ୍ରତୀ। ଖରାଦିନେ କିପରି ପଶୁପକ୍ଷୀ ନିଜ ଶୋଷ ମେଣ୍ଟାଇ ପାରିବେ, ସେନେଇ ସେ ଘରର ଛାତ, ଅଗଣା, ବାରିଆଡ଼େ ମାଟିପାତ୍ରରେ ପାଣି ରଖିବାର ବ୍ୟବସ୍ଥା କରିଛନ୍ତି। ଆଉ ନିଜ ସାହି ପଡ଼ିଶାରୁ ଆରମ୍ଭ କରି ବୁଲିବୁଲି ସ୍କୁଲ, କ୍ଲବ ଓ ବିଭିନ୍ନ ଅନୁଷ୍ଠାନର ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରାଉଛନ୍ତି। ଏପର୍ଯ୍ୟନ୍ତ ପ୍ରାୟ ୩୧ ହଜାରରୁ ଅଧିକ ମାଟିପାତ୍ର ପ୍ରଦାନ କରି ମହାମହିମ ରାଜ୍ୟପାଳଙ୍କଠାରୁ 'ବାର୍ଡମ୍ୟାନ' ସମ୍ମାନ ମଧ୍ୟ ଗ୍ରହଣ କରିଛନ୍ତି। ପ୍ରତିବର୍ଷ ଦୀପାବଳିରେ ଇକୋ ବା ଗ୍ରୀନ୍ ଦୀପାବଳି ନେଇ ସ୍କୁଲରେ କର୍ମଶାଳା ଆୟୋଜନ କରିଥା'ନ୍ତି। ରକ୍ଷାବନ୍ଧନରେ ଗଛଗୁଡ଼ିକରେ ରାଖୀ ବାନ୍ଧି ଗଛକଟା ରୋକିବା ସହ ଏକ ସବୁଜ ବଳୟ ସୃଷ୍ଟି କରି ପରିବେଶ ସୁରକ୍ଷା ନେଇ ବାର୍ତ୍ତା ଦେଇଥାନ୍ତି ଶୁଭ୍ରାଂଶୁ। ସେ ବହୁ ବର୍ଷ ଧରି ବିଭିନ୍ନ ମଞ୍ଜି ସଂଗ୍ରହ କରି ଏହାକୁ ମାଟିଗୁଳାରେ ଭର୍ତ୍ତି କରି ସିଡ୍ ବଲ ପ୍ରସ୍ତୁତ କରି ରାସ୍ତାର ଉଭୟ ପାର୍ଶ୍ୱ ଏବଂ ଜଙ୍ଗଲକୁ ଫିଙ୍ଗିଥା'ନ୍ତି। ଏପର୍ଯ୍ୟନ୍ତ ୧ ଲକ୍ଷରୁ ଊର୍ଦ୍ଧ୍ୱ ସିଡ୍ ବଲ୍ ନିର୍ମାଣ କରିଥିବା ବେଳେ ରାଜ୍ୟରେ ପ୍ରଥମ ଥର ଡ୍ରୋନ୍ ଯୋଗେ ସିଡ୍ ବଲ୍ ଅପହଞ୍ଚ ଇଲାକାରେ ପହଞ୍ଚାଇ ପାରିଛନ୍ତି। ୨୦୦୮ ମସିହାରେ ପ୍ରଥମ ଥର ପାଇଁ ସେ ଆରମ୍ଭ କରିଥିଲେ ସିଡ୍ ବଲ୍ ଏବଂ ମାଟିପାତ୍ର ଭିତ୍ତିକ କର୍ମଶାଳା। ସେବେଠୁ ପ୍ରତିବର୍ଷ ସଫଳତାର ସହ ଏହା କରିଆସୁଛନ୍ତି।

ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫିରେ ମଧ୍ୟ ତାଙ୍କର ବେଶ୍ ରୁଚି ରହିଛି। କେତେବେଳେ ସେ ନିର୍ବାକ୍ ଜୀବଜନ୍ତୁଙ୍କ ଫଟୋ ଉଠାନ୍ତି ତ କେତେବେଳେ ଫିଲ୍ମ ଜରିଆରେ କରନ୍ତି ସେମାନଙ୍କ ପାଇଁ ସ୍ୱର ଉତ୍ତୋଳନ। ଏପରିକି ସଂରକ୍ଷିତ ଜଙ୍ଗଲ ଓ ପଶୁପକ୍ଷୀଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ଲେଖା ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥା'ନ୍ତି। ତେବେ ୨୦୧୦ରେ ସେ 'ଦେ ରିଏଲୀ ନିଡ୍ ଅସ୍' ନାମକ ପରିବେଶ ସୁରକ୍ଷା ଭିତ୍ତିକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ, ଯେଉଁଥିପାଇଁ ସେ ବିଶ୍ୱ ଦରବାରରେ ପରିଚିତ ହୋଇପାରିଥିଲେ। ଜଣେ ଯୁବ ଫିଲ୍ମ ମେକର ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲେ। ଏହି ଫିଲ୍ମ ପାଇଁ ୨୦୧୨ ବସୁଧା ନ୍ୟାଶନାଲ୍ ଫେଷ୍ଟିଭାଲ୍‌ରେ ଏବଂ ଇଣ୍ଟରନ୍ୟାଶନାଲ୍ ଷ୍ଟୁଡେଣ୍ଟସ୍ ଫିଲ୍ମ ଫେଷ୍ଟିଭାଲରେ ତାଙ୍କୁ ମିଳିଛି ବେଷ୍ଟ ଡାଇରେକ୍ଟର ଆୱାର୍ଡ। ୫ମ ଦାଦାସାହେବ ଫିଲ୍ମ ଫେଷ୍ଟିଭାଲ୍–୨୦୧୬ରେ ସ୍କ୍ରିନିଂ ଆୱାର୍ଡ ସହିତ ତାଙ୍କୁ ମିଳିଥିଲା ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସମ୍ମାନ ଏବଂ ପୁରସ୍କାର। ସେହିପରି ୨୦୧୪ରେ 'ଲେଟ୍ ଦେମ୍ ବ୍ରିଥ୍' ନାମକ ଆଉ ଏକ ଫିଲ୍ମ ପାଇଁ ମଧ୍ୟ ସେ ଅନେକ ପୁରସ୍କାରର ଅଧିକାରୀ ହୋଇପାରିଛନ୍ତି। ଏହି ସମାଜଧର୍ମୀ କାର୍ଯ୍ୟ ପାଇଁ ଯୁବପିଢ଼ିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଶୁଭ୍ରାଂଶୁ।



ଶୁଭ୍ରାଂଶୁ

– ପୌର୍ଣ୍ଣମାସୀ

# ଓଡ଼ିଶା ଓମେନ୍ସ ଲିଗ୍ ଜର୍ସି ଉନ୍ମୋଚିତ




ଓଡ଼ିଶା ଓମେନ୍ସ ଫୁଟ୍‌ବଲ ଲିଗ୍ ଜର୍ସି ଉନ୍ମୋଚନ ଅବସରରେ କ୍ରିଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସହ ୬ଟି ଦଳର ଅଧିନାୟିକା।

**ଭୁବନେଶ୍ୱର, ୨୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଓମେନ୍ସ ଫୁଟ୍‌ବଲ ଲିଗ୍-୨୦୨୨ ପାଇଁ ଶନିବାର ଜର୍ସି ଉନ୍ମୋଚିତ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଫାଓ (ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା) ସମ୍ପାଦକ ଆଶୀର୍ବାଦ ବେହେରା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ୬ଟି ଦଳର ଜର୍ସି ଉନ୍ମୋଚନ କରିଥିଲେ। ଏହି ଅବସରରେ ଫାଓ କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଉପ ସଭାପତି ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅଭିଜିତ୍ ପାଲ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଓଏସ୍‌ଡି ଶୁଭେନ୍ଦୁ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ସମସ୍ତ ଅଂଶଗ୍ରହଣକାରୀ ଦଳର କୋଚ୍, ଅଧିନାୟକ ଏବଂ ମ୍ୟାନେଜର ସାମିଲ ଥିଲେ। ଓଡ଼ିଶା ଓମେନ୍ସ ଲିଗ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହା ଡବଲ ଲେଗ୍ ଫର୍ମାଟରେ ଖେଳାଯିବ। ଏଥିରେ ଭାଗ ନେଉଥିବା ୬ଟି ଦଳ ହେଲେ ସ୍ପୋର୍ଟ୍ସ ଓଡ଼ିଶା, ଓଡ଼ିଶା ପୋଲିସ, ଓଡ଼ିଶା ଏଫ୍‌ସି, ଇଷ୍ଟକୋଷ୍ଟ ରେଲୱେ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଏବଂ ଓଜିପି କ୍ଲବ। ଓଡ଼ିଶା ଓମେନ୍ସ ଲିଗ୍‌ର ଚାମ୍ପିୟନ ଦଳ ପରେ ଏଆଇଏଫ୍‌ଏଫ୍ (ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ) ଦ୍ୱାରା ଆୟୋଜିତ ହେବାକୁ ଥିବା ଇଣ୍ଡିଆନ୍ ଓମେନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିବ।

## ଆକାଶଦୀପଙ୍କ ହ୍ୟାଟ୍ରିକ୍ ସତ୍ତ୍ୱେ ଭାରତ ପରାସ୍ତ

**ଆଡିଲେଡ୍, ୨୬।୧୧ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ହକି ଟେଷ୍ଟ ସିରିଜ ଆରମ୍ଭ ହୋଇଛି। ଶନିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଆକାଶଦୀପ ସିଂଙ୍କ ହ୍ୟାଟ୍ରିକ ସତ୍ତ୍ୱେ ଶେଷ ମୁହୂର୍ତ୍ତରେ ଦୁଇଟି ଗୋଲ ବରଣ କରିବାରୁ ଭାରତ ୪-୫ ଗୋଲରେ ପରାସ୍ତ ହୋଇଛି। ଏହି ହାଇସ୍କୋରିଂ ମ୍ୟାଚରେ ଭାରତ ପକ୍ଷରୁ ଆକାଶଦୀପ ୧୦ମ, ୨୭ତମ ଓ ୫୯ତମ ମିନିଟରେ ତିନୋଟି ଗୋଲ ସ୍କୋର କରିଥିବା ବେଳେ ଅଧିନାୟକ ହରମନପ୍ରୀତ ସିଂ (୩୧ତମ) ଏକ ପେନାଲ୍ଟି କର୍ନରକୁ ଗୋଲରେ ରୂପାନ୍ତରିତ କରିଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ତରଫରୁ ଲାଚାନ ଶାର୍ପ (୫ମ), ନାଥାନ ଏଫ୍ରାମସ୍ (୨୧ତମ), ଟମ୍ କ୍ରେଗ୍ (୪୧ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିବା ବେଳେ ବ୍ଲେକ ଗ୍ରୋଭର୍ସ ୫୭ତମ ଓ ୬୦ତମ ମିନିଟ୍‌ରେ ଦୁଇଟି ପେନାଲ୍ଟି କର୍ନରକୁ ଗୋଲରେ ରୂପାନ୍ତରିତ କରି ମ୍ୟାଚର ପରିସମାପ୍ତି ଘଟାଇଥିଲେ। ସିରିଜର ଦ୍ୱିତୀୟ ମ୍ୟାଚ ରବିବାର ଖେଳାଯିବ। ମ୍ୟାଚର ଶେଷ ମୁହୂର୍ତ୍ତରେ ଦଳର ପ୍ରଦର୍ଶନକୁ ନେଇ ଭାରତର ମୁଖ୍ୟ କୋଚ୍ ଗ୍ରାହମ ରିଡ୍ ନୈରାଶ୍ୟ ପ୍ରକାଶ କରିଛନ୍ତି। ଏହି ଟୁର୍‌ରେ ସ୍ଥିର ପ୍ରଦର୍ଶନ ଆମର ମୂଳ ଲକ୍ଷ୍ୟ ରହିଛି। ରବିବାର ମ୍ୟାଚ ଆମ ପାଇଁ ଏକ ଚ୍ୟାଲେଞ୍ଜ ହେବ।


ବିଜୁ ଜନତା ଦଳ
ନିର୍ଭୀକ, ନିରପେକ୍ଷ ଓ ବାସ୍ତବ ଖବର ଦୀର୍ଘ ୪୯ ବର୍ଷ ଧରି ପରିବେଷଣ କରିଆସୁଥିବା 'ଧରିତ୍ରୀ'ର ଜନ୍ମବାର୍ଷିକୀରେ ସମସ୍ତ ପାଠକ ପାଠିକାଙ୍କୁ ଶୁଭେଚ୍ଛା । ଜଟଣୀ ନିର୍ବାଚନମଣ୍ଡଳୀ ଓ ଖୋର୍ଦ୍ଧା ଜିଲ୍ଲାର ର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କ ସୁସ୍ଥ ଓ ନିରାମୟ ଜୀବନ ପ୍ରାର୍ଥନା କରୁଛି ।
ବିଭୂତିଭୂଷଣ ବଳବଳନ୍ତରାୟ
ପୂର୍ବତନ ବିଧାୟକ, ଜଟଣୀ ନିର୍ବାଚନ ମଣ୍ଡଳୀ ତଥା ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳ ସଭାପତି

ଅଭିନନ୍ଦନ
ନିରପେକ୍ଷ ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୪୯ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ।
ପ୍ରମୋଦ ସିଜିନ୍ ସେଣ୍ଟର
ରାକ୍ଷୀ, ବାଣ, ଗ୍ରୀଟିଂସ ଏବଂ ହୋଲି ସାମଗ୍ରୀର ହୋଲ୍‌ସେଲ୍ ବିକ୍ରେତା
ରେଲୱେ ମାର୍କେଟ୍, ଜଟଣୀ, ଖୋରଧା

ନା ଦୁଃଖ, ନା ବିଡ଼ମ୍ବନା ରକ୍ତ, ନା ସାର୍ଥ, ଈର୍ଷା, ଅହଂ ଭାବନା । ସଦା ଝରିପଡୁ ଧରିତ୍ରୀ ପାଦରେ ସୁଖର ଝରଣା । ଏତିକି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
ଓଡ଼ିଶାର ଏକମାତ୍ର ନିରପେକ୍ଷ ଖବର କାଗଜ ଧରିତ୍ରୀର ୪୯ତମ ଜନ୍ମଦିବସରେ ଜଟଣୀ ନିର୍ବାଚନ ମଣ୍ଡଳୀର ସମସ୍ତ ଭାଇଭଉଣୀ ଏବଂ ସମସ୍ତ ବ୍ୟବସାୟୀ ବନ୍ଧୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଅଛି ।
BJD
ସୁଦର୍ଶନ ସୁନ୍ଦରାୟ
ଜଟଣୀ ବ୍ୟବସାୟୀ ମହାସଂଘ ସଭାପତି ତଥା ଖୋର୍ଦ୍ଧା ଜିଲ୍ଲା ବିଜେଡ଼ି ଉପସଭାପତି
କୁଦିଆରୀ, ଜଟଣୀ, ଖୋର୍ଦ୍ଧା ।

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଶୁଭ ଅବସରରେ ଜଟଣୀ ବ୍ଲକର ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଉଦ୍ୟାନ କୃଷି, ପ୍ରଶିକ୍ଷଣ ଓ ସଂପ୍ରସାରଣ କେନ୍ଦ୍ର,
ଜଟଣୀ, ଖୋରଧା

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ପଞ୍ଚାୟତ ଶିଳ୍ପ, ଜଟଣୀ
ଓଡ଼ିଶା ସରକାରଙ୍କ ନିୟନ୍ତ୍ରଣାଧୀନ ସଂସ୍ଥା ଏଠାରେ ସରକାରୀ ମୂଲ୍ୟରେ ସମସ୍ତ ପ୍ରକାର କାଠ, ଲୁହା ଓ ଷ୍ଟିଲରେ ନିର୍ମିତ ଗୃହ ଉପକରଣ ମିଳେ ।
ପଞ୍ଚାୟତ ଶିଳ୍ପ ଅଧିକାରୀ,
ଜଟଣୀ, ଖୋରଧା

ଅଭିନନ୍ଦନ
ଓଡ଼ିଶାର ଏକମାତ୍ର ଅପ୍ରତିଦ୍ୱନ୍ଦ୍ୱୀ ନିରପେକ୍ଷ ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୪୯ତମ ଜନ୍ମଦିବସ ଅବସରରେ ଜଟଣୀର ସମସ୍ତ ଗୁରୁଜନ, ଛାତ୍ରଛାତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଜ୍ଞାନ ଏକମାତ୍ର ଉପାଦାନ ଯାହା ମଣିଷକୁ କୌଣସି ସ୍ଥାନରେ, କୌଣସି ପରିସ୍ଥିତିରେ, କୌଣସି ସମୟରେ ଛାଡ଼ିନଥାଏ, ତେଣୁ ସମସ୍ତେ ପଢ଼ନ୍ତୁ, ସମସ୍ତେ ବଢ଼ନ୍ତୁ ।
ଡ. ତପନ କୁମାର ମିଶ୍ର
ଅଧ୍ୟାପକ, ଓଡ଼ିଆ ବିଭାଗ,
ଜଟଣୀ ମହାବିଦ୍ୟାଳୟ, ଜଟଣୀ, ଖୋରଧା

ଅଭିନନ୍ଦନ
ଓଡ଼ିଆ ଏବଂ ଓଡ଼ିଶାବାସୀଙ୍କ ସ୍ୱର, ନିରପେକ୍ଷ, ବାସ୍ତବ ଖବର ପରିବେଷଣର ଜ୍ୱଳନ୍ତ ଉଦାହରଣ । ନୀତି ଆଦର୍ଶର ପ୍ରତୀକ 'ଧରିତ୍ରୀ'ର ୪୯ତମ ଜନ୍ମ ଦିବସରେ ସମସ୍ତ ପାଠକ-ପାଠିକା ଏବଂ ଜଟଣୀବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ସମସ୍ତ ପ୍ରକାର ଡାକ୍ତରୀ ଔଷଧର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ
ଶୁଭମ୍ ମେଡିସିନ୍ ଷ୍ଟୋର
ପ୍ରଦୀପ କୁମାର ସାହୁ (ପ୍ରୋ)
ସୀତାରାମ ଛକ, ଜଟଣୀ, ଖୋରଧା

ଅଭିନନ୍ଦନ
ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ ଖବର କାଗଜ 'ଧରିତ୍ରୀ'ର ୪୯ତମ ଜନ୍ମବାର୍ଷିକୀ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା । ଏହି ଅବସରରେ ପୂର୍ବତଟ ରେଳପଥ ଖୋରଧାରୋଡ଼ ରେଳମଣ୍ଡଳର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କ ସୁସ୍ଥ ଜୀବନ ଏବଂ ଉନ୍ନତି କାମନା କରୁଛି ।
ପ୍ରଦୀପ କୁମାର ପାଟସାହାଣୀ (ବାବୁ)
ସାଧାରଣ ସମ୍ପାଦକ ପୂର୍ବତଟ ରେଳ ଶ୍ରମିକ ୟୁନିଅନ
ଜଟଣୀ, ଭୁବନେଶ୍ୱର

ଅଭିନନ୍ଦନ
ନିରପେକ୍ଷ, ଅପ୍ରତିଦ୍ୱନ୍ଦ୍ୱୀ ଦୈନିକ ଖବର କାଗଜ 'ଧରିତ୍ରୀ'ର ୪୯ତମ ଜୟନ୍ତୀ ଅବସରରେ ଜଟଣୀ ତଥା ଓଡ଼ିଶାର ଅଗଣିତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । 'ଧରିତ୍ରୀ' ଏମିତି ଆଗକୁ ଅଗ୍ରସର ହେଉଥାଉ ଜଗନ୍ନାଥ ନିକଟରେ ପ୍ରାର୍ଥନା ।
ଜ୍ୟୋତି ହ୍ୟାଣ୍ଡଲୁମ୍
ସମସ୍ତ ପ୍ରକାର ଲୁଗାପଟାର ହୋଲସେଲ୍ ବିକ୍ରେତା
ଇମାମବାଡ଼ା, ରାଜାବଜାର, ଜଟଣୀ, ଖୋରଧା

ନିଃସ୍ୱାର୍ଥପର ସେବାର ପ୍ରତୀକ । ଦିନ, ଦୁଃଖୀଙ୍କର ସ୍ୱର । ଓଡ଼ିଶା ଏବଂ ଓଡ଼ିଆଙ୍କ ସ୍ୱାଭିମାନ 'ଧରିତ୍ରୀ' ଖବର କାଗଜର ୪୯ତମ ସ୍ୱନକ୍ଷତ୍ର ଶୁଭ ଅବସରରେ ତାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।
ବିନାୟକ ସୁଇଟ୍‌ସ
ବିଭିନ୍ନ ପ୍ରକାର ସୁସ୍ୱାଦୁ, ମିଠା, ଛେନା, ପନୀର, ଖୁଆ ଆଦିର ନିର୍ଭରଯୋଗ୍ୟ ସୁଇଟ୍‌ସ ଷ୍ଟଲ ।
କଲେଜ ରୋଡ୍ ନୂଆ ବସ୍‌ଷ୍ଟାଣ୍ଡ,ଜଟଣୀ, ଖୋର୍ଦ୍ଧା

ଅଭିନନ୍ଦନ
ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୯ ତମ ଜନ୍ମ ଜୟନ୍ତୀ ଅବସରରେ ଧରିତ୍ରୀର ସମସ୍ତ କର୍ମକର୍ତ୍ତା, ପାଠକପାଠିକା ଏବଂ ଜଟଣୀବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଶ୍ରୀଯୁକ୍ତ ତ୍ରିଲୋଚନ ପଟ୍ଟନାୟକ
ଅଲ୍ ଓଡ଼ିଶା ଫାୟାର୍ ୱାର୍କସ୍ ଡିଲର୍ ଆସୋସିଏସନ୍ ପ୍ରେସିଡେଣ୍ଟ
ମହାବୀର ଭଣ୍ଡାର
ରାକ୍ଷୀ, ବାଣ, ଗ୍ରୀଟିଂସ ଏବଂ ହୋଲି ସାମଗ୍ରୀ, ସ୍ପେଶାଲିଷ୍ଟ ଇନ୍ ଡାଇରୀ, କ୍ୟାଲେଣ୍ଡର ଏବଂ ୱେଡିଙ୍ଗ୍ କାର୍ଡର ହୋଲସେଲ୍ ବିକ୍ରେତା ।
ରେଲୱେ ଗୋଲେଇ ମାର୍କେଟ୍, ଜଟଣୀ, ଖୋରଧା

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଏହାର ସମସ୍ତ କର୍ମକର୍ତ୍ତା ଏବଂ ଉପ-କୋଷାଗାରର ସମସ୍ତ ବେତନ ଏବଂ ପେନ୍‌ସନଧାରୀଙ୍କୁ ଆନ୍ତରିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।
ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା ଦିଗରେ 'ଧରିତ୍ରୀ' ଅଗ୍ରସର ହେଉ ଏତିକି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
ଉପ-କୋଷାଗାର ଅଧିକାରୀ,
ଜଟଣୀ, ଖୋରଧା

TVS
ଧରିତ୍ରୀର ୪୯ତମ ଜନ୍ମ ବାର୍ଷିକୀ ଅବସରରେ ସମସ୍ତ ପାଠକପାଠିକା ଏବଂ ବାଲୁଗାଁ ଅଞ୍ଚଳର ଟିଭିଏସ୍ ଗ୍ରାହକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା
ସତ୍ୟନାରାୟଣ ମୋଟର୍ସ
ମେନ୍ ରୋଡ଼, ବାଲୁଗାଁ - ୭୫୨୦୩୦, ଖୋର୍ଦ୍ଧା

ଅଭିନନ୍ଦନ
ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୪୯ତମ ଜନ୍ମଦିବସ ପାଳ ଅବସରରେ ସମସ୍ତ ପାଠକ ପାଠିକା ଏବଂ ବ୍ୟବସାୟୀ ଭାଇମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ମନୋଜ ସିଜିନ ସେଣ୍ଟର
ରାକ୍ଷୀ, ବାଣ, ଗ୍ରୀଟିଂସ ଏବଂ ହୋଲି ସାମଗ୍ରୀର ହୋଲ୍‌ସେଲ୍ ବିକ୍ରେତା
ରେଲୱେ ଗୋଲେଇ ମାର୍କେଟ୍, ଜଟଣୀ, ଖୋରଧା ।

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଉପଲକ୍ଷେ ଅଗଣିତ ପାଠକପାଠିକା ଏବଂ ବାଲୁଗାଁ ଅଞ୍ଚଳର ସମସ୍ତ ଗ୍ୟାସ ଉପଭୋକ୍ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।
HP GAS
ମଡର୍ଣ୍ଣ ଲିଭିଙ୍ଗ ଏଚ୍.ପି. ଗ୍ୟାସ୍
ସରଳାପଦର ଛକ, ବାଲୁଗାଁ

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା । ଏହି ଅବସରରେ ବଡ଼କୁଳ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
ଭ୍ରମର ପାଇକରାୟ
ସମାଜସେବୀ, ବଡ଼କୁଳ ପଞ୍ଚାୟତ

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା । ଏହି ଅବସରରେ ବାଲୁଗାଁ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
ଡ.ଲକ୍ଷ୍ମୀଧର ସୁବୁଦ୍ଧି
ଅଧ୍ୟାପକ, ବାଲୁଗାଁ ମହାବିଦ୍ୟାଳୟ

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା । ଏହି ଅବସରରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ଉତ୍ତରୋତ୍ତର କାମନା କରିବା ସହ ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ।
ଅଭିମନ୍ୟୁ ସ୍ୱାଇଁ
ବିଜେଡି ମୁଖପାତ୍ର, ଚିଲିକା ନିର୍ବାଚନ ମଣ୍ଡଳୀ ଓ କାଉନସିଲର, ୧ନଂ ୱାର୍ଡ, ବାଲୁଗାଁ ଏନ୍‌ଏସି

ଅଭିନନ୍ଦନ
'ଧରିତ୍ରୀ'ର ୪୯ତମ ଜନ୍ମଜୟନ୍ତୀର ଶୁଭ ଅବସରରେ 'ଧରିତ୍ରୀ'ର ସମସ୍ତ ପାଠିକାପାଠକ ଏବଂ ଶୁଭେଚ୍ଛାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ନିରପେକ୍ଷ, ବାସ୍ତବ ଖବର ପରିବେଷଣ କରିବା ସହିତ 'ଧରିତ୍ରୀ' ଓଡ଼ିଆ ଜାତିର ମାନ, ସମ୍ମାନ ଓ ସ୍ୱାଭିମାନ ରକ୍ଷାଦିଗରେ ଯେଉଁ ପ୍ରଚେଷ୍ଟା ଜାରି ରଖିଛି ତାହା ଆହୁରି ଅଗ୍ରସର ହେଉ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
କବି ପାଇକରାୟ
ସମାଜସେବୀ ତଥା ଭାଜପା ଉପସଭାପତି,
ଜଟଣୀ ନଗର, ଜଟଣୀ

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ।
ଏହି ଅବସରରେ ଜିଲ୍ଲା ପରିଷଦ ୬ ନମ୍ବର ଜୋନର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସୁଖସମୃଦ୍ଧି କାମନା କରୁଅଛି ।
ସବିତା ସୁନ୍ଦରାୟ
୬ନଂ. ଜିଲ୍ଲା ପରିଷଦ ଜୋନ୍ ସଦସ୍ୟା,ଚିଲିକା ବ୍ଲକ, ଖୋର୍ଦ୍ଧା

Best wishes to 49th Birth Anniverary of Dharitri Odia News Daily
ASSA
Play School
22nd Batch of ASSA
GOOD BEGNNINGS MAKES GOOD END
Kids learn while they play
Kids play while they learn
Principal
(Assa Play School)
Assa Building, Ramachandrapur Bazar, Main Road, Near Petrol Pump, Jatani, Khordha
Contact-
9861168283, 9238687388

# ‘ଉତ୍କଳ ବିଶ୍ୱବିଦ୍ୟାଳୟ’ର ଗୌରବୋଜ୍ଜ୍ୱଳ ଅଶୀବର୍ଷ

ପ୍ରଫେସର ସବିତା ଆଚାର୍ଯ୍ୟ
କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ

୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସରୁ ଆଜି ଭିତରେ ଦୀର୍ଘ ଆଠ ଦଶନ୍ଧିର ବ୍ୟବଧାନ। ପରାଧୀନ ଭାରତରେ ୧୭ତମ ପ୍ରାଚୀନ ବିଶ୍ୱବିଦ୍ୟାଳୟ ଭାବେ ସ୍ଥାପନା ହୋଇଥିବା ଏହି ବିଶ୍ୱବିଦ୍ୟାଳୟ ଆଜି ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରୁ ଏହା ଭିତରେ ସଫଳତାର ଅଶୀ ବର୍ଷରେ ପଦାର୍ପଣ କରିବାର ଅନନ୍ୟ ଗୌରବର ଅଧିକାରୀ ହୋଇଛି। ୧୯୩୮ ମାର୍ଚ୍ଚ ୨ ରେ ଓଡ଼ିଶାର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଓଡ଼ିଶାରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ, ତାହା ଗୋଦାବରୀଶ ମିଶ୍ରଙ୍କ ଉଦ୍ୟମରେ ୩୦ ଜୁନ୍ ୧୯୪୩ରେ ଚୂଡ଼ାନ୍ତ ରୂପ ପାଇ ବିଧାନସଭାରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ୧୯୪୩ ଅଗଷ୍ଟ ୨ ରେ ବିଶ୍ୱବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରାଯାଇ ଏହାର ନାମ ରଖାଯାଇଥିଲା ‘ଉତ୍କଳ ବିଶ୍ୱବିଦ୍ୟାଳୟ।’ ଏହା ପରାଧୀନ ଭାରତରେ ପ୍ରତିଷ୍ଠା ଲାଭ କରିଥିବା ଶେଷ ବିଶ୍ୱବିଦ୍ୟାଳୟ ଥିଲା। ସେଦିନର ସେହି ଶିକ୍ଷା ଓ ସଂସ୍କୃତିର କଳ୍ପବୀଜଟି ଆଜି ଓଡ଼ିଶାର ଶିକ୍ଷାୟତନର ବୋଧିଦ୍ରୁମରେ ପରିଣତ ହୋଇଛି। ସେଦିନ କଳା, ବିଜ୍ଞାନ, ଆଇନ ଏବଂ ଶିକ୍ଷା ଆଦି ୪ଟି ବିଭାଗକୁ ନେଇ ଆରମ୍ଭ ହୋଇଥିବା ଏହି ବିଶ୍ୱବିଦ୍ୟାଳୟରେ ଏବେ ୩୦ରୁ ଊର୍ଦ୍ଧ୍ୱ ବିଭାଗରେ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ନଅଟି ଉତ୍କର୍ଷ କେନ୍ଦ୍ର, ୨ଟି ସହବନ୍ଧିତ ଆଇନ ମହାବିଦ୍ୟାଳୟ ଏବଂ ଗୋଟିଏ ଦୂର ନିରନ୍ତର ନିର୍ଦ୍ଦେଶାଳୟ (ଡି.ଡି.ସି.ଇ.) ରହିଛି। ବିଶ୍ୱବିଦ୍ୟାଳୟ ପରିସରରେ ପପୁଲେଶନ ଷ୍ଟଡିଜ୍ ସେଣ୍ଟର, ସ୍କୁଲ ଅଫ୍ ୱମେନ୍ସ ଷ୍ଟଡିଜ୍ ସେଣ୍ଟର, ଆମ୍ବେଦକର ଷ୍ଟଡି ସେଣ୍ଟର ଏବଂ ସୋସିଆଲ୍ ଏକ୍ସକ୍ଲୁଜିଅନ୍ ଆଣ୍ଡ ଇନ୍‌କ୍ଲୁସିଭ୍ ପଲିସି ଷ୍ଟଡି ସେଣ୍ଟର, ଏକାଡେମିକ୍ ଷ୍ଟାଫ୍ କଲେଜ, ପ୍ରି ସ୍କୁଲ ‘ଡାର୍ସି’ ଏବଂ ୟୁନିଭର୍ସିଟି ହାଇସ୍କୁଲ ଖୋଲାଯାଇଛି। ବର୍ତ୍ତମାନ ୧୫ଟି ସ୍ୱୟଂଶାସିତ କଲେଜ ସମେତ ୩୦୦ରୁ ଅଧିକ ଅନୁବନ୍ଧିତ ମହାବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଛି। ସମୟୋପଯୋଗୀ ‘ସେଲ୍ଫ ଫାଇନାନ୍ସିଂ’ ଏବଂ ‘ଇନୋଭେଟିଭ୍’ ପାଠ୍ୟକ୍ରମ ପ୍ରଚଳନ କରାଯାଇଛି। ବାଣୀବିହାର କ୍ୟାମ୍ପସରେ ପ୍ରାୟ ୪୫୦୦ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଗ୍ରହଣ କରୁଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟରେ ୨.୭ ଲକ୍ଷ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ନିଜର ଗୁଣାତ୍ମକ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଏବଂ ଗବେଷଣା ପାଇଁ ରାଜ୍ୟର ଏକମାତ୍ର ସରକାରୀ ବିଶ୍ୱବିଦ୍ୟାଳୟ ଭାବେ କ୍ରମାଗତ ତିନିବର୍ଷ ଧରି ଜାତୀୟ ର୍‍ୟାଙ୍କିଙ୍ଗ୍‌ରେ ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ତାଲିକାରେ ସାମିଲ ହୋଇଥିବାର ବିରଳ କୃତିତ୍ୱ ହାସଲ କରିଛି।


ବିଶ୍ୱବିଦ୍ୟାଳୟ ପରିସରରେ ବୃହତ୍ ‘ଦୀକ୍ଷାନ୍ତ ଭବନ’, ଅହିଂସା ସ୍ଥଳ ନାମରେ ଆକର୍ଷଣୀୟ ଉଦ୍ୟାନ, ପରିଜା ପାଠାଗାର, ଇ-ଲାଇବ୍ରେରିର ପ୍ରତିଷ୍ଠା, ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଏବଂ ବୃହତ୍ତର ସ୍ୱୟଂଶାସିତା ପ୍ରାପ୍ତି, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଉତ୍କର୍ଷ ଓ ସମାନତା ପରିଯୋଜନା ଅଧୀନରେ ଭିତ୍ତିଭୂମି ବିକାଶ ପାଇଁ ଅନୁଦାନ(ରୁସା ଓ ବିଶ୍ୱବ୍ୟାଙ୍କ-ଓ.ଏଚ୍.ଇ.ପି.ଇ.ଇ.)ସହାୟତା, ଓଡ଼ିଶା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ସଚେତନତା ଶିବିର ଆୟୋଜନ ସହ ‘ବାର୍କ ଟେକ୍ନୋଲୋଜି’ର ବିସ୍ତାର, ସର୍ଜନଶୀଳ ଦକ୍ଷତାର ବିକାଶ, ନୂତନ ଔଦ୍ୟୋଗିକ ଜ୍ଞାନ ଆହରଣ, ବିଶ୍ୱବିଦ୍ୟାଳୟ ଓ ଆଞ୍ଚଳିକସ୍ତରରେ ବୃହତ୍ତର ଗବେଷଣା ପାଇଁ ପ୍ରଶିକ୍ଷଣର ‘ସେଣ୍ଟର ଫର ଇନୋଭେଶନ ଆଣ୍ଡ ଇନ୍‌କ୍ୟୁବେଶନ(ସିଆଇଆଇ)’ କାର୍ଯ୍ୟକ୍ଷମ, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା)ର ଆର୍ଥିକ ଅନୁଦାନ ସହାୟତାରେ ୧୦ଟି ଏବଂ ବିଶ୍ୱ ବ୍ୟାଙ୍କର ଆର୍ଥିକ ଅନୁଦାନ ସହାୟତାରେ ୩ଟି ଉତ୍କର୍ଷ ଗବେଷଣା କେନ୍ଦ୍ର ସ୍ଥାପନ, ବିଦ୍ୟାର୍ଥୀଙ୍କ ପାଇଁ ଛାତ୍ରାବାସଗୁଡ଼ିକର ନବୀକରଣ ଆଦିକୁ ଦେଖିଲେ ଏହି ସମୟାବଧି ଭିତରେ ଯେ ବ୍ୟାପକ ଉନ୍ନତି ହୋଇଛି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

















See Career Appointment on every Wednesday & Saturday






























Your classified advertisement published in Dharitri will be listed free in Dharitri online edition :
www.dharitri.com

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ରବିବାର, ୨୭ ନଭେମ୍ବର, ୨୦୨୨ Rayagada, Sunday, November 27/2022

# ୧୨ ବର୍ଷ ପରେ ଜିତିଲା ଅଷ୍ଟ୍ରେଲିଆ

ଅଲ ୱାକରା(କାତାର),୨୬।୧୧,(ପି.ଟି.)

ଚଳିତ ଫିଫା ବିଶ୍ୱକପ୍‌ରେ ନିଜର ପ୍ରଥମ ବିଜୟ ହାସଲ କରିଛି ଅଷ୍ଟ୍ରେଲିଆ। ଟ୍ୟୁନିସିଆକୁ ୧-୦ରେ ହରାଇବା ସହିତ ଶନିବାର ପ୍ରଥମ ବିଜୟ ହାସଲ କରିଛି ଦଳ। ଏହା ସହିତ ଗ୍ରୁପ୍ ଡି'ର ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନରେ ରହି ନକ୍‌ଆଉଟ ଆଶା ଉଜ୍ଜୀବିତ ରଖିଛି। ଅଲ ଜନୌବ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ମିଚେଲ୍ ଡ୍ୟୁକଙ୍କ ଏକମାତ୍ର ଗୋଲ ବଳରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି।

**ଫିଫା ବିଶ୍ୱକପ୍ ଫୁଟ୍‌ବଲ**



ବିଜୟ ପରେ ଖୁସି ମୁହୂର୍ତ୍ତରେ ଗୋଲ୍ ସ୍କୋରର୍ ମିଚେଲ୍ ଡ୍ୟୁକ୍(ମଝି)।

ମ୍ୟାଚର ପ୍ରଥମାର୍ଦ୍ଧରେ ହିଁ ଡ୍ୟୁକ ଏହି ଗୋଲ ସ୍କୋର କରିଥିଲେ। ସେହିପରି ୧୨ ବର୍ଷ ପରେ ଅଷ୍ଟ୍ରେଲିଆ ବିଶ୍ୱକପ୍‌ରେ ବିଜୟ ହାସଲ କରିଛି। ଶେଷ ଥର ପାଇଁ ୨୦୧୦ ବିଶ୍ୱକପରେ ଦଳ ସର୍ବିଆ ବିପକ୍ଷରେ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଫ୍ରାନ୍ସ ନିକଟରୁ ଅଷ୍ଟ୍ରେଲିଆ ୪-୧ରେ ପରାଜିତ ହୋଇଥିଲା। ସେହିପରି ୟୁରୋ ସେମିଫାଇନାଲିଷ୍ଟ ଡେନ୍‌ମାର୍କ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଥିବା ଟ୍ୟୁନିସିଆ ସହିତ ପଏଣ୍ଟ ଭାଗ କରିଥିବା ଏହି ଦଳକୁ ପରାସ୍ତ କରି ଅଷ୍ଟ୍ରେଲିଆ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଶନିବାର ଟ୍ୟୁନିସିଆ ୩-୪-୨-୧ ଓ ଅଷ୍ଟ୍ରେଲିଆ ୪-୪-୨ କମ୍ବିନେଶନ ସହିତ ପଡିଆକୁ ଓହ୍ଲାଇଥିଲେ। ଟ୍ୟୁନିସିଆ ଦଳ ମ୍ୟାଚର ୫୮% ସମୟ ବଲକୁ ନିୟନ୍ତ୍ରଣରେ ମଧ୍ୟ ରଖିଥିଲା। ଏପରିକି ଟ୍ୟୁନିସିଆ ଦଳର ୧୪ ଶଟ୍ ଟାର୍ଗେଟରେ ରହିଥିବା ବେଳେ ଅଷ୍ଟ୍ରେଲିଆର ୯ଟି ଶଟ୍ ଟାର୍ଗେଟରେ ରହିଥିଲା। ଅଷ୍ଟ୍ରେଲିଆ ଓ ଟ୍ୟୁନିସିଆ ପକ୍ଷରୁ ଯଥାକ୍ରମେ ୧୫ ଓ ୧୬ଟି ଲେଖାଏ ଫାଉଲ୍ କରାଯାଇଥିବା ବେଳେ ଟ୍ୟୁନିସିଆକୁ ୩ ୟେଲୋ କାର୍ଡ ମିଳିଥିଲା। ପ୍ରଥମାର୍ଦ୍ଧର ୨୩ ତମ ମିନିଟରେ ହିଁ ମ୍ୟାଚର ଏକମାତ୍ର ଗୋଲ ଦେଖିବାକୁ ମିଳିଥିଲା। ବାମ ପାର୍ଶ୍ୱରୁ କ୍ରେଗ ଗୁଡୱିନ୍‌ଙ୍କ ଏକ ଶକ୍ତିଶାଳୀ ଶଟ୍‌କୁ ଅଟକାଇବାକୁ ପ୍ରୟାସ କରିଥିଲେ ଟ୍ୟୁନିସିଆ ଡିଫେଣ୍ଡର। ତେବେ ଶଟ୍‌ଟି ତାଙ୍କ ବୁଟ୍‌ରେ ବାଜି ଉଠି ଯାଇଥିବା ବେଳେ ଏହାକୁ ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ ମିଚେଲ୍ ଡ୍ୟୁକ୍। ଗୋଲ ସ୍କୋର କରିବା ପରେ ଆଙ୍ଗୁଠିରେ ଜେ ଆକୃତିର ମୁଦ୍ରା ସହିତ ସେ ସେଲିବ୍ରେଶନ୍ କରିଥିଲେ। ଦର୍ଶକ ଷ୍ଟାଣ୍ଡରେ ଉପସ୍ଥିତ ଥିବା ପୁଅ ଜାକ୍ସନ୍ ପାଇଁ ସେ ଏହି ସେଲିବ୍ରେଶନ କରିଥିଲେ। ଷ୍ଟାଡିୟମରେ ଶନିବାର ୪୧,୮୨୩ ଦର୍ଶକ ଉପସ୍ଥିତ ରହିଥିବା ବେଳେ ଏହା ମଧ୍ୟରେ ଅଧିକାଂଶ ଟ୍ୟୁନିସିଆର ଦର୍ଶକ ରହିଥିଲେ। ସେହିପରି ମ୍ୟାଚ ଶେଷ ବେଳକୁ ଟ୍ୟୁନିସିଆର ଫ୍ୟାନ୍‌ମାନେ ଏକ ବଡ ଫ୍ରି ପାଲେଷ୍ଟାଇନ୍ ପତାକା ଧରି ଷ୍ଟାଡିୟମରେ ପ୍ରଦର୍ଶନ କରିଥିଲେ।

# ପୋଲାଣ୍ଡର ପ୍ରଥମ ବିଜୟ

ଦୋହା,୨୬।୧୧(ପି.ଟି.)

ଚଳିତ ଫିଫା ବିଶ୍ୱକପ୍‌ରେ ପ୍ରଥମ ବିଜୟ ହାସଲ କରିଛି ପୋଲାଣ୍ଡ। ଶନିବାର ଏଜୁକେଶନ ସିଟି ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ସାଉଦି ଆରବକୁ ୨-୦ ଗୋଲରେ ପରାସ୍ତ କରିଛି ଦଳ। ରବର୍ଟ ଲିୱାଣ୍ଡୋସ୍କି ବିଶ୍ୱକପ୍ ଇତିହାସରେ ନିଜର ପ୍ରଥମ ଗୋଲ ସ୍କୋର କରିବାରେ ସମର୍ଥ ହୋଇଛନ୍ତି। ଲିୱାଣ୍ଡୋସ୍କିଙ୍କ ବ୍ୟତୀତ ପିଓଟ୍ର ଜିଲେନସ୍କି ଅନ୍ୟ ଗୋଲଟି ସ୍କୋର କରିଥିଲେ।

ପ୍ରଥମ ମ୍ୟାଚରେ ଆର୍ଜେଣ୍ଟିନାକୁ ପରାସ୍ତ କରିଥିବା ସାଉଦି ଆରବ ଏହି ମ୍ୟାଚରେ ସମ୍ପୂର୍ଣ୍ଣ ଆକ୍ରମଣାତ୍ମକ ଭୂମିକାରେ ନଜର ଆସିଥିଲା। ସାଉଦି ଆରବ ୪-୧-୪-୧ ଓ ପୋଲାଣ୍ଡ ୪-୪-୨ କମ୍ବିନେଶନ ସହିତ ପଡିଆକୁ ଓହ୍ଲାଇଥିଲେ। ତେବେ ସାଉଦି ଆରବ ମ୍ୟାଚର ୬୪% ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା। ଦଳ ୧୬ଟି ଶଟ୍ ମାରିଥିବା ବେଳେ ୫ଟି ଶଟ୍ ଟାର୍ଗେଟରେ ରହିଥିଲା। ଅନ୍ୟପକ୍ଷରେ ପୋଲାଣ୍ଡ ଦଳ ମାତ୍ର ୯ଟି ଶଟ୍ ମାରିଥିବା ବେଳେ ୩ଟି ଶଟ୍ ଟାର୍ଗେଟରେ ରହିଥିଲା। ସାଉଦି ଆରବ ଓ ପୋଲାଣ୍ଡ ପକ୍ଷରୁ ଯଥାକ୍ରମେ ୧୫ ଓ ୧୮ଟି ଫାଉଲ୍ ମରା ଯାଇଥିଲା। ମ୍ୟାଚର ୩୯ତମ ମିନିଟରେ ପିଓଟ୍ର ଜିଲେନସ୍କି ପୋଲାଣ୍ଡ ପକ୍ଷରୁ ପ୍ରଥମ ଗୋଲ କରିଥିଲେ। ରବର୍ଟ ଲିୱାଣ୍ଡୋସ୍କିଙ୍କ ଆସିଷ୍ଟରେ ସେ ଏହି ଗୋଲ ସ୍କୋର କରିଥିଲେ। ଲିୱାଣ୍ଡୋସ୍କିଙ୍କ ଶଟ୍‌କୁ ସାଉଦି ଗୋଲରକ୍ଷକ ଓଏସିସ୍ ଅଟକାଇଥିବା ବେଳେ ରିବାଉଣ୍ଡକୁ ଜିଲେନସ୍କିଙ୍କୁ ପାସ୍ କରିଥିଲେ। ସେ ଏହାକୁ ଗୋଲ ପୋଷ୍ଟ ମଧ୍ୟକୁ ପଠାଇବା ସହିତ ପୋଲାଣ୍ଡକୁ ୧-୦ରେ ଆଗୁଆ କରିଥିଲେ। ଏହାପରେ ଉଭୟ ଦଳ ପକ୍ଷରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରାଯାଇଥିବା ବେଳେ ପୋଲାଣ୍ଡକୁ ୩ ଓ ସାଉଦି ଆରବକୁ ୨ଟି ୟେଲୋ କାର୍ଡ ପ୍ରଦାନ କରାଯାଇଥିଲା। ମ୍ୟାଚର ୮୨ ତମ ମିନିଟରେ ରବର୍ଟ ଲିୱାଣ୍ଡୋସ୍କି ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପୋଲାଣ୍ଡ ପକ୍ଷରୁ ସର୍ବାଧିକ ଗୋଲ ସ୍କୋର କରିଥିବା ଲିୱାଣ୍ଡୋସ୍କି ବିଶ୍ୱକପ୍ ଇତିହାସରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଡିଫେଣ୍ଡର ଅବଦୁଲ୍ଲା ଅଲ ମଲିକଙ୍କ ତ୍ରୁଟି କାରଣରୁ ଲିୱାଣ୍ଡୋସ୍କିଙ୍କୁ ବଲ୍‌ର ପଜେଶନ୍ ମିଳିଯାଇଥିଲା। ପୋଲାଣ୍ଡର ଏହି ଅଭିଜ୍ଞ ଫରୱାର୍ଡ ଏହାକୁ ଗୋଲରେ ପରିଣତ କରିଥିଲେ।



ପୋଲାଣ୍ଡ ଓ ସାଉଦିଆରବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**

**ଜାପାନ ବନାମ କୋଷ୍ଟାରିକା**
ସ୍ଥାନ: ଅଲ ରାୟାନ ଷ୍ଟାଡିୟମ
ସମୟ: ଅପରାହ୍ନ ୩.୩୦

**ବେଲଜିୟମ ବନାମ ମରକ୍କୋ**
ସ୍ଥାନ: ଅଲ ଥୁମାମା ଷ୍ଟାଡିୟମ
ସମୟ: ସନ୍ଧ୍ୟା ୬.୩୦

**କ୍ରୋଏସିଆ ବନାମ କାନାଡ଼ା**
ସ୍ଥାନ: ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ, ସମୟ: ରାତି ୯.୩୦

**ସ୍ପେନ୍ ବନାମ ଜର୍ମାନୀ**
ସ୍ଥାନ: ଅଲ ବାୟତ ଷ୍ଟାଡିୟମ
ସମୟ: ରାତି ୧୨.୩୦

# ଇଂଲଣ୍ଡ-ଆମେରିକା ମ୍ୟାଚ୍ ଡ୍ର

**ଦୋହା,୨୬।୧୧:** ସ୍ଥାନୀୟ ଅଲବାୟତ ଷ୍ଟାଡିୟମରେ ଶୁକ୍ରବାର ଇଂଲଣ୍ଡ ଓ ଆମେରିକା ମଧ୍ୟରେ ଖେଳାଯାଇଥିବା ଫିଫା ଫୁଟ୍‌ବଲ ବିଶ୍ୱକପ୍ ଗ୍ରୁପ୍ 'ବି'ର ଏକ ମ୍ୟାଚ ଗୋଲ ଶୂନ୍ୟଭାବେ ଶେଷ ହୋଇଛି। ମ୍ୟାଚଟି ଖୁବ୍ ସଂଘର୍ଷ ପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଗୋଲ୍ ଦେବା ଲାଗି ଉଦ୍ୟମ କରି ବିଫଳ ହୋଇଥିଲେ। ଇଂଲଣ୍ଡ ପୂର୍ବରୁ ଇରାନ ବିପକ୍ଷ ପ୍ରଥମ ମ୍ୟାଚ ୬-୨ ଗୋଲ୍‌ରେ ଜିତିଥିଲା। ତେବେ ଶୁକ୍ରବାର ଏହାର ଦ୍ୱିତୀୟ ମ୍ୟାଚ ଜିତିବାରେ ସଫଳ ହୋଇପାରି ନାହିଁ। ସୂଚନାଯୋଗ୍ୟ, ଇଂଲଣ୍ଡ ପୂର୍ବରୁ ବିଶ୍ୱକପ୍‌ରେ ୩ଥର କ୍ରମାଗତ ପ୍ରଥମ ଦୁଇଟି ମ୍ୟାଚରେ ବିଜୟ ହାସଲ କରିଥିଲା। ପୂର୍ବରୁ ୧୯୮୨, ୨୦୦୬ ଓ ୨୦୧୮ରେ ଦଳ ପ୍ରଥମ ଦୁଇଟି ମ୍ୟାଚ ଜିତିବାରେ ସଫଳ ହୋଇଥିଲା। ୨୦୧୮ ସଂସ୍କରଣରେ ଇଂଲଣ୍ଡ ଏହାର ଦ୍ୱିତୀୟ ମ୍ୟାଚରେ ପାନାମାକୁ ୬-୧ ଗୋଲ୍‌ରେ ପରାସ୍ତ କରିଥିଲା। ଦୁଇ ଦଳର ରେକର୍ଡ ଉପରେ ଦୃଷ୍ଟି ପକାଇଲେ ବିଶ୍ୱକପ୍‌ରେ ଇଂଲଣ୍ଡ କେବେ ହେଲେ ଆମେରିକାକୁ ପରାସ୍ତ କରିବାରେ ସମର୍ଥ ହୋଇ ନାହିଁ। ୧୯୫୦ରେ ଇଂଲଣ୍ଡ ବିପକ୍ଷରେ ଆମେରିକା ୧-୦ ଗୋଲ୍‌ରେ ବିଜୟ ଲାଭ କରିଥିଲା। ୨୦୧୦ରେ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୧-୧ରେ ଅମୀମାଂସିତ ଭାବେ ଶେଷ ହୋଇଥିଲା।

# ନେଦରଲାଣ୍ଡସ୍‌କୁ ଟକ୍କରଦେଲା ଇକ୍ୱେଡର

ଦୋହା, ୨୬।୧୧

ଚଳିତ ଫିଫା ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ଏକ ଗ୍ରୁପ୍ 'ଏ' ମ୍ୟାଚରେ ଶକ୍ତିଶାଳୀ ନେଦରଲାଣ୍ଡସ୍‌କୁ କଡ଼ା ଟକ୍କର ଦେଇଛି ଇକ୍ୱେଡର। ମ୍ୟାଚଟି ୧-୧ ଗୋଲରେ ଡ୍ର ରହିଛି। ମ୍ୟାଚର ୬ଷ୍ଠ ମିନିଟରେ କୋଡି ଗାକପୋଙ୍କ ଗୋଲ ବଳରେ ନେଦରଲାଣ୍ଡସ୍ ଅଗ୍ରଣୀ ନେଇଥିଲେ ହେଁ ସହଜରେ ହାର ମାନି ନ ଥିଲା ଇକ୍ୱେଡର। ପ୍ରଥମାର୍ଦ୍ଧରେ ଯଦିଓ ନେଦରଲାଣ୍ଡସ୍ କିଛିଟା ପ୍ରଭାବୀ ରହିଥିଲା ତେବେ ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୪୯ତମ ମିନିଟରେ ଇନେର ଭାଲେନ୍ସିଆଙ୍କ ଗୋଲ ବଳରେ ଇକ୍ୱେଡର ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାପରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ଫଳରେ ଦୁଇ ଦଳ ପଏଣ୍ଟ ଭାଗ କରିବାକୁ ବାଧ୍ୟ ହୋଇଥିଲେ। ୨ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ଉଭୟ ଦଳ ୪ ପଏଣ୍ଟ ଲେଖାଏ ପାଇଛନ୍ତି। ୨୯ ତାରିଖରେ ଇକ୍ୱେଡର ଓ ସେନେଗାଲ ମୁକାବିଲା ହେବାକୁ ଥିବାବେଳେ କାତାରକୁ ଭେଟିବ ନେଦରଲାଣ୍ଡସ୍। ପ୍ରତି ଗ୍ରୁପରୁ ୨ଟି ଦଳ ନକ୍‌ଆଉଟକୁ ଯିବାର ଥିବାରୁ ଇକ୍ୱେଡର-ସେନେଗାଲ ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିବ।

# ସାଉଦି ଆରବ ଖେଳାଳିଙ୍କୁ ରୋଲ୍ସ ରଏସ୍

**ଦୋହା,୨୬।୧୧,(ପି.ଟି.):** ଆର୍ଜେଣ୍ଟିନାକୁ ପରାସ୍ତ କରିଥିବା ସାଉଦି ଆରବ ଦଳର ସମସ୍ତ ଖେଳାଳିଙ୍କୁ ମିଳିବ ବିଳାସପୂର୍ଣ୍ଣ ରୋଲ୍ସ ରଏସ୍ କାର୍। ଚଳିତ ବିଶ୍ୱକପର ପ୍ରଥମ ଓ ସବୁଠାରୁ ବଡ ବିପର୍ଯ୍ୟୟ ଭାବରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନାକୁ ୨-୧ରେ ପରାସ୍ତ କରିଥିଲା।ଏହାକୁ ବିଶ୍ୱକପ ଇତିହାସର ସବୁଠାରୁ ବଡ ବିପର୍ଯ୍ୟୟ ଭାବରେ ମଧ୍ୟ ଗଣାଯାଉଛି। ଏହି ବିଜୟ ପରେ ସାଉଦି ଆରବରେ ଦିନିକିଆ ଛୁଟି ମଧ୍ୟ ଘୋଷଣା କରାଯାଇଥିଲା। ରାଜ ପରିବାର ପକ୍ଷରୁ ବିଜୟୀ ଦଳର ସମସ୍ତଙ୍କୁ ରୋଲ୍ସ ରୟସ କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଆରଏମ୍-୬ ମିଲିୟନ ରୋଲ୍ସ ରଏସ ଫାଣ୍ଟମ ବିଳାସପୂର୍ଣ୍ଣ କାର୍‌ର ମୂଲ୍ୟ ୫ ଲକ୍ଷ ପାଉଣ୍ଡ ରହିଛି।

# ମେସିଙ୍କ ପାଇଁ କେରଳରୁ କାତାର

ଦୁବାଇ,୨୬।୧୧(ପି.ଟି.)

ଆର୍ଜେଣ୍ଟିନା ଫୁଟବଲ ଦଳର ଅଧିନାୟକ ଲିଓନେଲ ମେସିଙ୍କୁ ଭେଟିବାକୁ ସୋଲୋ ଟ୍ରିପ୍‌ରେ ଯାଇଛନ୍ତି ୫ ସନ୍ତାନର ଜନନୀ। କେରଳର ୩୩ ବର୍ଷୀୟା ନାଜି ନୌସି ଅକ୍ଟୋବରରୁ ଏହି ସୋଲୋ ଟ୍ରିପ୍‌ରେ ଯାତ୍ରା ଆରମ୍ଭ କରିଥିଲେ। ସେ ମେସିଙ୍କୁ ନିଜ ହିରୋ ମାନୁଥିବା ବେଳେ ତାଙ୍କୁ ଭେଟିବା ପାଇଁ କେରଳରୁ କାତାର ଅଭିମୁଖେ ଯାତ୍ରା କରିଛନ୍ତି। ମୁମ୍ବାଇରୁ ନିଜର ଏସ୍‌ୟୁଭି କାର୍‌କୁ ପାଣି ଜାହାଜରେ ଓମାନ୍ ପଠାଇବା ପରେ ସେ ଯାତ୍ରା ଆରମ୍ଭ କରିଥିଲେ। ମସ୍କାଟରୁ ନିଜ ଏସ୍‌ୟୁଭି ଚଳାଇ ୟୁଏଇ ଅଭିମୁଖେ ଯାତ୍ରା କରିଥିଲେ। ହାଟ୍ଟା ବର୍ଡର ଦେଇ ଯିବା ସମୟରେ ସେ ବିଶ୍ୱର ଉଚ୍ଚତମ ବିଲ୍ଡିଂ ବୁର୍ଜ ଖଲିଫା ମଧ୍ୟ ବୁଲିଥିଲେ। ଉଲ୍ଲେଖଯୋଗ୍ୟ ଯେ,ଆର୍ଜେଣ୍ଟିନା ପ୍ରଥମ ମ୍ୟାଚରେ ସାଉଦି ଆରବ ନିକଟରୁ ୨-୧ରେ ପରାଜିତ ହୋଇଥିଲା। ମେସିଙ୍କ ଦଳ ପରାଜିତ ହୋଇଥିଲେ ହେଁ ଦଳ ଟାଇଟଲ ହାସଲ କରିବା ନେଇ ସେ ଆଶାବାଦୀ ଥିବା ନୌସି କହିଛନ୍ତି। 'ଓଲୁ' ନାମକ ଏହି ଏସ୍‌ୟୁଭିରେ ବିଲ୍ଟ ଇନ୍ କିଚେନ୍ ସୁବିଧା ମଧ୍ୟ ରହିଛି। ଏଥିରେ ବିଭିନ୍ନ ରୋଷେଇ ସାମଗ୍ରୀ ପରିବହନ କରୁଥିବା ବେଳେ ସେ ନିଜ ଖାଇବା ପ୍ରସ୍ତୁତ କରିଥାନ୍ତି। ଏହା ଦ୍ୱାରା ଖର୍ଚ୍ଚ କମ୍ ହେଉଥିବା ବେଳେ ଫୁଡ ପଏଜନିଂର ସମ୍ଭାବନା ନଥାଏ ବୋଲି ସେ କହିଛନ୍ତି।



# ଭାରତର ବ୍ୟାଟିଂ ଆଭିମୁଖ୍ୟ ଉପରେ ନଜର



ଶିଖର ଧାୱନ ଓ ଶୁବମନ ଗିଲ୍। (ଫାଇଲ ଫଟୋ)

ହାମିଲଟନ୍, ୨୬।୧୧(ପି.ଟି.)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ପରାଜିତ ହେବା ପରେ ରବିବାର ହାମିଲଟନରେ ଭାରତ ଖେଳିବ ଦ୍ୱିତୀୟ ମ୍ୟାଚ୍। ଏହି ମ୍ୟାଚରେ ଭାରତର ବ୍ୟାଟିଂ ଲାଇନଅପ୍ ଓ ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିବ। ପ୍ରଥମ ମ୍ୟାଚରେ ଭାରତୀୟ ଦଳ ୩୦୬ ରନ୍ କରିଥିଲେ ହେଁ ଦଳ ପରାଜିତ ହୋଇଥିଲା। ବ୍ୟାଟିଂ ଅନୁକୂଳ ପିଚ୍‌ରେ ଭାରତୀୟ ଖେଳାଳି ଦ୍ରୁତ ରନ୍ ସଂଗ୍ରହରେ ବିଫଳ ହୋଇଥିଲେ। ପ୍ରଥମ ମ୍ୟାଚରେ ଭାରତର ଦୁଇ ଓପନର ଶତକୀୟ ଭାଗୀଦାରି କରିଥିଲେ ହେଁ ଉଭୟଙ୍କ ଷ୍ଟ୍ରାଇକ୍ ରେଟ୍ ୧୦୦ରୁ କମ୍ ରହିଥିଲା। ଶେଷ ଆଡକୁ ୱାଶିଂଟନ୍ ସୁନ୍ଦରଙ୍କ ବିସ୍ଫୋରକ ବ୍ୟାଟିଂ ଭାରତକୁ ଏକ ଭଲ ସ୍କୋର ପ୍ରଦାନ କରିଥିଲା।

**ଆଜି ଦ୍ୱିତୀୟ ଦିନିକିଆ**

ତେବେ ଭାରତ ନିକଟରେ ମାତ୍ର ୫ ଜଣ ବୋଲର ରହିଥିବା ବେଳେ ଏହା ଭାରତକୁ କ୍ଷତି ପହଞ୍ଚାଇଥିଲା। ଅର୍ଶଦୀପ ସିଂ ଓ ଯୁଜବେନ୍ଦ୍ର ଚହଲ ମହଙ୍ଗା ସାବ୍ୟସ୍ତ ହୋଇଥିବା ବେଳେ କୋଟା ପୂରଣ କରିବା ବ୍ୟତୀତ ଧାୱନଙ୍କ ପାଖରେ ଆଉ କିଛି ବିକଳ୍ପ ନ ଥିଲା। ପାୱାର ପ୍ଲେରେ ଭାରତୀୟ ଦଳର ଆପ୍ରୋଚ୍ ଅତ୍ୟନ୍ତ ଧିମା ରହିଥିଲା। ଅନେକ ପୂର୍ବତନ ଖେଳାଳି ଭାରତର ଏହି ଆଭିମୁଖ୍ୟକୁ ସମାଲୋଚନା କରିଥିଲେ। ଭାରତୀୟ ବ୍ୟାଟରମାନେ ବାଉଣ୍ଡ୍ରି ମାରିବାରେ ସମର୍ଥ ହେଉଥିଲେ ମଧ୍ୟ ଅନେକ ଡଟ୍ ବଲ ଖେଳିଥିଲେ। ସେହିପରି ଶ୍ରେୟାସ ଆୟର ରନ୍ ସଂଗ୍ରହ କରିଥିଲେ ମଧ୍ୟ ପୁନର୍ବାର ଶର୍ଟ ବଲ୍‌ର ଶିକାର ହୋଇଥିଲେ। ରିଷଭ ପନ୍ତଙ୍କ ବ୍ୟାଟିଂ ମଧ୍ୟ ଭାରତୀୟ ଦଳ ପାଇଁ ଆଉ ଏକ ଚିନ୍ତାର କାରଣ ପାଲଟିଛି। ଟି୨୦ ଅପେକ୍ଷା ଦିନିକିଆରେ ତାଙ୍କର ଷ୍ଟ୍ରାଇକ ରେଟ୍ ଓ ଆଭରେଜ୍ ଭଲ ରହିଥାଏ । ମାତ୍ର ଚଳିତ ନ୍ୟୁଜିଲାଣ୍ଡ ଗସ୍ତରେ ତାଙ୍କ ଫର୍ମ ସେମିତି ରହିନାହିଁ। ସେହିପରି ଷଷ୍ଠ ବୋଲିଂ ବିକଳ୍ପ ପାଇଁ ଭାରତ ସାମସନ୍ କିମ୍ବା ପନ୍ତଙ୍କ ସ୍ଥାନରେ ଦୀପକ ହୁଡାଙ୍କୁ ଖେଳାଇପାରେ। ସେହିପରି ଅର୍ଶଦୀପ ସିଂଙ୍କ ସ୍ଥାନରେ ଦୀପକ ଚହରଙ୍କୁ ସାମିଲ କରିପାରେ। ଚହଲଙ୍କ ସ୍ଥାନରେ କୁଲଦୀପ୍ ଯାଦବଙ୍କୁ ଗୋଟିଏ ସୁଯୋଗ ପ୍ରଦାନ କରିପାରେ। ସେଡନ୍ ପାର୍କରେ ପରିବେଶ ବ୍ୟାଟିଂ ଅନୁକୂଳ ରହୁଥିବା ବେଳେ ଏଠାରେ ଚେଜ୍ କରିବା ହିଁ ସହଜ ରହିଥାଏ। ଟସ୍ ଜିତିବା ଦଳ ନିଶ୍ଚିତ ଭାବରେ ବୋଲିଂ କରିବାକୁ ପସନ୍ଦ କରିବ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ